ବର୍ଷ-୨୫, ସଂଖ୍ୟା-୧୩୨
ଭୁବନେଶ୍ୱର
୧୫, ମଇ, ୨୦୨୫ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 132
Bhubaneswar
15,May, 2025, Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat

ଚହଲଙ୍କ ବାନ୍ଧବୀ ମହବସଙ୍କୁ ଡେଙ୍ଗୁ



## ୬ ପ୍ରସ୍ତାବ ଉପରେ ମୋହର
# ଉଚ୍ଚଶିକ୍ଷାରେ ନୂଆ ସଂରକ୍ଷଣ

**ଭୁବନେଶ୍ୱର,୧୪।୫(ମହାଭାରତ):** ରାଜ୍ୟ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ୬ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଶିକ୍ଷାନୁଷ୍ଠାନ ଗୁଡିକରେ ନୂଆ ସଂରକ୍ଷଣ ନିୟମ ଲାଗୁ କରିବା ନେଇ ପ୍ରସ୍ତାବ ଉପରେ କ୍ୟାବିନେଟର ମୋହର ବାଜିଥିବା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗକୁ ସଂରକ୍ଷଣ ମିଳିବ । ସେହିପରି ଅନୁସୂଚିତ ଜାତି ଓ ଜନଜାତି ପାଇଁ ପୂର୍ବରୁ ଯାହା ସଂରକ୍ଷଣ ବ୍ୟବସ୍ଥା ଥିଲା ତାହା ବଳବତର ରହିବ ବୋଲି ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ।ସେହିପରି ରାଜ୍ୟରେ ମମତା ଓ ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନାଲାଗୁ ହେବ । ଝିଅ ଜନ୍ମ ହେଲେ ମହିଳା ପୂର୍ବରୁ ୧୦ ହଜାର ଟଙ୍କା ପାଉଥିବା ବେଳେ ବର୍ତ୍ତମାନ ୧୨ ହଜାର ଟଙ୍କା ପାଇବେ । ଅଙ୍ଗନବାଡି କର୍ମୀଙ୍କୁ ୨୫୦ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ଦିଆଯିବ ଏବଂ ଅଙ୍ଗନବାଡି ସହାୟିକାଙ୍କୁ ୧୫୦ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବାକୁ କ୍ୟାବିନେଟ୍ ରେ ନିଷ୍ପତି ହୋଇଛି ।

ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ, ସାମାଜିକ ଓ ଅର୍ଥନୈତିକ ଭାବେ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ନାମଲେଖାରେ ୧୧.୨୫% ଆସନ ସଂରକ୍ଷଣ ଲାଗୁ କରାଯିବ । ଏହି ନୀତି ଚଳିତ ଶିକ୍ଷାବର୍ଷ ୨୦୨୫-୨୬ ରୁ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ ଓ ଅନୁଦାନପ୍ରାପ୍ତଉଚ୍ଚଶିକ୍ଷାନୁଷ୍ଠାନମାନଙ୍କରେ ପ୍ରଚଳନ କରାଯିବ । ଏହି ସଂରକ୍ଷଣ ବ୍ୟବସ୍ଥା ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସ୍ନାତକ, ସ୍ନାତକୋତର, ଶିକ୍ଷକ-ଶିକ୍ଷା ଓ



ଆଇନ ପାଠ୍ୟକ୍ରମ ଅନୁଷ୍ଠାନ ଗୁଡିକରେ ଲାଗୁହେବ । ଏହା ସହିତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଉଚ୍ଚମାଧ୍ୟମିକ (+୨), ଶିକ୍ଷକ-ଶିକ୍ଷା ଓ ବୃତିମୂଳକ ପାଠ୍ୟକ୍ରମ ଥିବା ଅନୁଷ୍ଠାନ ଗୁଡିକରେ ମଧ ଲାଗୁହେବ । ଏହା ବ୍ୟତୀତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ପ୍ରଦର୍ଶନ କଳାରେ ସ୍ନାତକ ପାଠ୍ୟକ୍ରମ ଏବଂ କ୍ରୀଡା ଓ ଯୁବସେବା ବିଭାଗର ବ୍ୟାଚେଲର ଅଫ୍ ଫିଜିକାଲଏଜୁକେସନ୍ ଓ ମାଷ୍ଟର ଅଫ ଫିଜିକାଲଏଜୁକେସନ ପାଠ୍ୟକ୍ରମରେ ମଧ ଲାଗୁ କରାଯିବ । ଏହା ସହିତ ଏହି ଅନୁଷ୍ଠାନ ମାନଙ୍କରେ ଅନୁସୂଚିତ ଜନଜାତି ବର୍ଗର ଛାତ୍ରଛାତ୍ରୀ ମାନଙ୍କ ଲାଗି ୨୨.୫ ପ୍ରତିଶତ, ଅନୁସୂଚିତ ଜାତି ବର୍ଗର ଛାତ୍ରଛାତ୍ରୀ ମାନଙ୍କ ଲାଗି ୧୬.୨୫ ପ୍ରତିଶତ, ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନଙ୍କ ଲାଗି ୫ ପ୍ରତିଶତ ଓ ପୂର୍ବତନ ସେନାନୀଙ୍କ ପରିବାର ସଦସ୍ୟଙ୍କ ଲାଗି ୧ ପ୍ରତିଶତ ଆସନ ସଂରକ୍ଷଣ ସମାନ ରୂପେ ପ୍ରଚଳନ କରାଯିବ । ଏହି ଐତିହାସିକ ନିଷ୍ପତି ଦ୍ୱାରା ସାମାଜିକ ଓ ଅର୍ଥନୈତିକ ଭାବେ ପଛୁଆ ବର୍ଗର ଛାତ୍ରଛାତ୍ରୀମାନଙ୍କର ଶିକ୍ଷା କ୍ଷେତ୍ରରେ ସାମାଜିକ ନ୍ୟାୟ ପାଇଁ ଯେଉଁ ଦୀର୍ଘଦିନର ଅପେକ୍ଷା ଥିଲା ତାହାର ଅନ୍ତ ହୋଇଛି ।

ମୟୂରଭଞ୍ଜ ଜିଲ୍ଲାସ୍ଥିତ ଯଶିପୁର ବ୍ଲକର ଅଁଳାବେଣୀରେ ଆଫ୍ଲକ୍ସ ବନ୍ଧ ସହିତ ଖଇରିବନ୍ଧନ ବ୍ୟାରେଜ ପ୍ରକଳ୍ପ ନିର୍ମାଣ" ପାଇଁ ୯୭ କୋଟି୯୮ ଲକ୍ଷ୭୫୫ ଟଙ୍କାର ଟେଣ୍ଡରକୁ ଆଜି ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି ।ଏହି ବ୍ୟାରେଜ୍ ପ୍ରକଳ୍ପ ନିର୍ମାଣ ଦ୍ୱାରା ଏହି ମରୁଡ଼ି ପ୍ରବଣ ଅଞ୍ଚଳରେ ବସବାସ କରୁଥିବା ପଛୁଆ, ଦୁର୍ବଳ ଏବଂ ଆଦିବାସୀ ଗୋଷ୍ଠୀଙ୍କ ପାଇଁ ଦୀର୍ଘକାଳୀନ ଖରିଫ ଜଳସେଚନ ସୁବିଧା ମିଳିବ । ଏହି ପ୍ରକଳ୍ପକୁ ୩୦ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବାର ଲକ୍ଷ୍ୟ ରଖାଯାଇଛି ।ଏହି ପ୍ରକଳ୍ପ ଦ୍ୱାରା ମୟୂରଭଞ୍ଜ ଜିଲ୍ଲାର ଯଶୀପୁର, ରରୁଆଁ ଏବଂ ଶୁକୃଳି ବ୍ଲକର ୪୭ ଟି ଗ୍ରାମର ୬୯୫୦ ହେକ୍ଟର ଚାଷଜମିକୁ ଭୂତଳ ପାଇପଲାଇନ ଜଳବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ଖରିଫ ଜଳସେଚନ ସୁବିଧା ଯୋଗାଇ ଦିଆଯିବ ।

କେନ୍ଦୁଝର ଜିଲ୍ଲାର କେନ୍ଦୁଝର ତହସିଲ ଅନ୍ତର୍ଗତ ମୌଜା-ସୁଲେଇ ଖମାର, ସାତ ଶିଙ୍ଗା, ଗମ୍ଭାରିଆ ଓ ବ୍ରାହ୍ମଣ ଗାଁରେ ଧରଣୀଧର ବିଶ୍ୱବିଦ୍ୟାଳୟର ଉତ୍ତର ଏବଂ ଦକ୍ଷିଣ କ୍ୟାମ୍ପସ ପ୍ରତିଷ୍ଠା ନିମନ୍ତେ ୪୦ ଏକର ୧୯୭ ଡି. ସରକାରୀ ଜମି ଦେୟମୁକ୍ତ ସହିତ ଲିଜ୍ ସୂତ୍ରରେ ପ୍ରଦାନ କରିବା ନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ଆଗତ କରାଯାଇଥିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛନ୍ତି ।

ମମତା ଓ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନାର ମିଳିତ ଭାବେ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ କ୍ୟାବିନେଟ୍ ମମତା-ପିଏମଏମଭିୱାଇ ଯୋଜନା ଅଧୀନରେ ସହାୟତା ବୃଦ୍ଧି କରିବା ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ଗର୍ଭବତୀ ଓ ପ୍ରସୂତି ମା' ମାନଙ୍କ ସହିତ ସେମାନଙ୍କ ଶିଶୁ ମାନଙ୍କର ସ୍ୱାସ୍ଥ୍ୟ ଓ ପୁଷ୍ଟିରେ ସୁଧାର ଆଣିବା ଏବଂ ମାତୃ ଓ ଶିଶୁ ମୃତ୍ୟୁହାରକୁ ହ୍ରାସ କରିବା । ଯୋଜନାର ଆକଳନ ବଜେଟ୍ ୫ ବର୍ଷ ପାଇଁ ୧୬୩୦.୧୦ କୋଟି ଟଙ୍କା ରଖାଯାଇଛି ।ଏଥିରେ ଥିବା ବର୍ଦ୍ଧିତ ସୁବିଧା ଏବଂ ପ୍ରୋତ୍ସାହନ ରାଶି ୧ ଏପ୍ରିଲ, ୨୦୨୫ ରୁ ଲାଗୁ ହେବ ।

## ସେନାର ନୂଆ ବଳ 'ଭାର୍ଗବାସ୍ତ୍ର'

**ନୂଆଦିଲ୍ଲୀ,୧୪।୫(ମହାଭାରତ):** ଭାରତ ସଫଳତାର ସହ ଏକ ନୂଆ କମ୍ ମୂଲ୍ୟର କାଉଣ୍ଟର-ଡ୍ରୋନ ସିଷ୍ଟମ 'ଭାର୍ଗବାସ୍ତ୍ର'ର ପରୀକ୍ଷଣ କରିଛି, ଯାହା ବୃଦ୍ଧି ପାଉଥିବା ଡ୍ରୋନ ସ୍ୱାର୍ମର ବିପଦକୁ ମୁକାବିଲା କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ଅଟେ । ଏହି ସିଷ୍ଟମର ମାଇକ୍ରୋ ରକେଟଗୁଡ଼ିକ ମଙ୍ଗଳବାର ଓଡ଼ିଶାର ଗୋପାଳପୁରସ୍ଥିତ ସିୱାର୍ଡ ଫାୟାରିଂ ରେଞ୍ଜରେ ସଫଳତାର ସହ ପରୀକ୍ଷଣ କରାଯାଇଥିଲା, ଯାହା ସମସ୍ତ ନିର୍ଦ୍ଦିଷ୍ଟ ପ୍ରଦର୍ଶନ ଲକ୍ଷ୍ୟକୁ ପୂରଣ କରିଛି ।ହାର୍ଡ କିଲ୍ ମୋଡରେ ଡିଜାଇନ କରାଯାଇଥିବା ଭାର୍ଗବାସ୍ତ୍ର ୨.୫ କିଲୋମିଟର ଦୂରତା ପର୍ଯ୍ୟନ୍ତ ଛୋଟ ଏବଂ ଆସୁଥିବା ଡ୍ରୋନଗୁଡ଼ିକୁ ଚିହ୍ନଟ ଓ ନିଷ୍କ୍ରିୟ କରିବା ପାଇଁ ଉନ୍ନତ କ୍ଷମତା ରହିଛି ।



ସୋଲାର ଡିଫେନ୍ସ ଆଣ୍ଡ ଏରୋସ୍ପେସ ଲିମିଟେଡ ଦ୍ୱାରା ବିକଶିତ ଏହି ରକେଟ ପାଇଁ ତିନୋଟି ପରୀକ୍ଷଣ ଆର୍ମୀ ଏୟାର ଡିଫେନ୍ସ (ଆଡ)ର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ କରାଯାଇଥିଲା । ଦୁଇଟି ପରୀକ୍ଷଣରେ ଗୋଟିଏ ଲେଖାଏଁ ରକେଟ ଫାୟାର କରାଯାଇଥିଲା । ଏକ ପରୀକ୍ଷଣରେ ଦୁଇ ସେକେଣ୍ଡ ମଧ୍ୟରେ ଦୁଇଟି ରକେଟ ସାଲଭୋ ମୋଡରେ ଫାୟାର କରାଯାଇଥିଲା । ସମସ୍ତ ଚାରିଟି ରକେଟ ଆଶାନୁରୂପ ପ୍ରଦର୍ଶନ କରି ଆବଶ୍ୟକ ଲଞ୍ଚ ପାରାମିଟର ହାସଲ କରିଥିଲା, ଯାହା ବୃହତ ଡ୍ରୋନ ଆକ୍ରମଣକୁ ରୋକିବାରେ ଏହାର ଅଗ୍ରଣୀ ପ୍ରଯୁକ୍ତିକୁ ଜୋରଦାର କରୁଛି । ଭାର୍ଗବାସ୍ତ୍ର ଅନଗାଇଡେଡ ମାଇକ୍ରୋ-ରକେଟଗୁଡ଼ିକୁ ପ୍ରଥମ ସ୍ତରର ପ୍ରତିରକ୍ଷା ଭାବେ ବ୍ୟବହାର କରେ, ଯାହା ୨୦ ମିଟରର ମାରାତ୍ମକ ବ୍ୟାସରେ ଡ୍ରୋନ ସ୍ୱାର୍ମକୁ ନିଷ୍କ୍ରିୟ କରିବାରେ ସକ୍ଷମ, ଏବଂ ଗାଇଡେଡ ମାଇକ୍ରୋ-ମିସାଇଲ (ଯାହା ପୂର୍ବରୁ ପରୀକ୍ଷଣ କରାଯାଇଛି) ଦ୍ୱିତୀୟ ସ୍ତର ଭାବେ ସଠିକତା ସହ ନିଷ୍କ୍ରିୟକରଣ ନିଶ୍ଚିତ କରେ ।

## ୨୮ରେ ପାର୍ସଲ ବୋମା ମାମଲାର ରାୟ

ପାଟଣାଗଡ଼,୧୪।୫(ମହାଭାରତ): ବହୁଚର୍ଚ୍ଚିତ ବଲାଙ୍ଗୀର ଜିଲା ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ବୁଧବାର ଉଭୟ ପକ୍ଷର ଓକିଲଙ୍କ ମଧ୍ୟରେ ପାଟଣାଗଡ଼ ଅତିରିକ୍ତ ଜିଲା ଦୌରାଜଜଙ୍କ କୋର୍ଟରେ ବିତର୍କ ପ୍ରକିୟା ଶେଷ ହୋଇଯାଇଛି । ଆସନ୍ତା ୨୮ରେ ଏହି ମାମଲାର ରାୟ ପ୍ରକାଶ ପାଇବ । ଅଭିଯୁକ୍ତ ପୁଞ୍ଜିଲାଲଙ୍କୁ କ'ଣ ଦଣ୍ଡ ମିଳିବ, ଯଦି ମିଳିବ ତା'ହେଲେ କି ପ୍ରକାର ଦଣ୍ଡ ମିଳିବ ଏବେ ତା'ଉପରେ ସମସ୍ତଙ୍କର ନଜର ରହିଛି । ମାମଲାର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ ବଲାଙ୍ଗୀର ଜେଲରୁ ଆଜି ମଧ କଡ଼ାସୁରକ୍ଷା ବଳୟ ଭିତରେ ପାଟଣାଗଡ଼ କୋର୍ଟକୁ ଅଣାଯାଇଥିଲା । କୋର୍ଟରେ ଉଭୟ ପକ୍ଷର ଓକିଲ ଶେଷ ପ୍ରକ୍ରିୟାର ବିତର୍କ କରିଥିଲେ । ଏହି ବିତର୍କକୁ ଶୁଣିବା ପାଇଁ ପୁଞ୍ଜିଲାଲ ପରିବାର ବର୍ଗ, ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ ।

ପୀଡ଼ିତା ପରିବାରଙ୍କ ଓକିଲ ଚିତ୍ତରଞ୍ଜନ କାନୁନଗୋଙ୍କ କହିବା ଅନୁସାରେ, ଅଭିଯୁକ୍ତଙ୍କ ବିରୋଧରେ ଯାହାସବୁ ତଥ୍ୟ ମିଳିଥିଲା ତାକୁ ଆମେ ସମ୍ପୂର୍ଣ୍ଣ ଭାବରେ ତଥ୍ୟ ଆଧାରରେ କୋର୍ଟରେ ପ୍ରମାଣ କରିଛୁ । ଠିକ୍ ଭାବରେ ତଦନ୍ତ ପ୍ରକ୍ରିୟା ହୋଇଛି । ଏପରିକି ଯାହା ଆମେ ଉପସ୍ଥାପନ କରିଛୁ ନ୍ୟାୟ ପାଇବା ନିଶ୍ଚିତ ବୋଲି କାନୁନଗୋ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# ତ୍ରିରଙ୍ଗା ଯାତ୍ରା ଆତଙ୍କବାଦ ବିରୁଦ୍ଧରେ ଅଭିଯାନକୁ ଆହୁରି ସଶକ୍ତ କରିବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୪।୫(ମହାଭାରତ): ଆତଙ୍କବାଦ ବିରୋଧୀ ଅଭିଯାନ, ଅପରେସନ୍ ସିନ୍ଦୁର'ର ସଫଳତା ପରେ ଆଜି ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିଅମ ଠାରେ ଏକ ତ୍ରିରଙ୍ଗା ବାଇକ୍ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଏହି ବାଇକ୍ ଯାତ୍ରାକୁ ପତାକା ଦେଖାଇ ଉଦ୍ଘାଟନ କରିଥିଲେ । ଏହି ଯାତ୍ରା, ସକାଳ ୮ଟାରେ କଳିଙ୍ଗ ଷ୍ଟାଡିଅମ ଠାରୁ ଆରମ୍ଭ ହୋଇ ରାଜଭବନ ପର୍ଯ୍ୟନ୍ତ ହୋଇଥିବା ବେଳେ, ପୋଲିସ ବାହିନୀ, ସୁରକ୍ଷା ବାହିନୀ, ଲୋକପ୍ରତିନିଧି ଏବଂ ସାଧାରଣ ଜନତା ଏହି ରାଲିରେ, ନିଜ ସହିତ ତ୍ରିରଙ୍ଗା ପତାକା ଧରି ବାଇକ ଚଳାଇ ବନ୍ଦେ ମା ତରଂ ଧ୍ୱନି ଦେଇ ସହର ପରିକ୍ରମା କରିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେଯେ, ଅପରେସନ୍ ସିନ୍ଦୁର'ର ସଫଳତା ପରେ ଆଜିର ଏହି ତ୍ରିରଙ୍ଗା ବାଇକ୍ ଯାତ୍ରା ଆତଙ୍କବାଦ ବିରୁଦ୍ଧରେ ଦେଶର ଅଭିଯାନକୁ ଆହୁରି ସଶକ୍ତ କରିବ । ଜାତି, ଧର୍ମ ନିର୍ବିଶେଷରେ ସବୁ ଭାରତୀୟ ତ୍ରିରଙ୍ଗା ତଳେ, ଯେତେବେଳେ ଏକଜୁଟ୍ ହେବେ, ସେତେବେଳେ କୌଣସି ଶକ୍ତି ଆମ ବିରୁଦ୍ଧରେ ସଫଳ ହେବେ ନାହିଁ । ତ୍ରିରଙ୍ଗାର ତିନି ରଙ୍ଗ ଆମକୁ ଶ୍ରଦ୍ଧା ଓ ସୌହାର୍ଦ୍ଦ୍ୟର ଆଦର୍ଶରେ ଅନୁପ୍ରାଣୀତ କରିଥାଏ । ଆମ ଜାତୀୟ ପତାକା



ଆମର ସଂକଳ୍ପ, ସଂଘର୍ଷ, ବଳିଦାନ ଓ ତ୍ୟାଗର ପ୍ରେରଣାଦାୟୀ ମୁକସାକ୍ଷୀ ।

ଗତବର୍ଷ ଅଗଷ୍ଟ ୧୪ ତାରିଖରେ ମଧ ତ୍ରିରଙ୍ଗା ଯାତ୍ରାରେ ମୁଁ ଯୋଗ ଦେଇଥିଲି । ସମସ୍ତଙ୍କ ଭିତରେ ଥିବା ଅଭୂତପୂର୍ବ ଉତ୍ସାହକୁ ଦେଖି ମୁଁ ନିଜେ ମଧ ଖୁବ୍ ଉତ୍ସାହିତ ହୋଇଥିଲି । ଆଜି ମଧ ଠିକ୍ ସେହିଭଳି ପରିସ୍ଥିତି ଆସିଛି । ଅପରେସନ୍ ସିନ୍ଦୁର'ର ସଫଳତା ଆମର ମା'ମାନଙ୍କ ଓ ଭଉଣୀମାନଙ୍କ ସଂକଳ୍ପର ସଫଳତା । ଆମର ସେନାବାହିନୀର ବୀର ଜବାନମାନେ ସିନ୍ଦୁର'ର ମର୍ଯ୍ୟାଦା ରଖିଛନ୍ତି । ସେଥିପାଇଁ ମୁଁ ଆମ ଦେଶର ବୀର ଜବାନ ମାନଙ୍କୁ ପୁଣି ଥରେ ହୃଦୟରୁ କୋଟି ସମ୍ମାନ ଜଣାଉଛି ବୋଲି ସେ କହିଥିଲେ । ସେ ପୁଣି କହିଥିଲେଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନେତୃତ୍ୱରେ ଆମେ ସବୁ ଭାରତୀୟ ନିରାପଦ । ପ୍ରଧାନମନ୍ତ୍ରୀ ମୋଦୀଜୀ କହିଛନ୍ତି ପ୍ରତ୍ୟେକ ଭାରତୀୟ ଶାନ୍ତି ଓ ସୁରକ୍ଷାର ସହ ରହିବା ପାଇଁ ଭାରତବର୍ଷ ଶକ୍ତିଶାଳୀ ହେବା ଜରୁରୀ । ଆବଶ୍ୟକ ପଡିଲେ ଆମ ପାଇଁ ଶକ୍ତି ପ୍ରଦର୍ଶନ ମଧ ଜରୁରୀ ଏବଂ ମୋଦୀଜୀ ଏହାକୁ ଅପରେଶନ ସିନ୍ଦୁରରେ ପ୍ରମାଣିତ କରି ଦେଖାଇଛନ୍ତି । ପରମାଣୁ ଶକ୍ତିର ବ୍ଲାକ୍‌ମେଲିଂକୁ ଭାରତ ଭ୍ରୂକ୍ଷେପ କରିବ ନାହିଁ ବୋଲି ମୋଦୀଜୀଙ୍କ ଯେଉଁ ଦୃଢ ଚେତାବନୀ ଆଜି ସାରା ବିଶ୍ୱରେ ପ୍ରତିଧ୍ୱନିତ ହେଉଛି । ଶତ୍ରୁର ପ୍ରତ୍ୟେକ ଆହ୍ୱାନର ଉଚିତ୍ ଜବାବ ଦେବା ପାଇଁ ଆମ ସେନାବାହିନୀ ସଂପୂର୍ଣ୍ଣ ପ୍ରସ୍ତୁତ ।

ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ, ରବି ନାରାୟଣ ନାୟକ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ଶ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମବାୟ ଓ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶିଳ୍ପ ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ ।

## ବିଏସଏଫ ଯବାନଙ୍କୁ ଛାଡ଼ିଲା ପାକିସ୍ତାନ

ନୂଆଦିଲ୍ଲୀ,୧୪।୫: ପାକିସ୍ତାନ ରେଞ୍ଜର୍ସ କବଜାରେ ଥିବା ବିଏସ୍ଏଫ କନଷ୍ଟେବଳ ପୂର୍ଣ୍ଣମ କୁମାର ଶ ୨୦ ଦିନ ପରେ ଆଜି ଭାରତ ଫେରିଛନ୍ତି । ପ୍ରୋଟୋକଲ ଅନୁଯାୟୀ ପାକିସ୍ତାନ ତରଫରୁ ତାଙ୍କୁ ଭାରତକୁ ହସ୍ତାନ୍ତର କରାଯାଇଥିବା ବିଏସ୍ଏଫ୍ ପକ୍ଷରୁ କୁହାଯାଇଛି ।

ବିଏସ୍ଏଫ୍ ତରଫରୁ ଜାରି କରାଯାଇଥିବା ବିବୃତିରେ କୁହାଯାଇଛି, ଆଜି ସକାଳ ସାଢେ ୧୦ଟାରେ କନଷ୍ଟେବଳ ପୂର୍ଣ୍ଣମ କୁମାର ଶ'ଙ୍କୁ ପାକିସ୍ତାନରୁ ଫେରାଇ ଅଣାଯାଇଛି । ଅଟ୍ଟାରୀ-ୱାଘା ସୀମାରେ ପାକିସ୍ତାନ ତରଫରୁ ତାଙ୍କୁ ବିଏସଏଫକୁ ହସ୍ତାନ୍ତର କରାଯାଇଥିଲା । କନଷ୍ଟେବଳ ପୂର୍ଣ୍ଣମ କୁମାର ଶ ଗତ ଏପ୍ରିଲ ୨୩ ତାରିଖରେ ଫିରୋଜପୁର ସେକ୍ଟରରେ କାର୍ଯ୍ୟରତ ଥିବା ବେଳେ ଦିନ ପ୍ରାୟ ୧୧ଟା ୫୦ରେ ଅଜାଣତରେ ପାକିସ୍ତାନୀ ସୀମା ଭିତରକୁ ଚାଲିଯାଇଥିଲେ । ଫଳରେ ପାକିସ୍ତାନ ରେଞ୍ଜର୍ସ ତାଙ୍କୁ କବଜାକୁ ନେଇ ଅଟକ ରଖିଥିଲା ।ବିଏସ୍ଏଫ ଯବାନ ପୂର୍ଣ୍ଣମ କୁମାର ଶ ପାକିସ୍ତାନରୁ ଫେରି ଆସିଥିବା ଖବର ପାଇବା ପରେ ତାଙ୍କ ପରିବାର ଲୋକେ ଖୁସି ପ୍ରକଟ କରିଛନ୍ତି । ସେମାନେ ଭାରତ ସରକାର ଓ ବିଏସ୍ଏଫକୁ ଧନ୍ୟବାଦ ଦେଇଛନ୍ତି । ଗତ ୨୦ ଦିନ ହେଲାଣି ପୂର୍ଣ୍ଣମଙ୍କ ପରିବାର ଲୋକେ ଅନିଶ୍ଚିତତା ମଧ୍ୟରେ ଦିନ କାଟୁଥିଲେ । ରାତିରେ ସେମାନେ ଶୋଇପାରୁ ନଥିଲେ । ପୂର୍ଣ୍ଣମ କେମିତି ଅବସ୍ଥାରେ ଅଛନ୍ତି, ତାହା ଭାବି ସେମାନେ ଚିନ୍ତିତ ଥିଲେ । ପାକିସ୍ତାନରୁ ମୁକ୍ତ ହୋଇ ଭାରତ ଫେରି ଆସିଥିଲେ ହେଁ ପଶ୍ଚିମବଙ୍ଗର ପୂର୍ଣ୍ଣମ କୁମାର ଶ ତାଙ୍କ ଘରକୁ ଯାଇ ନାହାନ୍ତି । ପରିବାର ଲୋକେ ତାଙ୍କୁ ବ୍ୟଗ୍ରତାର ସହିତ ଅପେକ୍ଷା କରିଛନ୍ତି ।

ପୂର୍ଣ୍ଣମ କୁମାର ଶ' ସୁରକ୍ଷିତ ଭାବେ ଫେରି ଆସିବା ପରେ ତୃଣମୂଳ କଂଗ୍ରେସ ଏକ୍ସରେ ଏକ ପୋଷ୍ଟ କରି କହିଛି, ଅନେକ ଦିନର ଅନିଶ୍ଚିତତା ପରେ ଶେଷରେ ସେ ଘରକୁ ବାହୁଡ଼ିଛନ୍ତି । ମମତା ବାନାର୍ଜୀ ବ୍ୟକ୍ତିଗତ ଭାବେ ଏକାଧିକ ଥର ତାଙ୍କ ପରିବାର ସହିତ ଯୋଗାଯୋଗ କରିଥିଲେ । ସେମାନଙ୍କୁ ପ୍ରତିଶ୍ରୁତି ଦେବା ସହିତ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରିବେ ବୋଲି କହିଥିଲେ ।

## ଶିକ୍ଷକ ବଦଳିରେ କୌଣସି ପ୍ରକାର ଦୁର୍ନୀତି ହେବନି : ମନ୍ତ୍ରୀ

ଭୁବନେଶ୍ୱର, ୧୪।୫(ମହାଭାରତ): ଶିକ୍ଷକ ବଦଳିରେ କୌଣସି ପ୍ରକାର ଦୁର୍ନୀତି ହେବନି ବୋଲି କହିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ।ମନ୍ତ୍ରୀ କହିଛନ୍ତି ଯେ, ବିଧାୟକ ହେଉଛନ୍ତି ଲୋକ ପ୍ରତିନିଧି ।ଶିକ୍ଷକ ମାନେ ବିଭିନ୍ନ ସମୟରେ ତାଙ୍କର ସମସ୍ୟା ନେଇ ଲୋକ ପ୍ରତିନିଧିଙ୍କ ପାଖକୁ ଯାଇଥାନ୍ତି । କେଉଁ ସ୍କୁଲ ରେ କଣ ଆବଶ୍ୟକତା ରହିଛି ସେହି ଅନୁସାରେ ବିଧାୟକ ସାଂସଦ ବଦଳି ପାଇଁ ସୁପାରିଶ କରିପାରିବେ । ନିଜ ନିର୍ବାଚନ ମଣ୍ଡଳୀ ଭିତରେ ପରିସ୍ଥିତିକୁ ଦେଖି ଖାଲି ଥିବା ପଦବୀ, ଯାହାର ଛଅ ବର୍ଷରୁ ଉର୍ଦ୍ଧ୍ୱ ହୋଇଛି ସେମାନଙ୍କର ବଦଳି ପାଇଁ ସୁପାରିଶ କରିପାରିବେ । ଅନେକ ସମୟରେ ଜିଲ୍ଲାରେ ଟ୍ରାନ୍ସଫର ପାଇଁ ଶିକ୍ଷକ ହଇରାଣ ହୋଇଥାନ୍ତି । ବାରମ୍ବାର ଲୋକ ପ୍ରତିନିଧିଙ୍କ ପାଖକୁ ଯାଇଥାନ୍ତି । ଏଥିରେ କୌଣସି ପ୍ରକାର ଦୁର୍ନୀତି ହେବ ନାହିଁ । ଯେଉଁ ମାନେ ବିନା ଟଙ୍କାରେ ଟ୍ରାନ୍ସଫର ପାଇଁ ଯୋଗ୍ୟ ଟ୍ରାନ୍ସଫର ହେବେ । ବିଧାୟକ ମାନେ ଯୋଗ୍ୟ ବିବେଚିତ କରି ସୁପାରିଶ କରିବେ ବୋଲି ସେ କହିଛନ୍ତି ।

## ୟୁପିରେ ହେବ ସେମିକଣ୍ଡକ୍ଟର ୟୁନିଟ୍

ନୂଆଦିଲ୍ଲୀ,୧୪।୫(ମହାଭାରତ): ଇଣ୍ଡିଆ ସେମିକଣ୍ଡକ୍ଟର ମିସନ ଅଧିନରେ ଆଉ ଏକ ସେମିକଣ୍ଡକ୍ଟର ୟୁନିଟ୍ ସ୍ଥାପନକୁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ ବସିଥିବା କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଅନୁମୋଦନ ମିଳିଛି । ଏବେ ଦେଶରେ ୫ଟି ସେମିକଣ୍ଡକ୍ଟର ୟୁନିଟର ନିର୍ମାଣ କାର୍ଯ୍ୟ ଅଗ୍ରଣୀସ୍ତରରେ ଜାରି ରହିଛି । ଏହି ୬ଷ୍ଠ ୟୁନିଟ୍ ସହ ଭାରତ ରଣନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ସେମିକଣ୍ଡକ୍ଟର ଶିଳ୍ପର ବିକାଶ ଦିଗରେ ଆହୁରି ଅଗ୍ରଗତି ହାସଲ କରିଛି ।

ଆଜି ଅନୁମୋଦିତ ୟୁନିଟ୍ ହେଉଛି ଏଚସିଏଲ୍ ଏବଂ ଫକ୍ସକନର ଏକ ଯୌଥ ଉଦ୍ୟୋଗୟ ଏଚସିଏଲର ହାର୍ଡୱେୟାର ବିକାଶ ଏବଂ ଉତ୍ପାଦନର ଏକ ଦୀର୍ଘ ଇତିହାସ ରହିଛି । ଫକ୍ସକନ୍ ଇଲେକ୍ଟ୍ରୋନିକ୍ସ ଉତ୍ପାଦନରେ ବିଶ୍ୱର ଏକ ଅଗ୍ରଣୀ କମ୍ପାନି । ଉଭୟ କମ୍ପାନି ମିଶି ଜେୱାର ବିମାନବନ୍ଦର ନିକଟରେ ଯମୁନା ଏକ୍ସପ୍ରେସୱେ ଶିଳ୍ପ ବିକାଶ ପ୍ରାଧିକରଣ ବା ୱାଇଇଆଇଡିଏରେ ଏକ କାରଖାନା ସ୍ଥାପନ କରିବେ । ଏହି ପ୍ଲାଣ୍ଟ ମୋବାଇଲ୍ ଫୋନ୍, ଲାପଟପ୍, ଅଟୋମୋବାଇଲ୍, ପିସି ଏବଂ ଡିସପ୍ଲେ ଥିବା ଅନ୍ୟାନ୍ୟ ଅନେକ ଡିଭାଇସ୍ ପାଇଁ ଡିସପ୍ଲେ ଡ୍ରାଇଭର୍ ଚିପ୍ସ ଉତ୍ପାଦନ କରିବ । ଏହି ପ୍ଲାଣ୍ଟଟି ପ୍ରତି ମାସରେ ୨୦,୦୦୦ ୱେଫର ପାଇଁ ଡିଜାଇନ୍ କରାଯାଇଛି ।ଡିଜାଇନ୍ ଆଉଟପୁଟ୍ କ୍ଷମତା ପ୍ରତି ମାସରେ ୩୬ ନିୟୁତ ୟୁନିଟ୍ ରହିବ । ସାରା ଦେଶରେ ଏବେ ସେମିକଣ୍ଡକ୍ଟର ଶିଳ୍ପ ସାକାର ରୂପ ନେଉଛି ।ଦେଶର ଅନେକ ରାଜ୍ୟରେ ବିଶ୍ୱସ୍ତରୀୟ ଡିଜାଇନ୍ କେନ୍ଦ୍ର ସ୍ଥାପନ ହୋଇଛି । ଏଥିଲାଗି ରାଜ୍ୟ ସରକାରଗୁଡ଼ିକ ଡିଜାଇନ୍ କମ୍ପାନୀଗୁଡ଼ିକୁ ଜୋରଦାର ପ୍ରୋତ୍ସାହିତ କରୁଛନ୍ତି । ୨୭୦ଟି ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଏବଂ ୭୦ଟି ଷ୍ଟାର୍ଟଅପ୍ର ଉଦ୍ୟୋଗୀମାନେ ନୂତନ ଉତ୍ପାଦ ବିକଶିତ କରିବା ପାଇଁ ଅତ୍ୟାଧୁନିକ ବିଶ୍ୱସ୍ତରୀୟ ଡିଜାଇନ୍ କୌଶଳ ଉପରେ କାମ କରୁଛନ୍ତି । ଏହି ଶିକ୍ଷାନୁଷ୍ଠାନର ଛାତ୍ରମାନଙ୍କ ଦ୍ୱାରା ବିକଶିତ ୨୦ଟି ଉତ୍ପାଦକୁ ଏସସିଏଲ୍ ମୋହାଲି ଦ୍ୱାରା ବ୍ୟବହାର କରାଯାଇଛି । ଆଜି ଅନୁମୋଦିତ ନୂତନ ସେମିକଣ୍ଡକ୍ଟର ୟୁନିଟ୍ ୩୭୦୦ କୋଟି ଟଙ୍କାର ନିବେଶକୁ ଆକର୍ଷିତ କରିବ ।

## କେନାଲରେ ବୁଡ଼ିଗଲେ ଦୁଇ ଭାଇ

ଢେଙ୍କାନା,୧୪।୫(ମହାଭାରତ): ଢେଙ୍କାନାଳ ଜିଲ୍ଲା ସଦର ଥାନା ଭାପୁର ଫାଣ୍ଡି ଅନ୍ତର୍ଗତ ଓଉଖମା ଗ୍ରାମରେ ଆଜି ସନ୍ଧ୍ୟାରେ ଘଟିଛି ଏକ ଦୁଃଖଦ ଘଟଣା । ଗ୍ରାମ ଠାରୁ ଅଳ୍ପ ଦୂରରେ ଥିବା ରେଙ୍ଗାଲି କେନାଲରେ ଆଜି ସନ୍ଧ୍ୟାରେ ଦୁଇ ଭାଇ ବୁଡ଼ିଯାଇ ମୃତ୍ୟୁବରଣ କରିଥିବା ଜଣାଯାଇଛି । ମୃତକ ଦୁଇ ଜଣ ହେଲେ ଓଉଖମା ଗ୍ରାମର ଲାଲା ସାହୁଙ୍କ ଦୁଇ ପୁଅ ଓମ (୧୭) ଓ ସୋମ (୧୫) । ସୂଚନା ଅନୁଯାୟୀ ସଦର ଥାନା ଓଉଖମା ଗ୍ରାମ ମଝୀସାହିର ଲାଲା ସାହୁଙ୍କ ଦୁଇ ପୁଅ ଓମ ଓ ସୋମ ଅସହ୍ୟ ଗୁଳୁଗୁଳି ପାଇଁ ଅପରାହ୍ନରେ ଗ୍ରାମ ଠାରୁ ଅଳ୍ପ ଦୂରରେ ସରାକପାଟଣା ଗ୍ରାମ ନିକଟ ଦେଇ ଯାଇଥିବା ରେଙ୍ଗାଲି କେନାଲ ହୁଡାରେ ବସିଥିଲେ । ତେବେ କୌଣସି କାରଣରୁ ସାନଭାଇ କେନାଲରେ ଖସିପଡ଼ି ଭାସି ଯାଉଥିବାରୁ ତାକୁ ବଡ଼ଭାଇ ବଞ୍ଚାଇବାକୁ ଯାଇ ପାଣିରେ ବୁଡ଼ି ଯାଇଥିଲେ । ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଏକ ଅଟୋ ଯୋଗେ ଢେଙ୍କାନାଳ ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ । ତେବେ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ । ମୃତକ ଓମ ଢେଙ୍କାନାଳ ସିନର୍ଜି ଇଞ୍ଜିନିଅରିଂ କଲେଜରେ ଛାତ୍ର ଥିଲେ । ସୋମ ସ୍ଥାନୀୟ ହାଇସ୍କୁଲରେ ଦଶମ ଶ୍ରେଣୀରେ ପଢୁଥିଲେ ।

# ଅପରେସନ୍ ବ୍ଲାକ୍ ଫରେଷ୍ଟ : ୩୧ ଯବାନ ନିପାତ୍

ମାଲକାନଗିରି,୧୪।୫(ମହାଭାରତ): ଭାରତ-ପାକିସ୍ତାନ ଉତ୍ତେଜନା ମଧ୍ୟରେ ନକ୍ସଲ ବିରୋଧୀ ଅଭିଯାନକୁ ବଡ଼ ସଫଳତା ମିଳିଛି । କାରେଗଟ୍ଟା ଜଂଗଲରେ ଦୀର୍ଘ ୨୦ ଦିନରୁ ଉର୍ଦ୍ଧ୍ୱ ସମୟ ଧରି ଜଙ୍ଗଲରେ ଅପରେସନ ଜାରି ରଖିଥିବା ଯବାନ ଆଜି ସଫଳତାର ସହ ଫେରିଆସିଛନ୍ତି । ଯବାନଙ୍କ ସର୍ଚ୍ଚ ଅପରେସନ୍‌ବେଳେ ୩୧ ନକ୍ସଲ ପ୍ରାଣ ହରାଇଛନ୍ତି ।

ସୀମାନ୍ତ ଛତିଶଗଡ଼ ଏବଂ ତେଲେଙ୍ଗାନା ସୀମାବର୍ତ୍ତୀ ଅଂଚଳରେ ରହିଥିବା ବିଶାଳ ଜଂଗଲରେ ନକ୍ସଲ ସଂଗଠନର ସମସ୍ତ ବଡ଼ବଡ଼ ନେତା ଏବଂ ପିଏଲଜିଏର ଟପ୍ କ୍ୟାଡର ନକ୍ସଲମାନେ ରହିଥିବା ପୁଲିସ ସୂଚନା ପାଇବା ପରେ ଗତ ଏପ୍ରିଲ ୨୧ ତାରିଖରୁ ମେ ୨୧ ଯାଏଁ ୧୦ ହଜାର ଯବାନଙ୍କୁ ନେଇ କାରେଗଟ୍ଟା ଜଂଗଲରେ ଅପରେସନ ଆରମ୍ଭ କରିଥିଲା । ୨୦ ଦିନରୁ ଉର୍ଦ୍ଧ୍ୱ ସମୟ ଧରି ଯବାନ ଜଂଗଲରେ ଅପରେସନ ଜାରି ରଖିଥିଲେ । ଏହି ଜଙ୍ଗଲ ଲମ୍ବା ୬୦ କିଲୋମିଟର ହୋଇଥିବା ବେଳେ ଓସାର ୨୦ କିଲୋମିଟର ଏହି ଅପରେସନରେ ଯବାନ ୩୧ ଜଣ ନକ୍ସଲଙ୍କୁ ମାରିଥିବା ବେଳେ ଏଥିରୁ ୧୬ ଜଣ ମହିଳା ନକ୍ସଲ ଏବଂ ୧୫ ଜଣ ପୁରୁଷ ନକ୍ସଲ ରହିଛନ୍ତି । ତେବେ ଏମାନଙ୍କ ମଧ୍ୟରୁ ୨୮ ନକ୍ସଲଙ୍କର ଚିହ୍ନଟ ହୋଇସାରିଛି ।ଏଥିସହ ୧୮ ଯବାନ ମଧ




ନକ୍ସଲଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଆହତ ହୋଇଛନ୍ତି ।

କାରେଗଟ୍ଟା ଜଂଗଲରେ ହୋଇଥିବା ଅପରେସନ ସଂପର୍କରେ ସିଆରପିଏଫ ଡିଜି ଜ୍ଞାନେନ୍ଦ୍ର ପ୍ରତାପ ସିଂ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ରିପୋର୍ଟ ପ୍ରଦନ କରିଛନ୍ତି । ଏହି ଜଂଗଲରୁ ଯବାନ ୨୫୦ରୁ ଉର୍ଦ୍ଧ୍ୱ ଲ୍ୟାଣ୍ଡମାଇନ ମଧ ଉଦ୍ଧାର କରିଥିଲେ । ଏହ ଅପରେସନରେ ସିଆରପିଏଫ, କୋବ୍ରା, ଏସଟିଏଫ, ଜିଲ୍ଲା ପୁଲିସ ସହ ତେଲେଙ୍ଗାନା ଗ୍ରେହାଉଣ୍ଡ ଏବଂ ଜିଲ୍ଲା ପୁଲିସ ମଧ ସାମିଲ ଥିଲେ ଜଂଗଲର ବିଭିନ୍ନ ସ୍ଥାନରେ ନୂତନ ପୁଲିସ କ୍ୟାମ୍ପ ମଧ ପ୍ରତିଷ୍ଠା କରାଗଲା ।

ଏହି ଅଞ୍ଚଳରେ ଥିବା ଗାଁଗୁଡିକର ଲୋକଙ୍କୁ ସମସ୍ତ ପ୍ରକାର ମାଗଣାରେ ଚାଉଳ, ବିଦ୍ୟୁତ ସେବା, ଶିକ୍ଷା, ସ୍ୱାସ୍ଥ୍ୟ, ଚିନି, ଗୁଡ଼ ଇତ୍ୟାଦି ପ୍ରଦାନ କରାଯିବ ବୋଲି କୁହାଯାଇଛି । କାରେଗଟ୍ଟା ଜଂଗଲରେ ହୋଇଥିବା ଅପରେସନରେ ପୁଲିସକୁ ବଡ ସଫଳତା ମିଳିଥିବାରୁ ଯବାନଙ୍କୁ ପ୍ରଶଂସା କରାଯାଇଛି । ଦିନରାତି ଏକ କରି ଯବାନ ଜଂଗଲରେ ସର୍ଚ୍ଚ ଅପରେସନ କରୁଥିବା ବେଳେ ବିଏସଏଫ ହେଲିକେପ୍ଟର ଏମାନଙ୍କ ଉପରେ ନଜର ରଖିବା ସହ ସହଯୋଗ କରୁଥିଲା ଯବାନଙ୍କୁ ଡ୍ରୋନ ବହୁତ ସାହାଯ୍ୟ କରିଥିଲା । ଡ୍ରୋନ ସାହାଯ୍ୟରେ ନକ୍ସଲଙ୍କର ଗତିବିଧି ଜାଣି ସେମାନଙ୍କୁ ସହଜରେ ଟାର୍ଗେଟ କରାଯାଇପାରୁଥିଲା ନକ୍ସଲମାନେ ଆତ୍ମସମର୍ପଣ ନକରିବା ପର୍ଯ୍ୟନ୍ତ ଅପରେସନ ପୁଣି ଆରମ୍ଭ ହେବ ବୋଲି କୁହାଯାଇଛି ।

## ବଜ୍ରପାତରେ ଚାଲିଗଲା ୩ ଜୀବନ

ପଟାଙ୍ଗି,୧୪।୫(ମହାଭାରତ): ଚାଷଜମିରେ କାମ କରୁଥିବା ସମୟରେ ହଠାତ ବିଜୁଳି ମାରିବାରୁ ଗୋଟିଏ ଗ୍ରାମର ତିନି ଜଣଙ୍କର ମୃତ୍ୟୁ ଘଟିଛି । ଏହିପରି ଦୁଃଖଦ ଘଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରି ଦେଇଛି । କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ଅମ୍ବାବାଲି ପଞ୍ଚାୟତ ଅଧୀନରେ ରହିଥିବା କନ୍ଦପୁଟାବନ୍ଧ ଗ୍ରାମରେ ବସବାସ କରୁଥିବା ଗୋଟିଏ ପରିବାରର ବାପ-ଝିଅଙ୍କର ମୃତ୍ୟୁ ଘଟିଥିବା କରିଥିବା ସହ ଅନ୍ୟ ଜଣେ ସମ୍ପର୍କୀୟ ମାଉସୀଙ୍କର ମଧ ମୃତ୍ୟୁ ଘଟିଛି ।

ସୂଚନାନୁଯାୟୀ, ଉକ୍ତ ଗ୍ରାମର ଗେମେଲ କ୍ରିଷ୍ଣା, ଝିଅ ଗେମେଲ କମି ଓ ସ୍ତ୍ରୀ ଗେମେଲ ୱାଲସି ପ୍ରମୁଖ ତିନି ଜଣ ନିଜ ଜମିରେ କାମ ସାରି ଘରକୁ ଫେରିବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ସ୍ତ୍ରୀ ୱାଲସି ଚାଲି ଚାଲି କିଛି ଦୂର ବାଟ ଚାଲି ଯାଇଥିଲେ । ଏହି ସମୟରେ ହଠାତ ବର୍ଷା ହେବା ସହ ଘଡ଼ଘଡ଼ି ବିଜୁଳି ମାରିବା ଫଳରେ ବାପ କ୍ରିଷ୍ଣା ଏବଂ ଝିଅ କମି ଦୁହେଁ ଜମିର ନିକଟସ୍ଥ ଏକ ଗଛ ମୂଳକୁ ଯାଇ ଆଶ୍ରୟ ନେବା ସମୟରେ ବିଜୁଳି ଟି ଉକ୍ତ ଗଛ ଉପରେ ପଡ଼ିଥିଲା । ଯାହାଫଳରେ ସେହି ଗଛ ଉପରେ ପଡିଥିବା ବିଜୁଳି ଆଘାତରେ ବାପ-ଝିଅଙ୍କର ମୃତ୍ୟୁ ଘଟିଛି ।ସେହିପରି ଅନୁରୂପ କିଛି ଦୂରରେ ନିଜ ଚାଷଜମିରେ କାମ କରୁଥିବା ଅନ୍ୟଜଣେ ଯଥା ଉପରୋକ୍ତ ମୃତ କ୍ରିଷ୍ଣାଙ୍କ ସମ୍ପର୍କୀୟ ମାଉସୀ ଗେମେଲ ତୁମ୍ବାଇ ମଧ ବର୍ଷା ଘଡ଼ଘଡ଼ି ବିଜୁଳିରୁ ନିଜକୁ ସୁରକ୍ଷା ଦେବା ପାଇଁ ଚେଷ୍ଟା କରୁଥିବା ବେଳେ ତାଙ୍କର ମଧ ମୃତ୍ୟୁ ଘଟିଥିଲା ।

## ଅଲସୀ ଚିଲା

ବ୍ରେକଫାଷ୍ଟ ସମସ୍ତଙ୍କ ଜୀବନରେ ବହୁତ ମହତ୍ତ୍ୱ ରଖିଥାଏ । ହେଲଦି ଏବଂ ଟେଷ୍ଟ ବ୍ରେକଫାଷ୍ଟ ଆପଣଙ୍କ ପୂରା ଦିନକୁ ହିଁ ଖୁସିରେ ଖୁସିରେ ନେଇଯାଇଥାଏ । ଏମିତିରେ ଆଜି ଆମେ ଆପଣଙ୍କ ପାଇଁ ନେଇ ଆସିଛୁ 'ଅଲସୀ ଚୀଲା' ରେସିପି । ଏହି ରେସିପି ଆପଣଙ୍କ ପାଇଁ ସ୍ୱାଦିଷ୍ଟ ହେବା ସହିତ ସ୍ୱାସ୍ଥ୍ୟକର ମଧ୍ୟ । ତେବେ ଆସନ୍ତୁ ଜାଣିବା ଏହାକୁ କେମିତି କରିବେ ପ୍ରସ୍ତୁତ ।

ଆବଶ୍ୟକୀୟ ସାମଗ୍ରୀ : ଗହମ ଅଟା-ଏକ କପ୍, ଅଲସୀ ଅଟା- ୧/୪କପ୍, ଦହି-୧/୨ କପ୍, ଅଦା ପେଷ୍ଟ- ୧ଛୋଟ ଚାମଚ, କଞ୍ଚା ଲଙ୍କା- ଗୋଟିଏ, ଗୋଲମରୀଚ- ୧/୪ଛୋଟ ଚାମଚ, ଧନିଆ ପତ୍ର- ୩ ଟେବୁଲ ଚାମଚ, ଲୁଣ- ସ୍ୱାଦ ଅନୁସାରେ

**ପ୍ରସ୍ତୁତ ପ୍ରଣାଳୀ :** ଅଲସୀର ଚୀଲା ପ୍ରସ୍ତୁତ କରିବା ପାଇଁ ଏକ ବଡ ପାତ୍ରରେ ଗହମ ଏବଂ ଅଲସୀର ଅଟାକୁ ପକାଇ ଚଲାଇ ଦିଅନ୍ତୁ । ଏହାପରେ ଏହାକୁ ଏକ ପାତ୍ରରେ ରଖି ସେଥିରେ ପୂର୍ବରୁ ରଖିଥିବା ଦହି ପକାଇ ମିଶାଇ ଦିଅନ୍ତୁ । ଏହାପରେ ଅଳ୍ପ ପାଣି ପକାଇ ମିକ୍ସ କରନ୍ତୁ । ଏହି ମିଶ୍ରଣକୁ ଭଲଭାବେ ଚଲାନ୍ତୁ ଯାହାଦ୍ୱାରା କୌଣସି ବିଣ୍ଡାର ରହବି ନାହିଁ । ଏହି ଘୋଳକୁ ଦୋଷା ଘୋଳ ଭଳି ଗାଢା ରଖନ୍ତୁ । ଏଥିରେ କଟା କଞ୍ଚା ଲଙ୍କା, ପିଆଜ, ଧନିଆ ପତ୍ର, କାଟି ରଖିଥିବା ଅଦା ଏବଂ ଗୋଲମରୀଚ ପକାଇ ମକ୍ସଲର କରନ୍ତୁ । ଏହାପରେ ଗ୍ୟାସରେ ତାୱା ବସାନ୍ତୁ । ତାୱା ଗରମ ହେଲେ ସେଥିରେ ଏହି ଘୋଳକୁ ପକାନ୍ତୁ । ଏହାର ଦୁଇ ପାଖ ଭଲଭାବେ ସୁନେଲୀ ରଙ୍ଗ ହେବା ପର୍ଯ୍ୟନ୍ତ ଓଲଟ ପାଲଟ କରନ୍ତୁ। ଏବେ ଆପଣଙ୍କର ପ୍ରସ୍ତୁତ ହୋଇଯାଇଛି ଅଲସୀ ଚୀଲା । ଆପଣ ଏହାକୁ ଧନିଆ ଚଟଣୀ କିମ୍ବା ଟମାଟୋ ସସ୍ ସହିତ ଖାଇପାରିବେ ।



ଖବର

## କାନ୍ସରେ ମହଙ୍ଗା ଡ୍ରେସ୍ ପିନ୍ଧି ଓହ୍ଲାଇଲେ ଉର୍ବଶୀ



ବଲିଉଡ ଅଭିନେତ୍ରୀ ଉର୍ବଶୀ ରଉତେଲା ସ୍ୱତନ୍ତ୍ର ଫ୍ୟାଶନ ସେନ୍ସ ପାଇଁ ଜଣାଶୁଣା । ଏଥର କାନ୍ସ ଫିଲ୍ମ ଫେଷ୍ଟିଭାଲ ୨୦୨୫ର ରେଡ କାର୍ପେଟରେ ସେ ତାଙ୍କର ପ୍ରଥମ ଲୁକ ସହିତ ହଇଚଇ ସୃଷ୍ଟି କରିଛନ୍ତି । କାନ୍ସର ପ୍ରଥମ ଦିନରେ, ଉର୍ବଶୀ ଏକ ସୁନ୍ଦର ଏବଂ ମହଙ୍ଗା ଗାଉନ ପିନ୍ଧି ରେଡ କାର୍ପେଟରେ ଚାଲିଥିଲେ । ଏହି ଗାଉନର ମୂଲ୍ୟ ଜାଣି ଆପଣ ଆଶ୍ଚର୍ଯ୍ୟ ହୋଇଯିବେ । କାନ୍ସରେ ଉର୍ବଶୀ ପିନ୍ଧିଥିବା କଷ୍ଟମ-ମେଡ ଗାଉନ ପ୍ରସିଦ୍ଧ ଡିଜାଇନର୍ ମାଇକେଲ ସିଙ୍କୋଙ୍କ ଦ୍ୱାରା ଡିଜାଇନ କରାଯାଇଥିଲା ଏହାର ମୂଲ୍ୟ ପ୍ରାୟ ୪.୮ ମିଲିୟନ ଡଲାର ଅର୍ଥା ପ୍ରାୟ ୪୦ କୋଟି ଟଙ୍କା ।ଏହି ଗାଉନର ବିଶେଷତ୍ୱ କେବଳ ଏହାର ମୂଲ୍ୟ ନୁହେଁ ବରଂ ଏହାର ଚମତ୍କାର ଡିଜାଇନ ମଧ୍ୟ । ଉର୍ବଶୀଙ୍କ ଏହି ଗାଉନ ମେକ୍ସିକାନ କଳା ଦ୍ୱାରା ଅନୁପ୍ରାଣିତ । ଏହାକୁ ତିଆରି କରିବାରେ ହଜାର ହଜାର ଘଣ୍ଟା ଲାଗିଥିଲା ଏବଂ ଏଥିରେ ସ୍ଫଟିକ, ମୂଲ୍ୟବାନ ହୀରା ଏବଂ ବିଭିନ୍ନ ପ୍ରକାରର କପଡ଼ା ବ୍ୟବହାର କରାଯାଇଥିଲା । ଏହି ଗାଉନର ଡିଜାଇନ ମେକ୍ସିକାନ ଏବଂ ଆଜଟେକ କଳାକୁ ପ୍ରତିଫଳିତ କରେୟ ମାଇକେଲ ସିଙ୍କୋଙ୍କୁ ପୂର୍ବରୁ ଶ୍ରେଷ୍ଠ ଡିଜାଇନର୍ମାନଙ୍କ ମଧ୍ୟରୁ ଜଣେ ବୋଲି ବିବେଚନା କରାଯାଏ ଏବଂ ତାଙ୍କ ନାମ ଏହି ଗାଉନର ସୌନ୍ଦର୍ଯ୍ୟକୁ ଆହୁରି ବୃଦ୍ଧି କରିଛି । ଏହି ଗାଉନ କାନ୍ସ ଭଳି ଏକ ବଡ଼ କାର୍ଯ୍ୟକ୍ରମ ପାଇଁ ଏକ ଉପଯୁକ୍ତ ପସନ୍ଦ ଥିଲା, ଯାହା ଉର୍ବଶୀଙ୍କୁ ରେଡ କାର୍ପେଟରେ ଭିଡ଼ ଏବଂ ସ୍ୱତନ୍ତ୍ର କରିଥିଲା ।କେବଳ ଗାଉନ ନୁହେଁ, ଉର୍ବଶୀ ତାଙ୍କୁ ଆହୁରି ସୁନ୍ଦର ଦେଖାଯିବା ପାଇଁ କୋଟି କୋଟି ଟଙ୍କାର ଅଳଙ୍କାର ପିନ୍ଧିଥିଲେ । ତାଙ୍କ ଅଳଙ୍କାରର ମୋଟ ମୂଲ୍ୟ ଜାଣି ଆପଣ ଆଶ୍ଚର୍ଯ୍ୟ ହୋଇଯିବେ, କାରଣ ସୂଚନା ଅନୁଯାୟୀ, ଏହି ଭାରତୀୟ ଅଭିନେତ୍ରୀ ୧୫୧ ନିୟୁତ ଡଲାର ଅର୍ଥାତ ୧୨ ଶହ ୮୮ କୋଟି ୯୮ ଲକ୍ଷ ୨୧ ହଜାର ୪୮ ଟଙ୍କା (ପ୍ରାୟ ୧୩୦୦ କୋଟି) ମୂଲ୍ୟର ଅଳଙ୍କାର (ମୁକୁଟ ଏବଂ କାନଫୁଲ) ପିନ୍ଧିଥିଲେ । ତାଙ୍କ ଅଳଙ୍କାରରେ ମୁସାଏଫ ରେଡ ଡାଇମଣ୍ଡ, ଓପେନହାଇମର ବ୍ଲୁ ଡାଇମଣ୍ଡ, ଡ୍ରେସଡେନ ଗ୍ରୀନ ଡାଇମଣ୍ଡ ଏବଂ ଟିଫାନି ୟେଲୋ ଡାଇମଣ୍ଡ ଭଳି ଅନେକ ଦାମୀ ହୀରା ବ୍ୟବହାର କରାଯାଇଥିଲା । ଏହି ଅଳଙ୍କାର ବ୍ୟତୀତ, ଉର୍ବଶୀ ଜୁଡିଥ ଲିବରଙ୍କ ଏକ ଲାଲ ରଙ୍ଗର ଶୁଆ ଆକୃତିର ପ୍ରକୃତ ହୀରା କ୍ଲଚ (ପର୍ସ) ମଧ୍ୟ ଧରିଥିଲେ, ଯାହାର ମୂଲ୍ୟ ପ୍ରାୟ ୬ ଲକ୍ଷ ବୋଲି କୁହାଯାଉଛି । ଉର୍ବଶୀଙ୍କ ଏହି ଲୁକର ମୂଲ୍ୟ ଶାହରୁଖ ଖାନଙ୍କ ମନ୍ନତ ଅପେକ୍ଷା ଅନେକ ଗୁଣ ଅଧିକ । ମନ୍ନତର ମୂଲ୍ୟ ପ୍ରାୟ ୨୦୦ କୋଟି ।

## ଅନିତ୍ୟ ଜଗତରେ ଭଗବାନ ହିଁ ନିତ୍ୟ

ଆମ ଦେଶର ପ୍ରାଚୀନ ଋଷିଗଣ ଭଗବାନଲାଭକୁ ହିଁ ଜୀବନର ଲକ୍ଷ୍ୟ ବୋଲି କହି ଯାଇଛନ୍ତି । ଦୁଃଖ-କଷ୍ଟର ଅବସାନ ପାଇଁ ନିଜର ସ୍ୱରୂପ ଉପଲବ୍ଧି କରି ଶାନ୍ତି ଲାଭ କରିବା ପାଇଁ ସେମାନେ ଏହି ଆଦର୍ଶକୁ ଆମମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି । ଏହି ଆଦର୍ଶ ଏତେ ପ୍ରାଣସ୍ପର୍ଶୀ ଯେ, ଏ ଦେଶର ଅସଂଖ୍ୟ ଉଚ୍ଚସ୍ତରର ମନୁଷ୍ୟ, ଏପରିକି ଅନେକ ରାଜା, ରାଜକୁମାର ଏବଂ ଜୀବନର ବିଭିନ୍ନ କ୍ଷେତ୍ରରେ ଅତି ଉନ୍ନତ ବ୍ୟକ୍ତିମାନଙ୍କ ହୃଦୟରେ ମଧ୍ୟ ତାହା ରେଖାପାତ କରିଛି । ସେମାନେ ସମସ୍ତେ ଭଗବାନଲାଭ ପାଇଁ ସର୍ବସ୍ୱ ତ୍ୟାଗ କରିଛନ୍ତି । ସେମାନେ ବୁଝିଥିଲେ, ଜଗତରେ କୌଣସି ବସ୍ତୁ ଚିରସ୍ଥାୟୀ ନୁହେଁ, ସମସ୍ତ ହିଁ ପରିବର୍ତ୍ତନଶୀଳ ଏବଂ ଏକମାତ୍ର ଭଗବାନ ହିଁ ନିତ୍ୟ ସତ୍ୟ । ଶ୍ରୀରାମକୃଷ୍ଣ କହୁଥିଲେ, 'ଯଦି ଜାଣନ୍ତି ଯେ ଜଗତଟା ନିତ୍ୟ, ତା'ହେଲେ କାମାରପୁକୁରକୁ ସୁନାରେ ଛାଉଣି କରିଦେଇ ଯାଆନ୍ତି । କିନ୍ତୁ ଦେଖୁଛି, ଜଗତଟା ଅନିତ୍ୟ ।'

ରୂପ ଗୋସ୍ୱାମୀ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ଜନୈକ ବିଶିଷ୍ଟ ଶିଷ୍ୟ, ବୃନ୍ଦାବନରେ ବାସ କରୁଥିଲେ; ତାଙ୍କ ଭାଇ ବଙ୍ଗଳା ନବାବଙ୍କର ମନ୍ତ୍ରୀ ଥିଲେ ଏବଂ ବିଷୟ ସମ୍ପତ୍ତିରେ ବିଶେଷ ଭାବେ ଜଡ଼ିତ ହୋଇପଡ଼ିଥିଲେ । ତାଙ୍କ ପ୍ରତି ସ୍ନେହ ପରବଶ ହୋଇ ସେ ତାଙ୍କୁ ଗୋଟିଏ ଶ୍ଳୋକ ଲେଖି ପଠାଇଲେ, ଯାହାର ଅର୍ଥ ହେଲା; ଭାବିଦେଖ, ସେ ଅଯୋଧ୍ୟାପୁରୀ ବା କେଉଁଠି, ସେ ଦ୍ୱାରିକାପୁରୀ ବା କେଉଁଠି ? ପ୍ରକୃତରେ ଜାଣିବ ଏକମାତ୍ର ଭଗବାନଙ୍କ ବ୍ୟତୀତ ଜଗତରେ ଅନ୍ୟ ସବୁ ଅନିତ୍ୟ । ଏଥିରେ ତାଙ୍କ ଭାଇଙ୍କର ଆଖି ଖୋଲିଗଲା; ସେ ବଙ୍ଗଳାର ମନ୍ତ୍ରୀତ୍ୱ ଛାଡ଼ି ବୃନ୍ଦାବନକୁ ଚାଲିଗଲେ ଏବଂ ଭଗବାନଙ୍କୁ ପ୍ରତ୍ୟକ୍ଷ କରିବା ପାଇଁ ସାଧନାରେ ମଗ୍ନ ହେଲେ । ଏହି ଆଦର୍ଶ ଚିରଦିନ ଭାରତବାସୀଙ୍କ ମନରେ ରେଖାପାତ କରିଆସୁଛି । ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି, 'ଅନିତ୍ୟମସୁଖଂ ଲୋକମିମଂ ପ୍ରାପ୍ୟ ଭଜସ୍ୱ ମାମ୍ ।' 'ଯେଉଁ ଜଗତକୁ ଆସିଛ ତାହା ଅନିତ୍ୟ, ଆନନ୍ଦହୀନ, ମୋର ଭଜନ କର ।' ପ୍ରକୃତରେ ଦେଖାଯାଉଛି, ଆମର ଶାସ୍ତ୍ର, ଋଷି, ଅବତାର ଓ ଆଚାର୍ଯ୍ୟଗଣ ସମସ୍ତେ ହିଁ କହିଛନ୍ତି - ବୈଷୟିକ ଜୀବନରେ ଶାନ୍ତିର ଆଶା କରନାହିଁ । ତା'ଠାରୁ ଅଲଗା ରହି ଆତ୍ମସ୍ୱରୂପ ଉପଲବ୍ଧି କରିବାକୁ ଏବଂ ଶାନ୍ତି ଲାଭ କରିବାକୁ ଚେଷ୍ଟା କର । ବିଷୟାବଦ୍ଧ ଜୀବନରେ କେବେ ହେଲେ ଶାନ୍ତି ଲାଭ ହୋଇପାରେ ନାହିଁ ।

## ଭାନାମତୀଙ୍କୁ ଭେଟିଲେ ନାରଦ ଓ ରତି

ଭଗବାନ ବିଷ୍ଣୁଙ୍କର କଥା ଶୁଣି ପଦ୍ମିନୀ କହିଲେ ଇଏ କାନ୍ଦ ନୁହେଁ ପ୍ରଭୁ ପଶ୍ଚାତାପର ଅଶ୍ରୁ । ଏବେ ମୋର ମାୟା ଓ ରସାୟନ ବିଦ୍ୟା ପ୍ରତି ଲୋଭ ନାହିଁ । ଏବେ ମୁଁ ମୁକ୍ତି ଚାହୁଁଛି ପ୍ରଭୁ । ଯେବେ ଦ୍ୱାପର ଯୁଗରେ ମୋ ହାତରେ ତ୍ରିଲୋକ କଲ୍ୟାଣ ପାଇଁ କାର୍ଯ୍ୟ ସମ୍ପନ୍ନ ହେବ ଆପଣ ମୋତେ ମୁକ୍ତି ଦେଇଦେବେ ପ୍ରଭୁ ଏହା ମୋର ପ୍ରାର୍ଥନା । ଭଗବାନ ଶ୍ରୀହରି କହିଲେ ତଥାସ୍ତୁ ।

ଏହାଶୁଣି ନାରଦମୁନି ଶ୍ରୀକୃଷ୍ଣଙ୍କୁ କହିଲେ ଆପଣଙ୍କ ଲୀଳା ଅପାର ପ୍ରଭୁ । ପ୍ରଦ୍ୟୁମ୍ନଙ୍କ ସୁରକ୍ଷା ଯୋଜନା ଆପଣ ପୂର୍ବରୁ ହିଁ କରିସାରିଛନ୍ତି । ପଦ୍ମିନୀଙ୍କ ମାୟା ଓ ରସାୟନ ବିଦ୍ୟା ଶିଖିବାର ଇଚ୍ଛା ପଛରେ ପ୍ରଭୁ କ'ଣ ଆପଣଙ୍କର ହାତ ନାହିଁ କି ? ଏହାଶୁଣି ଶ୍ରୀକୃଷ୍ଣ ହସିଦେଲେ । ପୁଣି ସେ କହିଲେ ଦେବର୍ଷି ! ଏବେ ଆପଣଙ୍କୁ ଓ ରତିଙ୍କୁ ଭାନାମତୀଙ୍କୁ ଯାଇ ଭେଟିବାକୁ ହେବ । ଭାନାମତୀକୁ ତା'ର ପୂର୍ବ ଜନ୍ମ କଥା ମନେ ପକାଇଦେଲେ ସେ ତାଙ୍କର ସବୁକିଛି ଫେରିପାଇବେ । ଋଷି ସଦାନନ୍ଦଙ୍କ ଅଭିଶାପରୁ ମୁକ୍ତି ପାଇବେ ଏବଂ ପ୍ରଦ୍ୟୁମ୍ନଙ୍କୁ ଯୁବାବସ୍ଥା ପ୍ରଦାନ କରିବେ ।

ଏହାପରେ ଶ୍ରୀକୃଷ୍ଣ ଦେବୀ ରତିଙ୍କୁ କହିଲେ ଆପଣଙ୍କ କାର୍ଯ୍ୟ ହେଉଛି ପ୍ରଦ୍ୟୁମ୍ନକୁ ଏହାକହିବାକୁ ହେବ ଯେ, ସେ ହେଉଛନ୍ତି କାମଦେବ । ସମ୍ବରାସୁରର ଗୁରୁଦେବଙ୍କୁ ଜଣା ପଡ଼ିଗଲାଣି ଯେ, ପ୍ରଦ୍ୟୁମ୍ନ ହେଉଛି ମହାରାଜାଙ୍କର ମୃତ୍ୟୁଦାତା । ତେଣୁ ସେ ପ୍ରଦ୍ୟୁମ୍ନଙ୍କୁ ମାରିବା ପାଇଁ ପ୍ରୟାସ କରିବେ । ତାଙ୍କ ପ୍ରୟାସକୁ ବିଫଳ କରିବା ପାଇଁ ଭାନାମତୀଙ୍କୁ ପୂର୍ବଜନ୍ମ କଥା ସ୍ମରଣ କରାଇବା ଆବଶ୍ୟକ । ଏହାଶୁଣି ଦେବୀ ରତି କହିଲେ ଆମକୁ ଅତିଶୀଘ୍ର ଭାନାମତୀଙ୍କୁ ଭେଟିବାକୁ ପଡ଼ିବ । ଏପରି କହି ଦେବର୍ଷି ନାରଦ ଓ ଦେବୀ ରତି ସେଠାରୁ ଚାଲିଗଲେ ।



ଏପଟେ ଭାନାମତୀ ଝୁଲାରେ ପ୍ରଦ୍ୟୁମ୍ନକୁ ଶୁଆଉଥିଲେ ସେହି ସମୟରେ ନାରଦମୁନି ଓ ଦେବୀ ରତି ପ୍ରକଟ ହେଲେ । ଏହାଦେଖି ଭାନାମତୀ ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ପ୍ରଣାମ କଲେ । ଦେବର୍ଷି ତାଙ୍କୁ ସୌଭାଗ୍ୟବତୀ ଭବଃ କହିବା ପରେ ରତି ଦେବୀଙ୍କ ପରିଚୟ କରାଇଲେ ।

ଭାନାମତୀ କହିଲେ ଆପଣ ମୋ କୁଡ଼ିଆକୁ ଆସିଥିବାରୁ ଆପଣଙ୍କୁ ଅନେକ ଅନେକ ଧନ୍ୟବାଦ ହେଲେ ହଠାତ୍ ଆଜି ଆପଣଙ୍କ ଦର୍ଶନ ? ନାରଦମୁନି କହିଲେ- ଅସୁର ଶ୍ରେଷ୍ଠ ସମ୍ବରାସୁରଙ୍କଠାରୁ ଜାଣିଲି ଆପଣ ଭୋଜନ ବହୁତ ସ୍ୱାଦିଷ୍ଟ କରୁଛନ୍ତି । ତେଣୁ ଭାବିଲୁ ଆମେ ଆପଣଙ୍କ ଆତିଥ୍ୟର ଆନନ୍ଦ ଉଠାଇବା ପାଇଁ । ଏହାଶୁଣି ଭାନାମତୀ କହିଲେ ଆପଣମାନେ ଏଠାରେ ତୃପ୍ତି ହୋଇ ଯିବେ ଏହା ହେବ ମୋର ପରମ ସୌଭାଗ୍ୟ । ରତି କହିଲେ ଏତେ କଷ୍ଟ ଉଠାଇବାର ଆବଶ୍ୟକତା ନାହିଁ । ଏହାପରେ ପ୍ରଦ୍ୟୁମ୍ନ ପାଖକୁ ଯାଇ କହିଲେ ମୁଁ ତୁମର ପୁତ୍ରକୁ ଦେଖିବା ପରେ ଧନ୍ୟ ହୋଇଗଲି । ବହୁତ ସୁନ୍ଦର ! ଦେଖିବା ପରେ ଲାଗୁଛି ଏହି ବାଳକ କୌଣସି ଈଶ୍ୱରୀୟ ଅଂଶ ।

## ଧନ ଓ ସୌଭାଗ୍ୟର ଦେବୀ



ଶାସ୍ତ୍ରରେ ମାତା ଲକ୍ଷ୍ମୀଙ୍କୁ ଧନ ଓ ସୌଭାଗ୍ୟର ଦେବୀ ବୋଲି କୁହାଯାଏ । । ଯେଉଁ ବ୍ୟକ୍ତିଙ୍କ ଉପରେ ମାତା ଲକ୍ଷ୍ମୀ ପ୍ରସନ୍ନ ହୋଇଥାନ୍ତି, ସେ ଧନବାନ ହୋଇଥାନ୍ତି । ଆଉ ଯେଉଁ ବ୍ୟକ୍ତିଙ୍କ ଉପରେ ମାତା ପ୍ରସନ୍ନ ନଥାନ୍ତି, ସେମାନେ ଯେତେ ଚେଷ୍ଟା କଲେ ମଧ୍ୟ ଧନବାନ ହୋଇପାରନ୍ତି ନାହିଁ । ଯେକୌଣସି ଦେବଦେବୀଙ୍କୁ ଆପଣ ପୂଜା କରନ୍ତୁ ସେହି ପୂଜାରେ କିଛି ନିୟମ ରହିଥାଏ । ଯାହାକୁ ମାନି ପୂଜା କରିବା ଦ୍ୱାରା ଭଗବାନ ଶୀଘ୍ର ପ୍ରସନ୍ନ ହୋଇଥାନ୍ତି । ଏମିତିରେ ଆମେ ସମସ୍ତ ଦେବଦେବୀଙ୍କ ସ୍ୱରୂପକୁ ମୂର୍ତ୍ତି ଆକାରରେ ଦେଖିଛେ । ସମସ୍ତଙ୍କ ଘରେ ପୂଜା ଘର ଅଛି । ଯେଉଁଠି ଆମେ ସମସ୍ତ ଦେବଦେବୀଙ୍କ ମୂର୍ତ୍ତି ସ୍ଥାପନା କରି ପୂଜା କରିଥାଉ । କିଛି ଦେବତାଙ୍କ ମୂର୍ତ୍ତିକୁ ଘରେ ରଖି ପୂଜା କରିବା ମନା କରାଯାଇଛି । ଯେପରି କି ଶନିଦେବ । ତେବେ ଅନ୍ୟ ଦେବଦେବୀଙ୍କ ମୂର୍ତ୍ତି ଘରେ ରଖି ପୂଜା କଲେ ମଧ୍ୟ ସମସ୍ତଙ୍କୁ ନେଇ କିଛି ନିୟମ ରହିଛି । ଆମେ ମନ ଇଚ୍ଛା କିଛି ବି ମୂର୍ତ୍ତି ଆଣି ଭଗବାନଙ୍କ ପୂଜା କରିବା ଆଦୌ ଉଚିତ ନୁହେଁ । କାରଣ ଶାସ୍ତ୍ରରେ ତାହାକୁ ବାରଣ କରଯାଇଛି । କିଛି ଜଣ ଅଛନ୍ତି ଯେଉଁମାନଙ୍କୁ ଏହା ସମ୍ପର୍କରେ ଜଣାନଥାଏ । ବଜାରରେ ଭଗବାନଙ୍କର ବିଭିନ୍ନ ପ୍ରକାରର ମୂର୍ତ୍ତି ଭିନ୍ନ ଭିନ୍ନ ଢଙ୍ଗରେ ତିଆରି ହୋଇ ବିକ୍ରି ହେଉଛି । ତେବେ ଭଗବାନଙ୍କର ଏମିତି କିଛି ରହିବା ସ୍ଥିତି ରହିଛି ଯାହାକୁ ନେଇ ଆମେ ପୂଜା କରିବା ଉଚିତ । ଆଜି ଜାଣିବା ମାତା ଲକ୍ଷ୍ମୀଙ୍କ କେଉଁ ମୂର୍ତ୍ତି ଘରେ ପୂଜା କରିବା ଉଚିତ ।

ଲୋକମାନେ ମା' ଲକ୍ଷ୍ମୀଙ୍କର କୃପା ପାଇବା ପାଇଁ ବିଭିନ୍ନ ଉପାୟରେ ତାଙ୍କୁ ପ୍ରସନ୍ନ କରିବା ପାଇଁ ଚେଷ୍ଟା କରିଥାନ୍ତି । ଏହାପାଇଁ ଲୋକମାନେ ପୂଜା ଘରେ ମାତା ଲକ୍ଷ୍ମୀଙ୍କୁ ରଖି ପୂଜା କରିଥାନ୍ତି କିନ୍ତୁ ଦେବୀ ମୂର୍ତ୍ତି ରଖିବାର କ୍ଷତି ମଧ୍ୟ ହୋଇପାରେ ଯଦି ଆପଣ ତାହାକୁ ଠିକ୍ ଭାବରେ ନ ରଖନ୍ତି । ଆସନ୍ତୁ ଜାଣିବା ମାତା ଲକ୍ଷ୍ମୀଙ୍କ ମୂର୍ତ୍ତିକୁ ରଖିବାର ଠିକ୍ ଉପାୟ ।

-ପୂଜା ଘରେ ମାତା ଲକ୍ଷ୍ମୀଙ୍କ ମୂର୍ତ୍ତି ନିଶ୍ଚିତ ଥାଏ । କିନ୍ତୁ ଅନେକ ଥର ଭୁଲବଶତଃ ଦେବୀ ଲକ୍ଷ୍ମୀଙ୍କର ଛିଡ଼ାଥିବା ଅବସ୍ଥାରେ ପ୍ରତିମା ରଖି ଦେଇଥାନ୍ତି, ଯାହାକୁ ରଖିବା ଉଚିତ ନୁହେଁ । ମାତାଙ୍କର ଏହି ରୂପରେ କରାଯାଉଥିବା ପୂଜା କୌଣସି ଫଳ ପ୍ରାପ୍ତି କରିନଥାଏ ।

-ପୁରାଣ ଅନୁଯାୟୀ ଦେବୀ ଲକ୍ଷ୍ମୀ ଚଞ୍ଚଳ ଥାନ୍ତି ଏଥିପାଇଁ କେବେ ବି ତାଙ୍କର ଛିଡା ହୋଇଥିବା ଅବସ୍ଥାର ମୂର୍ତ୍ତି ରଖିବା ଉଚିତ ନୁହେଁ କାରଣ ସେ ସେହି ସ୍ଥାନରେ ଅଧିକ ସମୟ ଯାଏଁ ରହିପାରନ୍ତି ନାହିଁ । ସବୁବେଳେ ଘରେ ମାତା ଲକ୍ଷ୍ମୀଙ୍କର ବସିଥିବା ମୂର୍ତ୍ତି ରଖିବା ଉଚିତ ।

-ମାତା ଲକ୍ଷ୍ମୀଙ୍କର ବାହନ ପେଚା ଏବଂ ସେ ମଧ୍ୟ ଚଞ୍ଚଳ ସ୍ୱଭାବର ହୋଇଥାଏ । ଏଥିପାଇଁ ଦେବୀ ଲକ୍ଷ୍ମୀଙ୍କ ମୂର୍ତ୍ତି କେବେବି ପେଚା ଉପରେ ବସିଥିବାର ରଖିବା ନାହିଁ ।

-ଅଧିକାଂଶ ଘରେ ମାତା ଲକ୍ଷ୍ମୀଙ୍କ ମୂର୍ତ୍ତି ସହିତ ଭଗବାନ ଗଣେଶଙ୍କ ସହିତ ଦେଖିବାକୁ ମିଳିଥାଏ । ଏହିଭଳି ମୂର୍ତ୍ତି ରଖିବା ଭୁଲ ହୋଇଥାଏ । କାରଣ ମାତା ଲକ୍ଷ୍ମୀ ଭଗବାନ ବିଷ୍ଣୁଙ୍କର ପତ୍ନୀ ଅଟନ୍ତି ଏଥିପାଇଁ ମାତା ଲକ୍ଷ୍ମୀଙ୍କ ମୂର୍ତ୍ତି ସହିତ ବିଷ୍ଣୁଙ୍କ ମୂର୍ତ୍ତି ରଖିବା ଉଚିତ ।

-ମାତା ଲକ୍ଷ୍ମୀଙ୍କୁ କେବେବି କାନ୍ଥ ସହିତ ଲାଗିକି ରଖିବା ଉଚିତ ନୁହେଁ । ବାସ୍ତୁରେ ଏହାକୁ ଦେଖାଯାଇଥାଏ । ମୂର୍ତ୍ତି ଏବଂ କାନ୍ଥ ମଧ୍ୟରେ ଦୂର ରଖିବା ଉଚିତ ।

-ଅନେକ ଲୋକ ନିଜ ପୂଜା ଘରେ ଦେବୀ ଲକ୍ଷ୍ମୀଙ୍କର ଏକରୁ ଅଧିକ ମୂର୍ତ୍ତି ବା ଫଟୋ ରଖିଥାନ୍ତି ଯାହାକୁ ଶାସ୍ତ୍ରରେ ବର୍ଜିତ ବୋଲି କୁହାଯାଏ ।

## ଭଗବାନ ବୁଦ୍ଧଙ୍କ ଦିବ୍ୟ ଉପଦେଶ

ବୋଧିବୃକ୍ଷ ତଳେ ଅନେକ ବର୍ଷ ପର୍ଯ୍ୟନ୍ତ ବସି ଧ୍ୟାନ କରିବା ପରେ ଗୌତମ ଅଲୌକିକ ଜ୍ଞାନ ପ୍ରାପ୍ତ କରିଥିଲେ । ସେବେଠାରୁ ସେ ମହାତ୍ମା ବୁଦ୍ଧ ନାମରେ ପରିଚିତ ହୋଇଥିଲେ । ସେ ବୁଦ୍ଧତ୍ୱ ପ୍ରାପ୍ତ



କରିବା ସମୟରେ ଆକାଶରୁ ପୁଷ୍ପ ବର୍ଷା ହୋଇଥିଲା । ଦେବତାମାନେ ଭଗବାନ ବୁଦ୍ଧଙ୍କ ବନ୍ଦନା କରିଥିଲେ । ବ୍ରହ୍ମା ତାଙ୍କୁ କହିଥିଲେ ଯେ ସେ ଜନକଲ୍ୟାଣ ନିମନ୍ତେ ଉପଦେଶ ଦିଅନ୍ତୁ । ବୁଦ୍ଧ ନିଜର ପ୍ରଥମ ଉପଦେଶ ବାରାଣସୀ ନିକଟବର୍ତ୍ତୀ ସାରନାଥ ଠାରେ ଦେଇଥିଲେ । ବୁଦ୍ଧଙ୍କ ଉପଦେଶରୁ ହିଁ ଭାରତରେ ଏକ ନୂଆ ଧର୍ମର ଅଭ୍ୟୁଦୟ ହୋଇଥିଲା- ବୌଦ୍ଧ ଧର୍ମ ।

ବୁଦ୍ଧ ନିଜର ପ୍ରଥମ ଉପଦେଶ କହିଥିଲେ ଯେ ଜବୀନରେ ଅତ୍ୟଧିକ ଭୋଗ କରିବା ଉଚିତ୍ ନୁହେଁ କିମ୍ବା ଅତି ତ୍ୟାଗ କରିବା ମଧ୍ୟ ଉଚିତ୍ ନୁହେଁ । ମଧ୍ୟମ ମାର୍ଗ ଆପଣାଇ ଜୀବନ ଯାପନ କରିବା ଲାଗି ସେ ପରାମର୍ଶ ଦେଇଥିଲେ । ବୁଦ୍ଧ ଜୀବନରେ ଦୁଃଖର କାରଣ ଏବଂ ପରିଣାମ ରହସ୍ୟ ମଧ୍ୟ ଉନ୍ମୋଚନ କରିଥିଲେ । ସେ ସମଗ୍ର ମାନବଜାତିକୁ ବୁଝାଇଥିଲେ ଯେ ଆମେମାନେ ଭୋଗୁଥିବା ଅନେକ ଦୁଃଖର କାରଣ କେବଳ ଆମ ଭିତରେ ରହିଥିବା ଅଜ୍ଞାନ ଏବଂ ମିଥ୍ୟାଦୃଷ୍ଟି । କେବଳ ସତ୍ୟର ଜ୍ଞାନ ମାଧ୍ୟମରେ ଦୁଃଖର ନାଶ କରିବା ସମ୍ଭବ । ସତ୍ୟ ଅର୍ଥାତ୍ ଯଥାର୍ଥ ଜ୍ଞାନ ହିଁ ସମ୍ୟକ ଜ୍ଞାନ । ଏଣୁ ସତ୍ୟର ସନ୍ଧାନ ପାଇବାକୁ ହେଲେ ଦୁଃଖରୁ ମୁକ୍ତି ପାଇବା ପରମ ଆବଶ୍ୟକ ।

ଅଜ୍ଞାତ ସତ୍ୟର ସନ୍ଧାନ କରାଯାଇଥାଏ । ପୂର୍ବରୁ ରହିଥିବା ପରମ୍ପରାକୁ ଖଣ୍ଡନ କରି ବୁଦ୍ଧ ଏକ ନୂତନ ମାର୍ଗରେ ସତ୍ୟ ସନ୍ଧାନ କରିବା ଲାଗି ଉପଦେଶ ଦେଇଥିଲେ । ବୁଦ୍ଧ ନିଜେ କାହା ପ୍ରତି ପ୍ରତିବଦ୍ଧ ହୋଇନଥିଲେ କିମ୍ବା ନିଜ ଶିଷ୍ୟମାନଙ୍କୁ ମଧ୍ୟ କେଉଁଠି ବାନ୍ଧିନଥିଲେ ।

ବୁଦ୍ଧ କହୁଥିଲେ ଯେ ମୋ କଥାକୁ ମଧ୍ୟ ସହଜରେ ମାନିନେବା ଉଚିତ୍ ନୁହେଁ । ବୁଦ୍ଧଙ୍କ କଥାରେ ମଧ୍ୟ ସନ୍ଦେହ କର ଏବଂ ବିଭିନ୍ନ ଢଙ୍ଗରେ ତାହାର ପରୀକ୍ଷା କର । ଜୀବନରେ ତା'କୁ ପରୀକ୍ଷା କର, ନିଜ ଅନୁଭବକୁ ମିଶାଅ, ଯଦି ତୁମେ ଉଚିତ୍ ଜ୍ଞାନକୁ ସ୍ୱୀକାର କରିପାରିବ ତା'ହେଲେ ତୁମେ ଜୀବନରେ ଆଗକୁ ବଢ଼ିପାରିବ । ତୃଷ୍ଣା ପରିତ୍ୟାଗ କରିବା, ହିଂସା ତ୍ୟାଗ କରିବା, ଜୀବମାତ୍ରକେ ସ୍ନେହ କରିବା ଲାଗି ବୁଦ୍ଧ ପରାମର୍ଶ ଦେଇଥିଲେ । ମିଥ୍ୟା ମଧ୍ୟ ହିଂସା ବୋଲି ସେ କହୁଥିଲେ । ତେଣୁ ସତ୍ୟ ମାଧ୍ୟମରେ ତାହାର ଦମନ କରିବା ଲାଗି କହୁଥିଲେ । ନ୍ୟାୟପୂର୍ଣ୍ଣ ଢଙ୍ଗରେ ଅର୍ଜନ କରାଯାଇଥିବା ବସ୍ତୁ ଉପରେ ହିଁ ଅଧିକାର ସାବ୍ୟସ୍ତ କରିବା ଲାଗି ସେ କହୁଥିଲେ । କେବଳ ନିଜ ପରିଶ୍ରମ ଉପରେ ଭରସା କରିବା ଲାଗି ବୁଦ୍ଧ ଉପଦେଶ ଦେଇଥିଲେ । ସେହିପରି ମଦ୍ୟପାନ ନିଷିଦ୍ଧ ବୋଲି ବୁଦ୍ଧ ପରାମର୍ଶ ଦେଇଥିଲେ । ସମସ୍ତ ବାସନା ପରିତ୍ୟାଗ କରିବା ଲାଗି ବୁଦ୍ଧ ମନୁଷ୍ୟ ସମାଜକୁ ଶିକ୍ଷଣ ଦେଇଥିଲେ । କାରଣ ମୁକ୍ତି ପାଇବାରେ ଏସବୁ କେବଳ ଗୋଟିଏ ଗୋଟିଏ ବାଧା ।

# ନିଶାଦ୍ରବ୍ୟ ଚୋରାଚାଲାଣ ରୋକିବାକୁ ନିର୍ଦ୍ଦେଶ



**ଭୁବନେଶ୍ୱର,୧୪।୫ (ମହାଭାରତ):** ନିଷେଧ ନିଶାଦ୍ରବ୍ୟର ବେଆଇନ୍ ଚୋରା ଚାଲାଣକୁ ରୋକିବା ସଂପର୍କରେ ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରାଳୟ ଅଧିନସ୍ଥ ନାର୍କୋ କୋର୍ଡିନେସନ ସେଣ୍ଟର ତରଫରୁ ଆଜି ୫ମ ରାଜ୍ୟସ୍ତରୀୟ ବୈଠକ ଭୁବନେଶ୍ୱର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ରାଜ୍ୟ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ, ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋର ଉପ-ମହାନିର୍ଦ୍ଦେଶକ ହିତେଶ ଗୋଦାରା, ଅବକାରୀ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଗୁହା ପୁନମ ତାପସ କୁମାରଙ୍କ ସମେତ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋର ଅନ୍ୟ ବରିଷ୍ଠ ଅଧିକାରୀ, ରାଜ୍ୟ ପୁଲିସ ପ୍ରଶାସନ, ଅବକାରୀ ବିଭାଗ, ବିଭିନ୍ନ ଜିଲ୍ଲାରୁ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ପାରାଦୀପ ବନ୍ଦର କର୍ତ୍ତୃପକ୍ଷ, ସୀମାସୁରକ୍ଷା ବଳ, ନୌସେନା, ରେଳ ଓ ତଟ ସୁରକ୍ଷା, ଭାରତୀୟ ଡାକସେବା ଆଦି ବିଭିନ୍ନ ଆଇନ୍ ଅନୁପାଳନ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ଆଭାସୀ ମାଧ୍ୟମରେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଓ ପୁଲିସ୍ ପ୍ରଶାସନ, ଅବକାରୀ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଥିବାବେଳେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ବିଦ୍ୟାଳୟ ଓ ଗଣଶିକ୍ଷା, ଉଚ୍ଚ ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀମାନେ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ। ବୈଠକରେ ଗତ ୨୪ ଅପ୍ରେଲ ୨୦୨୪ରେ ଅନୁଷ୍ଠିତ ଚତୁର୍ଥ ଏନ୍‌ଓଆରଡି ବୈଠକର ନିଷ୍ପତ୍ତିର କାର୍ଯ୍ୟାନୁଷ୍ଠାନ ସଂପର୍କରେ ଆଲୋଚନା କରାଯାଇଥିଲା। ରାଜ୍ୟରେ ବେଆଇନ୍ ନିଶାଦ୍ରବ୍ୟ କାରବାର, ଚୋରା ଚାଲାଣର ସ୍ଥିତି, ନଷ୍ଟ କରାଯାଇଥିବା ନିଶାଦ୍ରବ୍ୟ, ରାଜ୍ୟ କୁନାର୍କୋଟିକ୍ସ କଣ୍ଟ୍ରୋଲବ୍ୟୁରୋର ସହାୟତା ସମେତ ନିଶାମୁକ୍ତ ଭାରତ ପାଇଁ ଭାରତ ସରକାରଙ୍କ ଆହ୍ୱାନକୁ କାର୍ଯ୍ୟକାରୀ କରିବା ପାଇଁ ଆଗାମୀ ଦିନର ପଦକ୍ଷେପ ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଜୋନ ନିର୍ଦ୍ଦେଶକ, ଏନସିବି ଭୁବନେଶ୍ୱର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଇ-ଗଭର୍ଣ୍ଣାସ୍ ପୋର୍ଟାଲରେ ୬୨,୩୮୩ ଜଣ ନିଜକୁ, ନିଜ ପରିବାର ଓ ପ୍ରିୟଜନ ମାନଙ୍କୁ ମାଦକ ପଦାର୍ଥକୁ ଦୂରରେ ରହି ସୁସ୍ଥ ଓ ନିରୋଗ ଜୀବନ ଉପଭୋଗ କରିବାର ଶପଥ ନେଇଛନ୍ତି ଓ ସମସ୍ତ ମହାବିଦ୍ୟାଳୟ ମାନଙ୍କୁ ଆଣ୍ଟି ଡ୍ରଗ୍ସ ଶପଥ ପାଇଁ ଉଚ୍ଚଶିକ୍ଷା ବିଭାଗ ତରଫରୁ ପତ୍ରପ୍ରେରଣ କରାଯାଇଛି। ଗତ ୨୦୨୪-୨୫ବର୍ଷରେ ରାଜ୍ୟରେ ମୋଟ ୨୭,୭୨୧ ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ଗତ୨୦୨୩-୨୪ରେ ପ୍ରାୟ ୧୦,୩୨୦ ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଇଥିବା ବେଳେ ୨୦୨୪-୨୫ରେ ଏହା ପ୍ରାୟ ୩ଗୁଣା ବୃଦ୍ଧିପାଇଛି। ସାଟେଲାଇଟ ଛବି ଓ ସୂଚନା ଆଧାରରେ ବେଆଇନ୍ ଗଞ୍ଜେଇ ଚାଷ ଅଂଚଳକୁ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉଥିବା ସଂପର୍କରେ ବୈଠକରେ ସୂଚନା ଦିଆଯାଇଥିଲା। ଗଞ୍ଜେଇ ଚାଷରୁ ନିବୃତ୍ତ ରହିବା ପାଇଁ ଜନ ସଚେତନତା ବୃଦ୍ଧିକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି। ଗଞ୍ଜେଇ ଚାଷ କରୁଥିବା ଅଂଚଳରେ ଲୋକମାନଙ୍କୁ ଅନ୍ୟ ଚାଷ କରିବା ଏବଂ ଫଳ ଚାଷ ଆଦିକୁ ପ୍ରୋତ୍ସାହନ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ୨୦୨୪ରେ ୧,୩,୭୬୧ କେଜି ଗଞ୍ଜେଇ, ୩୭ କେଜି ହେରୋଇନ ସମେତ ଅନ୍ୟ ମାଦକ ଦ୍ରବ୍ୟ ଜବତ ଜନିତ ସଂପର୍କିତ ସୂଚନା ଦିଆଯାଇଥିଲ। ସମଗ୍ର ଭାରତରେ ଡ୍ରଗ୍ସ ବିରୁଦ୍ଧରେ ସମ୍ମିଳିତ ପ୍ରୟାସ ନିମନ୍ତେ ମାଦକ ଦ୍ରବ୍ୟ ନିଷେଧ ସୂଚନା କେନ୍ଦ୍ର ଭାବରେ ସହାୟତା କେନ୍ଦ୍ର ଭାବରେ ନ୍ୟାସନାଲ ନାର୍କୋଟିକ୍ସ ହେଲ୍ପଲାଇନ୍-୧୯୩୩ (ମାନସ ପୋର୍ଟାଲ) କାର୍ଯ୍ୟ କରୁଛି।

## ଉତ୍କଳିକାର ପ୍ରତିଷ୍ଠା ଦିବସ



**ଭୁବନେଶ୍ୱର,୧୪।୫ (ମହାଭାରତ):** ଓଡିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ (ଉତ୍କଳିକା)ର ୬୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ମୁଖ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଗୁହା ପୁନମ ତାପସ କୁମାର ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଓଡ଼ିଶାର ଉତ୍କୃଷ୍ଟ ହସ୍ତଶିଳ୍ପକୁ ଆଗେଇ ନେବାରେ ଉତ୍କଳିକାର ଭୂମିକା ଅତୁଳନୀୟ ବୋଲି ସେ କହିଥିଲେ।

ଉତ୍କଳିକା ସଭାପତି କୁମାରୀ ଦେବସ୍ମିତା ସାହୁ ପ୍ରାରମ୍ଭିକ ଅଭିଭାଷଣ ରଖିଥିବା ବେଳେ ଉପ-ସଭାପତି ପ୍ରଶାନ୍ତ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ହସ୍ତଶିଳ୍ପ ନିର୍ଦ୍ଦେଶାଳୟର ନିର୍ଦ୍ଦେଶିକା ଶ୍ରୀମତୀ ପ୍ରଣତୀ ଛୋଟରାୟ, ଉତ୍କଳିକାର ପରିଚାଳନା ନିର୍ଦ୍ଦେଶିକା ଶ୍ରୀମତି ମଧୁମିତା ରଥ, ଯୁଗ୍ମ ସଚିବ ଶ୍ରୀମତୀ କଲ୍ୟାଣୀ ପଟ୍ଟନାୟକ, ପରିଚାଳନା ପରିଷଦର ସଭ୍ୟ/ସଭ୍ୟା ଓ ବରିଷ୍ଠ ଅଧିକାରୀ ପ୍ରମୁଖ ଏହି ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ଓଡ଼ିଶା ହସ୍ତଶିଳ୍ପ ଉଦ୍ୟୋଗର ବିକାଶ ତଥା ହସ୍ତଶିଳ୍ପ କାରିଗରମାନଙ୍କ ଉତ୍ପାଦିତ ସାମଗ୍ରୀର ବିକ୍ରୟ ନିମନ୍ତେ ଓଡିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ, (ଉତ୍କଳିକା) ୧୩.୦୫.୧୯୯୫ ମସିହାରେ ଗଠନ କରାଯାଇଥିଲା। ମହିଳାମାନଙ୍କର ଅନ୍ତର୍ଭୁକ୍ତୀକରଣ, ରୋଜଗାରର ଅବଲମ୍ବନ ଓ ଗ୍ରାମୀଣ ଅର୍ଥନୀତିକୁ ସମୃଦ୍ଧ କରିବାରେ ଏହାର ପ୍ରମୁଖ ଭୂମିକା ରହିଛି। ଏହି ଶୀର୍ଷ ସମବାୟ ଅନୁଷ୍ଠାନରେ ରାଜ୍ୟ ସରକାର, କେନ୍ଦ୍ର ସରକାର ଓ ୧୧୭ ଗୋଟି ପ୍ରାଥମିକ ହସ୍ତଶିଳ୍ପ ସମବାୟ ସମିତି ସଦସ୍ୟ ଅଛନ୍ତି।

ଓଡ଼ିଶା ହସ୍ତଶିଳ୍ପ କାରିଗରମାନଙ୍କର ସାମଗ୍ରିକ ଉନ୍ନତି ନିମନ୍ତେ ଉତ୍କଳିକା ରାଜ୍ୟ ଭିତରେ ୧୨ ଗୋଟି ଶାଖା ଯଥା ଭୁବନେଶ୍ୱରର ମାର୍କେଟ ବିଲ୍ଡିଂ, ଏକାମ୍ର ହାଟ, କଳାଭୂମି, ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର ଓ ରସୁଲଗଡ ଏବଂ କଟକ, ଜୟପୁର, କେନ୍ଦୁଝର, ସମ୍ବଲପୁର, ରାଉରକେଲା, ଅନୁଗୁଳ, ପୁରୀ ଓ ରାଜ୍ୟ ବାହାରେ ୬ ଗୋଟି ନୂଆଦିଲ୍ଲୀ, ବେଙ୍ଗାଲୁରୁ, ହାଇଦ୍ରାବାଦ, ପୁନେ, କଲିକତା ଓ ମୁମ୍ବାଇ ଠାରେ ସର୍ବମୋଟ ୧୮ ଟି ଶାଖା କାର୍ଯ୍ୟ କରୁଅଛି। ସ୍ୱତନ୍ତ୍ର ହସ୍ତଶିଳ୍ପ ଏବଂ ହସ୍ତତନ୍ତ ଉତ୍ପାଦ ଗୁଡିକର ପ୍ରଦର୍ଶନ ଏବଂ ଅନଲାଇନ ବିକ୍ରୟ ପାଇଁ ଉତ୍କଳିକାର ନିଜସ୍ୱ ୱେବସାଇଟ www.utkalikaodisha.com ଅଛି। ଏକ ରାଜ୍ୟସ୍ତରୀୟ ଶୀର୍ଷ ସମିତି ଭାବରେ ନିଗମ, ଆମେରିକା, ଋଷିଆ, ଜର୍ମାନୀ, ଫ୍ରାନ୍ସ, ୟୁକେ ଏବଂ ହଂକଂ ଇତ୍ୟାଦି ଦେଶକୁ ରପ୍ତାନୀ ମାଧ୍ୟମରେ ଅନ୍ତର୍ଜାତୀୟ ସ୍ତରରେ ରାଜ୍ୟର ହସ୍ତଶିଳ୍ପକୁ ଲୋକପ୍ରିୟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଅଛି।

## କିଟ୍ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ଶତପ୍ରତିଶତ ସଫଳତା

**ଭୁବନେଶ୍ୱର,୧୪।୫ (ମହାଭାରତ):** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ଆଜି ପ୍ରକାଶିତ ହୋଇଛି। ଏଥିରେ ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ଦ୍ୱାଦଶରେ ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ତ୍ରିଶା ରଥ କଳାରେ ସର୍ବାଧିକ ୯୯.୪ ପ୍ରତିଶତ ନମ୍ବର ରଖି ସ୍କୁଲ୍ ଟପ୍‌ପର ହେବା ସହ ଆଞ୍ଚଳିକ ଟପ୍‌ପର ହୋଇଛନ୍ତି। ସେହିପରି ହଂସ ଦାରୁକା ବିଜ୍ଞାନରେ ସର୍ବାଧିକ ୯୮.୮ ପ୍ରତିଶତ ନମ୍ବର ରଖି ସ୍କୁଲ୍ ଟପ୍‌ପର ହୋଇଥିବା ବେଳେ ବାଣିଜ୍ୟରେ ଦୀପ୍ତି ସାହୁ ସର୍ବାଧିକ ୯୮.୬ ନମ୍ବର ରଖି ସ୍କୁଲ୍ ଟପ୍‌ପର ହୋଇଛନ୍ତି। ଚଳିତବର୍ଷ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ୪୦ ପ୍ରତିଶତ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି ଦ୍ୱାଦଶ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ସିବିଏସ୍‌ଇ ଦଶମ ବୋର୍ଡ ପରୀକ୍ଷାରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ଉତ୍କର୍ଷ ବଜାୟ ରଖିଛନ୍ତି। ଦଶମରେ ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ସ୍କୁଲ୍‌ର ଉଶ୍ୱସ୍ତି ଉବିକା ପାଟଶାଣୀ ସର୍ବାଧିକ ୯୯ ପ୍ରତିଶତ ନମ୍ବର ରଖି ସ୍କୁଲ୍ ଟପ୍‌ପର ହୋଇଛନ୍ତି। କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ରେ ସ୍ପେଶିଆଲ୍ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ସେନ୍ ଗ୍ଲୋବ୍‌ରେ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀମାନେ ମଧ୍ୟ ଏକ ପ୍ରଭାବଶାଳୀ ଫଳାଫଳ ରେକର୍ଡ କରିଛନ୍ତି। ସେନ୍ ଗ୍ଲୋବର ଚାରି ଜଣ ଛାତ୍ର ୮୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ବେଳେ ଜଣେ ଛାତ୍ର ୯୫ ପ୍ରତିଶତ ନମ୍ବର ରଖିଛନ୍ତି।

ସ୍କୁଲ୍‌ର ଏହି ସଫଳତାରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି, କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଗୁଣାତ୍ମକ ଶିକ୍ଷା ପ୍ରଣାଳୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିଷ୍ଠା ଏବଂ ଛାତ୍ରଛାତ୍ରୀଙ୍କୁ ସମୟ ଉପଯୋଗୀ ପରାମର୍ଶ ଯୋଗୁଁ ଦୀର୍ଘ ୧୭ବର୍ଷ ହେଲା ଏହି ସଫଳତା ସମ୍ଭବ ହୋଇଆସୁଛି।

## ଭଗବାନ ବୁଦ୍ଧ ଓ ଭୀମଭୋଇଙ୍କ ଜୟନ୍ତୀ

**କଟକ,୧୪।୫ (ମହାଭାରତ):** ଓଡ଼ିଆ ଭାଷା-ସାହିତ୍ୟ-ସଂସ୍କୃତି ସୁରକ୍ଷା ସଂସ୍ଥା ପକ୍ଷରୁ ଭଗବାନ ବୁଦ୍ଧଦେବ ଓ ମହିମାଧର୍ମର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ପ୍ରମୁଖ ଭୂମିକା ନିର୍ବାହ କରିଥିବା ବିପ୍ଳବୀ ଭୀମଭୋଇଙ୍କ ପବିତ୍ର ଜନ୍ମଦିବସ ପାଳିତ ହୋଇଯାଇଛି। ପ୍ରସିଦ୍ଧ ଶୈବ୍ୟକ୍ଷେତ୍ର ଗଡ଼ଗଡ଼େଶ୍ୱର ଧାମରେ ଅନୁଷ୍ଠିତ ସଭାରେ ଅନୁଷ୍ଠାନର କେନ୍ଦ୍ରୀୟ ସଭାପତି ଆଡ଼ଭୋକେଟ ପ୍ରଫେସର ଡକ୍ଟର ଜ୍ଞାନଗୁରୁ ଦାସ ସଭାପତିତ୍ୱ କରି ଦେବଦୁର୍ଲ୍ଲଭ ଆତ୍ମାଙ୍କ ଉଦ୍ଦେଶ୍ୟରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇ କହିଥିଲେ ଉଭୟଙ୍କ ଦର୍ଶନରେ ସୁସ୍ଥସମାଜ ଗଠନ ହୋଇପାରିବ। ପ୍ରାରମ୍ଭରେ ପୂଜକ ପଣ୍ଡିତ ଦେବାଶିଷ ପଣ୍ଡା ଶାନ୍ତିମନ୍ତ୍ର ଆବୃତ୍ତ କରିବା ପରେ ସାମ୍ବାଦିକ ପ୍ରଭୁଦତ୍ତ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଡକ୍ଟର ପ୍ରମୋଦ କୁମାର ମହାପାତ୍ର ଯୋଗଦେଇ ସିଦ୍ଧି ସାଧନାର ମୂର୍ତ୍ତିମନ୍ତ ପ୍ରତୀକ ଭାବେ ଭଗବାନ ବୁଦ୍ଧଦେବ ଓ ମହିମା ଧର୍ମର ଆଲୋକବର୍ତ୍ତିକା ଭୀମଭୋଇଙ୍କୁ ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ମହାନଦୀ ଆଲତିର ସମ୍ପାଦକ ସମାଜସେବୀ ଗଙ୍ଗାଧର ବେହେରା ଭଗବାନ ବୁଦ୍ଧଙ୍କୁ ଏସିଆର ଆଲୋକ ବୋଲି କହି ଭୀମଭୋଇଙ୍କୁ ଧର୍ମଆନ୍ଦୋଳନରେ ବିପ୍ଳବୀ ବୋଲି ଆଖ୍ୟାୟିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଣ୍ଡିତ ହୃଷିକେଶ ପଣ୍ଡା, ଆଡ଼ଭୋକେଟ ବିଶ୍ୱନାଥ ଦାସ, ସମାଜସେବୀ କୃଷ୍ଣଚନ୍ଦ୍ର ବଳ, ନିବାସଚନ୍ଦ୍ର ମିଶ୍ର, ବିଜୟ କୁମାର ସାମଲ, ପ୍ରଫେସର ସବିତାବାଳା ଆଚାର୍ଯ୍ୟ, ସସ୍ମିତା ଦାସ, ଡାକ୍ତର ଅନିନ୍ଦିତା ମହାପାତ୍ର, ମହେଶ୍ୱେତା ଦେବରାୟ, ଶକ୍ତିସ୍ୱରୂପା ଦାସ, ଲକ୍ଷ୍ମୀସ୍ୱରୂପା ଦାସ ଓ ପ୍ରାପ୍ତିକର ମହାପାତ୍ର ପ୍ରମୁଖ ନିଜ ନିଜର ଦୃଷ୍ଟିକୋଣରୁ ଆଜିର ସ୍ୱର୍ଣ୍ଣିମ ଦିବସ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ଶିଳ୍ପୀ ଗୁରୁଦତ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ।



## ଶିଶୁର କିଡ଼ନୀ ବଞ୍ଚାଇଲା ଦୁଇ ଜୀବନ



**ଭୁବନେଶ୍ୱର,୧୪।୫ (ମହାଭାରତ):** ଛଅ ବର୍ଷର ଶିଶୁପୁତ୍ରଟିର ଇଚ୍ଛା ଥିଲା ସେ ଗୋଟିଏ ପୁରସ୍କାର ପାଇବ। ମା'ବି ତାକୁ ଆଶ୍ୱାସନା ଦେଇଥିଲେ ଯେ ସେ ଏଭଳି ପୁରସ୍କାର ପାଇବ ଯାହା କେହି ବି ପାଇ ନଥିବେ। ଶିଶୁଟି ଜୀବିତ ଅବସ୍ଥାରେ ପୁରସ୍କାର ପାଇପାରିଲା ନାହିଁ ସତ ତେବେ ମୃତ୍ୟୁ ପରେ ଆଉ ଦୁଇଟି ଜୀବନ ବଞ୍ଚାଇବାରେ ସଫଳ ହୋଇପାରିଛି। ବାରିପଦା ମୁର୍ଗାବାଡି ଅଞ୍ଚଳର ଏହି ଶିଶୁଟିର ଆକସ୍ମିକ ଦୁର୍ଘଟଣାରେ ମୁଣ୍ଡରେ ଗଭୀର ଆଘାତ ଯୋଗୁଁ ସ୍ଥାନୀୟ ସମ୍ ଅଲ୍ଟିମେଟ ମେଡିକେୟାରରେ ଚିକିତ୍ସିତ ହେଉଥିଲା। ଶିଶୁଟି ବ୍ରେନ୍ ଡେଡ ଘୋଷିତ ହେବା ପରେ ତା'ର ପିତା-ମାତା ତାର ଅଙ୍ଗଦାନ କରିବା ନିମନ୍ତେ ମନସ୍ଥ କରିଥିଲେ। ଶିଶୁଟିର ଦୁଇ କିଡ଼ନୀ ଆଉ ଦୁଇଟି ରୋଗୀଙ୍କର ଜୀବନ ବଞ୍ଚାଇବାରେ ସାହାଯ୍ୟ କରିଛି।

ଅଙ୍ଗଦାନ ଭଳି ମହତ କାର୍ଯ୍ୟରେ ଅଗ୍ରଣୀ ସମ୍ ଅଲ୍ଟିମେଟ ମେଡିକେୟାର ହସ୍ପିଟାଲ୍‌ରେ ଏହି ଶିଶୁଟିର ଦୁଇଟି ବୃକକକୁ ବାହାର କରାଯାଇ ଭୁବନେଶ୍ୱର ଏମ୍ସ ଏବଂ ଅନ୍ୟ ଏକ ଘରୋଇ ହସ୍ପିଟାଲ୍‌କୁ ପଠାଯାଇଛି। ଗତ ୬ ତାରିଖ ଦିନ ଶିଶୁଟିର ମୁଣ୍ଡ ଉପରେ ୩ କ୍ୱିଂଟାଲ୍ ଓଜନର ଏକ ଗେଟ ପଡ଼ିଯିବା ପରେ ଶିଶୁର ବାପା-ମା' ପ୍ରଥମେ ବାଲେଶ୍ୱର ହସ୍ପିଟାଲ ଏବଂ ପରବର୍ତ୍ତୀ ସମୟରେ ସମ୍ ଅଲ୍ଟମେଟ ମେଡିକେୟାରରେ ଚିକିତ୍ସା ପାଇଁ ଭର୍ତ୍ତି କରାଇଥିଲେ। ତେବେ ଅନେକ ଚିକିତ୍ସା ଓ ଚେଷ୍ଟା ସତ୍ୱେ ଶିଶୁଟିକୁ ବଂଚା ଯାଇପାରି ନଥିଲା। ତା'ର ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା ଯାହାକୁ କି ସିଭିୟର ଟ୍ରମାଟିକ୍ ବ୍ରେନ୍ ଇଞ୍ଜୁରି କୁହାଯାଏ ବୋଲି ଚିକିତ୍ସା କରୁଥିବା ଡାକ୍ତର ତଥା ସମ୍ ଅଲ୍ଟିମେଟ ମେଡିକେୟାରର କ୍ରିଟିକାଲ୍ କେୟାର ମେଡିସିନ ବିଭାଗର ସିନିୟର କନ୍‌ସଲ୍‌ଟାଂଟ ଡାକ୍ତର ଆଲୋକ କୁମାର ପାଣିଗ୍ରାହୀ କହିଥିଲେ। ଅନେକ ପ୍ରଚେଷ୍ଟା ସତ୍ୱେ ଶିଶୁଟିର ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ପରିଲକ୍ଷିତ ହୋଇନଥିଲା। ତେଣୁ ସମ୍ମର ନ୍ୟୁରୋସର୍ଜରୀ ବିଭାଗର ସିନିୟର କନ୍‌ସଲ୍‌ଟାଂଟ ଡାକ୍ତର ସୋମନାଥ ଜେନା ଏବଂ ଡାକ୍ତର ପାଣିଗ୍ରାହୀ ତା'ର ଦୁଇ ଥର ଆପ୍‌ନିଆ ଟେଷ୍ଟ କରାଇବା ପରେ ଶିଶୁଟିକୁ ବ୍ରେନ୍ ଡେଡ ଘୋଷଣା କରାଯାଇଥିଲା। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ କହିଛନ୍ତି ଯେ ସମ୍ମ ପକ୍ଷରୁ ଅଂଗଦାନ ଭଳି ମହତ କାର୍ଯ୍ୟକୁ ଅଧିକ ଲୋକାଦୃତ କରିବା ପାଇଁ ପ୍ରଚେଷ୍ଟା କରାଯାଉଥିବା ବେଳ ଆଗାମୀ ଦିନରେ ମଧ ଏହି ପ୍ରକ୍ରିୟା ହସ୍ପିଟାଲ ପକ୍ଷରୁ ଜାରି ରହିବ।

## ସାମସଙ୍ଗ ଭାରତରେ ଗାଲାକ୍ସି ଏସ୨୫ ଏଜର ପ୍ରି-ଅର୍ଡ଼ର ଘୋଷଣା

**ଭୁବନେଶ୍ୱର,୧୪।୫ (ମହାଭାରତ):** ସାମସଙ୍ଗ, ଭାରତର ସର୍ବବୃହତ୍ ଗ୍ରାହକ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ, ଆଜି ଏହାର ବିଭାଗର ସଂଜ୍ଞାକରଣ ହୋଇଥିବା ଗାଲାକ୍ସି ଏସ୨୫ ଏଜ ପ୍ରି-ଅର୍ଡ଼ର ଖୋଲିଛି ଯାହାକି ଏସ ଶୃଙ୍ଖଳ ସ୍ମାର୍ଟଫୋନର ସବୁଠାରୁ ପତଳା ସ୍ମାର୍ଟଫୋନ ଅଟେ। ମନରେ ଏକ ଷ୍ଟାଇଲ ତଥା ଦୃଢ଼ଭାବରେ ନିର୍ମିତ ଗାଲାକ୍ସି ଏସ୨୫ ଏକାଧିକ୍ରମେ ନୂତନ ସନ୍ତୁଳିତ ପ୍ରିମିୟମ, ପ୍ରୋସ୍ତରର ଦକ୍ଷତା ତଥା ସ୍ଥିରତା ଭାବରେ ଏକ ଟିଟାନିୟମ ବଡ଼ିକୁ ଏଥିରେ ସଂଯୋଗ କରିଛି। ଏସ ଶୃଙ୍ଖଳର ବଂଶାନୁକ୍ରମକୁ ନେଇ ଗାଲାକ୍ସି ଏସ୨୫ ଏଜ ଯେଉଁ ନୂତନତ୍ୱକୁ ପ୍ରଦାନ କରୁଛି ତାହା ମଧ୍ୟରେ ରହିଛି ଆଇକନିକ୍ ଗାଲାକ୍ସି ଏଆଇ ସକ୍ଷମକାରୀ କ୍ୟାମେରା ତଥା ଏକ ନୂଆ ଚିନ୍ତାଧାରାର ସୃଜନଶୀଳତା ସହିତ ଅତି ନିଖୁଣ ଭାବରେ ଏକ ଛୋଟ ଉପକରଣଟିଏ।

୫.୮ମି.ମି. ପତଳା ଚେସିସ୍ ସହିତ ଗାଲାକ୍ସି ଏସ୨୫ ଏଜ ଏକ କୀର୍ତିମାନ ଯାନ୍ତ୍ରିକୀର ପୁନଃ ପରିକଳ୍ପନାକୁ ସ୍ମାର୍ଟଫୋନର ସମସ୍ତ ଡ଼ିଜାଇନ ସହିତ ପାଖାପାଖି ଭାବରେ ସଂଯୋଗ କରିପାରିଛି। ଏହା ଫ୍ରେମକୁ ପୁନଃସଂଜ୍ଞାକରଣ କରିବା ସହିତ କେବଳ ମାତ୍ର ୧୬୩ ଗ୍ରାମର ଓଜନ ରହିଛି ଯାହାକି ଏକ ପତଳା ସ୍ମାର୍ଟଫୋନ ଭାବରେ ପରବର୍ତି ସ୍ତରକୁ ଯାଇ ଗାଲାକ୍ସି ଏସ ଶୃଙ୍ଖଳର ଏକତ୍ରିକରଣ ଡ଼ିଜାଇନକୁ ପରିବେଶଣ କରିଛି। ଏହାର ପ୍ରତ୍ୟେକ ପାର୍ଶ୍ୱରେ ଅଙ୍କିତ ହୋଇଥିବା ସୁନ୍ଦର ଗଠନ ଶୈଳୀ ଏହାର ସ୍ଥିରତାକୁ ପ୍ରଦର୍ଶିତ କରିପାରିଛି। ଏଥିରେ ରହିଥିବା ଅନୁକୂଳିତ ଧାର ଯାହାକି କଠିନ ଟିଟାନିୟମ ଫ୍ରେମରେ ରହିଛି ଏହା ଦୈନନ୍ଦିନ ବ୍ୟବହାର ପାଇଁ ସୁରକ୍ଷିତ ଅଟେ।

## ଭଗବାନ ବୁଦ୍ଧଙ୍କ ନିକଟରେ ଭାରତବାସୀ ଋଣୀ

**ଭୁବନେଶ୍ୱର,୧୪।୫ (ମହାଭାରତ):** ସମଗ୍ର ବିଶ୍ୱକୁ ପ୍ରଥମ ଅହିଂସାର ବାର୍ତା ଦେଇଥିବା, ବିଶ୍ୱବନ୍ଦନୀୟ ପରମ କାରୁଣିକ ଭଗବାନ ତଥାଗତ ବୁଦ୍ଧଙ୍କ ୨୫୬୯ତମ ଜୟନ୍ତୀ ଅବସରରେ ମହାବୋଧି ଯୁବା ଅଭିଯାନ ପକ୍ଷରୁ ପହଲଗାମର ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ଓ ଅପରେସନ ସିନ୍ଦୁର ଯୁଦ୍ଧରେ ସହୀଦ ହୋଇଥିବା ବୀର ଯବାନଙ୍କ ଉଦ୍ଦେଶ୍ୟରେ ଭୁବନେଶ୍ୱର ବୁଦ୍ଧ ମନ୍ଦିର ଠାରେ ଥିବା ବୋଧି ବୃକ୍ଷତଳେ ଏକ ସାମୁହିକ ଦୀପଦାନ ଓ ମୌନବ୍ରତ କାର୍ଯ୍ୟକ୍ରମ ଅନୁଷ୍ଠାନର ଅଧ୍ୟକ୍ଷ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି।

କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଦୈନିକ ନିତିଦିନର ସମ୍ପାଦକ ମନୋଜ କୁମାର ମହାପାତ୍ର କହିଲେ ଯେ ବିଶ୍ୱବାସୀ ଭଗବାନ ତଥାଗତ ବୁଦ୍ଧଙ୍କୁ ଯେଉଁ ଶ୍ରଦ୍ଧା ଓ ସମ୍ମାନ ଦେଇଛନ୍ତି, ବୁଦ୍ଧଙ୍କୁ ନେଇ ଗର୍ବ କରୁଥିବା ଆମେ ଭାରତବାସୀ ସେଭଳି ଶ୍ରଦ୍ଧା ସମ୍ମାନ ଦେଇପାରି ନାହୁଁ। ଆମେ ଭାରତବାସୀ ଭଗବାନ ବୁଦ୍ଧଙ୍କ ପାଖରେ ଋଣୀ। ସମ୍ମାନୀତ ଅତିଥି, ପୂର୍ବତନ ପ୍ରଶାସକ ସହଦେବ ଜୟସିଂହ, ବୁଦ୍ଧଙ୍କ ଜନ୍ମକୁ ନେଇ ଓଡ଼ିଶାର ଐତିହାସିକ ମାନେ ଉଠାଇଥିବା ଦ୍ୱନ୍ଦର ବହୁଳ ଭାବରେ ଆଲୋଚନା ହେବା ଉଚିତ ବୋଲି ସେ କହିଥିଲେ। ବିଶିଷ୍ଟ ଅତିଥି ପ୍ରଫେସର ଡ. ବୁଦ୍ଧଦେବ ମିଶ୍ର ଭଗବାନ ବୁଦ୍ଧ, ଧର୍ମକୁ ଅତ୍ୟନ୍ତ ସରଳଭାବେ ସାଧାରଣ ଜନତା ପାଖରେ ପହଞ୍ଚାଇ ଦେବାରୁ ସେ ପୃଥିବୀର ସର୍ବଜନପ୍ରିୟ ହୋଇପାରିଥିଲେ। ମୁଖ୍ୟବକ୍ତା ପ୍ରଦ୍ୟୁମ୍ନ ଶତପଥି ଭଗବାନ ବୁଦ୍ଧଙ୍କୁ ଚିହ୍ନିବାକୁ ଭାରତବାସୀଙ୍କୁ ଦୁଇ ହଜାର ବର୍ଷ ଲାଗିଗଲା। ବୁଦ୍ଧ ଧର୍ମର ଗ୍ରନ୍ଥ ଧର୍ମପଦର ପ୍ରତ୍ୟେକଟି ସୂତ୍ର ମାନବ କଲ୍ୟାଣ ପାଇଁ ଉର୍ଦ୍ଦିଷ୍ଟ ବୋଲି ସେ କହିଥିଲେ। ବିଶିଷ୍ଟ ବକ୍ତା ଦୂରଦର୍ଶନର ପୂର୍ବତନ ବାର୍ତା ନିର୍ଦ୍ଦେଶକ ଗୋପାଳ ଚନ୍ଦ୍ର ମହାପାତ୍ର କହିଲେ ଯେ ୮୦ ବର୍ଷ ଜୀବନକାଳ ମଧ୍ୟରେ ଭଗବାନ ବୁଦ୍ଧ ସମାଜକୁ ଯେଉଁ ମହାନବାର୍ତ୍ତାଟି ଦେଲେ ତାହା ହେଲା ୧- ଦୁଃଖ ଅଛି, ୨- ଦୁଃଖର କାରଣ ଅଛି, ୩- ଦୁଃଖ ଦୂର କରାଯାଇ ପାରିବ ଓ ୪- ଦୁଃଖ ଦୂରୀକରଣର ଉପାୟମାନ ରହିଛି। ଏହି ୪ଟି କଥାହିଁ ମଣିଷ ଜୀବନର ସାର କଥା ବୋଲି କହିଥିଲେ। ସାମ୍ବାଦିକ ରାଜେଶ ନାୟକ, ଧାରା ଶ୍ରୀ ରାଧା ଟ୍ରଷ୍ଟର ଅଧ୍ୟକ୍ଷ ଅମରେନ୍ଦ୍ର ମହାପାତ୍ରା କହିଲେ ଯେ ଜୀବନ ପ୍ରତି ଅତ୍ୟଧିକ ଆଶକ୍ତି ସମସ୍ତ ଦୁଃଖର କାରଣ, ଏଣୁ ବୁଦ୍ଧ, ତାର ବିନାଶର କଥା କହିଛନ୍ତି। ମହାବୋଧି ଯୁବା ଅଭିଯାନର ଉପସଭାପତି ସିତାବଲ୍ଲଭ ମହାପାତ୍ର ସ୍ୱାଗତ ଭାଷଣ, ବ୍ରଜବନ୍ଧୁ ପଣ୍ଡା କାର୍ଯ୍ୟକ୍ରମ ସୂଚନା ବ୍ରଜବନ୍ଧୁ ପଣ୍ଡା ଓ ପୁଷ୍ପରାଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟରେ ଖୋଲିବ ୮ ନର୍ସିଂ କଲେଜ

**ଭୁବନେଶ୍ୱର,୧୪।୫ (ମହାଭାରତ):** ବରଗଡ଼ ସ୍ଥିତ ଯଦୁମଣି ପ୍ରଧାନ ଅଡିଟୋରିୟମ ଠାରେ ବରଗଡ଼ ନର୍ସିଂ ଆସୋସିଏସନ ତରଫରୁ ଆୟୋଜିତ 'ଅନ୍ତର୍ଜାତୀୟ ନର୍ସ ଦିବସ' ପାଳନ କାର୍ଯ୍ୟକ୍ରମରେ ଯୋଗଦେଇ 'ଅନ୍ତର୍ଜାତୀୟ ନର୍ସ ଦିବସ' ଉପଲକ୍ଷେ ସମସ୍ତ ନର୍ସ ଦିଦି ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ। ଏହି ଅବସରରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ଅତାବିରା ବିଧାୟକ ନିହାର ରଂଜନ ମହାନନ୍ଦ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ନର୍ସିଂ ସୁପରିଟେଣ୍ଡେଣ୍ଟ ବଲମା ଏକ୍କା, ବରଗଡ଼ ଜିଲ୍ଲାପାଳ, ବରଗଡ଼ ସିଡିଏମଓ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ, ସେବାର ପ୍ରତୀକ ଭାବେ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ନର୍ସ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆପଣଙ୍କ ସହଯୋଗ ବିନା, ଦେଶର ଉନ୍ନତ ଭବିଷ୍ୟତ ଏବଂ ସୁସ୍ଥ ସମାଜ ଗଠନର ପରିକଳ୍ପନା ଅସମ୍ଭବ ଅଟେ। ଲୋକଙ୍କ ସରକାର ରାଜ୍ୟରେ ନର୍ସିଂ ଶିକ୍ଷାକୁ ବ୍ୟାପକ କରିବା ସହ ଏହି କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ ସୁରକ୍ଷା, ସମ୍ମାନ ଏବଂ ଦକ୍ଷତା ବିକାଶ ପାଇଁ ପ୍ରତିବଦ୍ଧ ଅଟନ୍ତି, ଏଥିପାଇଁ ରାଜ୍ୟ ସରକାର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରୁଛନ୍ତି। ମେଡିକାଲ କଲେଜ ଖୋଲିବା ସହ ନର୍ସିଂ କଲେଜ ଖୋଲିବା ପାଇଁ ମଧ୍ୟ ପରିକଳ୍ପନା କରାଯାଉଛି। ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ, ଲୋକଙ୍କ ସରକାର ଗଠନ ହେବା ପରେ ରାଜ୍ୟରେ ୮ଟି ନର୍ସିଂ କଲେଜ ଖୋଲିବା ପାଇଁ ଯୋଜନା କରାଯାଇଛି। ଏହି ନିଷ୍ପତ୍ତି ଆଗାମୀ ଦିନରେ ନିଶ୍ଚିତ ଭାବେ ରାଜ୍ୟର ସ୍ୱାସ୍ଥ୍ୟ ସେବା କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବ।



## ସେବିକାମାନଙ୍କର ନିଷ୍ଠାପର ସେବା ଅତୁଳନୀୟ

**ଭୁବନେଶ୍ୱର,୧୪।୫ (ମହାଭାରତ):** ଅତ୍ୟନ୍ତ ପ୍ରତିକୂଳ ପରିସ୍ଥିତିରେ ମଧ ସେବିକାମାନଙ୍କ ନିଷ୍ଠାପର ସେବା ସମାଜ ନିମନ୍ତେ ଆଶାର ଆଲୋକ ବର୍ତିକା ସାଜିପାରିଛି। ମାନବ ସେବା ହିଁ ମାଧବ ସେବା ଏଭଳି ଚିନ୍ତାଧାରାରେ ଯେଉଁମାନେ ଅତି କଠିନ ଓ ପ୍ରତିକୂଳ ପରିସ୍ଥିତିରେ ନିରବଚ୍ଛିନ୍ନ ଭାବେ ସେବା ଦେଇ ଆସୁଛନ୍ତି ସେମାନଙ୍କୁ ମନେ ପକାଇବା ପାଇଁ ବିଶ୍ୱ ନର୍ସେସ ଦିବସ ପାଳନ କରାଯାଉଛି ବୋଲି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶ୍ରୀମତି ଶାଶ୍ୱତି ଦାସ କହିଛନ୍ତି।

ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ କ୍ୟାମ୍ପସ-୨, ଫୁଲନଖରା, ପକ୍ଷରୁ ଆନ୍ତର୍ଜାତିକ ନର୍ସେସ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀମତି ଦାସ ନର୍ସମାନଙ୍କର ସେବା ପରାୟଣତା-ପ୍ରଶଂସନୀୟ ବୋଲି କହିବା ସହ ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଏହି ଦିବସ ପାଳନ କରାଯାଉଥିବା ଅବସରରେ ଏହା ବିଶ୍ୱ ଯୁଦ୍ଧର ବିଭୀଷିକା ମନେ ପକାଇଦିଏ ବୋଲି କହିଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କର ଅଦମ୍ୟ ସାହସ ଓ ସେବା ଯୋଗୁଁ ଅନେକ ଜୀବନ ରକ୍ଷା ପାଇଥିଲା। ତେଣୁ ସେବିକାମାନଙ୍କର ନିଷ୍ଠାପର କର୍ମ ଅତୁଳନୀୟ ବୋଲି ସେ କହିଛନ୍ତି।

ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ସୋଆର ଉପକୁଳପତି ପ୍ରଫେସର (ଡାକ୍ତର) ପ୍ରସନ୍‌ଜୀତ ମହାନ୍ତି କହଥିଲେ ଯେ ନର୍ସିଂ ହେଉଛି ଏକମାତ୍ର ବୃତି ଯେଉଁଥିରେ ସମାଜକୁ ଶତ ପ୍ରତିଶତ ସେବା ପ୍ରଦାନ କରାଯାଇଥାଏ। କାର୍ଯ୍ୟକ୍ରମରେ ଆଇଏମଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର ଡିନ ପ୍ରଫେସର (ଡାକ୍ତର) ଅରକ୍ଷିତ ସ୍ୱାଇଁ, ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ରାଜେଶ କୁମାର ଲେଙ୍କା ଏବଂ ଆଡିସ୍‌ନାଲ୍ ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ତାପସୀ ପତି ନର୍ସମାନଙ୍କୁ ସ୍ୱାସ୍ଥ୍ୟ ସେବାର ମେରୁଦଣ୍ଡ ବୋଲି କହିବା ସହ ସେମାନଙ୍କ ବିନା ସହଯୋଗରେ ଡାକ୍ତରମାନେ କାର୍ଯ୍ୟ କରିବା କଷ୍ଟକର ହେବ ବୋଲି କହିଛନ୍ତି। ହସ୍ପିଟାଲ୍‌ର ନର୍ସିଂ ସୁପରଟେଣ୍ଡେଂଟ ଶ୍ରୀମତି କମଳିନୀ ମଲ୍ଲିକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡେପୁଟି ନର୍ସିଂ ସୁପରିଟେଣ୍ଡେଂ ଶ୍ରୀମତି ସୁଚିସ୍ମିତା ଜେନା ବାର୍ଷିକ ରିପୋର୍ଟ ପ୍ରଦାନ କରିଥିଲେ ଏବଂ ଶ୍ରୀମତି ପ୍ରଣତି ରାଣୀ ବେହେରା ଫ୍ଲୋରେନ୍ସ ନାଇଟିଙ୍ଗେଲ ଶପଥ ପାଠ କରାଇଥିଲେ। ଡିଏନ୍‌ଏସ୍ ଶ୍ରୀମତି ପ୍ରିୟତମା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



## ଜଳାଭାବ ଥିଲେ ଜଳ ଯୋଗାଇ ଦିଆଯିବ

**ଭୁବନେଶ୍ୱର,୧୪।୫ (ମହାଭାରତ):** ରାଜ୍ୟରେ ପାନୀୟ ଜଳର ସଙ୍କଟ। ବିଭିନ୍ନ ଅଞ୍ଚଳର ନଦୀନାଳ ଶୁଖି ଯାଇଛି। ଗତବର୍ଷ କମ୍ ବର୍ଷା ହୋଇଛି। ଏଥର ସରକାରଙ୍କ ତରଫରୁ ଚାଷୀଙ୍କୁ ଇନପୁଟ ସବସିଡି ସହ ୩୧୦୦ ଟଙ୍କା ଦିଆଯାଇଛି। ଚାଷୀ ଏହି ଅର୍ଥରେ ଧାନ ଚାଷ କରିଛନ୍ତି। ଚାଷ ପାଇଁ ନଦୀ ନାଳରୁ ପାଣି ଆସିଛି। ଯେଉଁଥିପାଇଁ ଜଳସ୍ତର କମିଯାଇଛି ବୋଲି କହିଛନ୍ତି ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାଏକ। ଭୂମିତଳ ଜଳ ରିଚାର୍ଜ ଆବଶ୍ୟକତା ରହିଛି। ଟ୍ୟୁବୱେଲରୁ ବି ପାଣି ବାହାରୁନାହିଁ। ୧୦ ହଜାର ୬୦୦ ଟି ଟ୍ୟୁବୱେଲ ଖୋଳା ସରିଛି। ଖୋଳିବା ପାଇଁ ଯନ୍ତ୍ରାଂଶ ଅଭାବ ଅଛି। ପାନୀୟ ଜଳର ଅଭାବ ଅଛି। ସରପଞ୍ଚଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେଉଁଠି ଜଳାଭାବ ଥିବ ସେଠାରେ ଜଳ ଯୋଗାଇ ଦେବେ। ବିଡିଓ, ପିଓ, ଜେଇ ମାନେ ନଜର ରଖିଛନ୍ତି ବୋଲି ସେ କହିଛନ୍ତି।

# ନ୍ୟାୟିକ ପ୍ରକ୍ରିୟା

୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶରେ ମାମଲା ସଂଖ୍ୟା ଅଧିକ ରହିବା ସ୍ୱାଭାବିକ। ଦ୍ୱିତୀୟରେ ତଦନ୍ତ ପ୍ରକ୍ରିୟାରେ ବିଳମ୍ବ। ଗୋଟିଏ ଗୋଟିଏ ମାମଲାର ତଦନ୍ତ ବର୍ଷ ବର୍ଷ ଧରି ଚାଲୁଛି। ହେଲେ ଦୋଷୀଙ୍କ ବିରୋଧରେ ଚାର୍ଜସିଟ୍ ପ୍ରସ୍ତୁତ ହୋଇପାରୁନାହିଁ। ତଦନ୍ତକାରୀ ଅଧିକାରୀ ବଦଳି ହୋଇ ଚାଲିଯାଉଛନ୍ତି, ଅବସର ନେଇଗଲେ ମଧ୍ୟ ତଦନ୍ତ ସରୁନାହିଁ। ଆଉ ଅନେକ କ୍ଷେତ୍ରରେ ଅଭିଯୁକ୍ତଙ୍କ ବିୟୋଗ ହୋଇଗଲେ ମଧ୍ୟ ମାମଲା ସରୁନାହିଁ। ଏହାକୁ କହନ୍ତି ବିଡ଼ମ୍ବିତ ନ୍ୟାୟ। ନିକଟରେ ଉତ୍ତରପ୍ରଦେଶର ଏକ କୋର୍ଟ ଏକ ଗଣହତ୍ୟା ମାମଲାରେ ୩ଜଣଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଛନ୍ତି। ୪୪ ବର୍ଷ ପରେ ଏହି ମାମଲାର ରାୟ ପ୍ରକାଶ ପାଇଛି। ୧୯୮୧ରେ ଏହି ଗଣହତ୍ୟା ଘଟିଥିଲା। ଏଥିରେ ସମ୍ପୃକ୍ତ ୧୪ଜଣ ଅଭିଯୁକ୍ତ ସ୍ୱାଭାବିକ ମୃତ୍ୟୁ ବରଣ କରି ସାରିଲେଣି। ଅବଶିଷ୍ଟ ୩ଜଣ ବାର୍ଦ୍ଧକ୍ୟରେ ଉପନୀତ । ସେମାନଙ୍କୁ ଫାଶୀ ଦେବାର ମାନେ କିଛି ନାହିଁ। ଉପରକୋର୍ଟରେ ସେମାନେ ଖସି ଯାଇପାରନ୍ତି। ହାଇକୋର୍ଟ ପରେ ସୁପ୍ରିମକୋର୍ଟ ରହିଛି। ସମ୍ଭବତଃ ଫାଶୀ ଦଣ୍ଡାଦେଶ କାର୍ଯ୍ୟକାରୀ ହେବାକୁ ଆଉ ୧୦ ବର୍ଷ ଲାଗିଯାଇପାରେ। ଏହାକୁ କହନ୍ତି ବିଡ଼ମ୍ବିତ ନ୍ୟାୟ। ଏଭଳି ଏକ ମାମଲା ହେଲା ୧୯୮୪ର ଶିଖ ବିରୋଧୀ ଦଙ୍ଗା। ଏଥିରେ ଜଣେ ପ୍ରମୁଖ ଅଭିଯୁକ୍ତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜଗଦୀଶ ଟାଇଟଲରଙ୍କ ବିରୋଧରେ ଚାର୍ଜସିଟ୍ ପ୍ରସ୍ତୁତ ଲାଗି ଦିଲ୍ଲୀର ଏକ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କ ବିରୋଧରେ ଅଭିଯୋଗର ଯଥେଷ୍ଟ ସାକ୍ଷ୍ୟ ପ୍ରମାଣ ରହିଛି ବୋଲି କୋର୍ଟ କହିଛନ୍ତି। ଏହି ଘଟଣାକୁ ୪୦ ବର୍ଷ ବିତିଗଲାଣି। ତଥାପି ଅଭିଯୁକ୍ତଙ୍କ ବିରୋଧରେ ଦଣ୍ଡ ବିଧାନ ହୋଇନପାରିବା ଦୁର୍ଭାଗ୍ୟଜନକ। ୧୯୮୪ରେ ଅପରେସନ ବ୍ଲୁ-ଷ୍ଟାରର ପ୍ରତିଶୋଧ ନେବାକୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କ ଅଙ୍ଗରକ୍ଷୀ ଗୁଳି କରି ହତ୍ୟା କରିଥିଲେ। ସେ ଥିଲେ ଜଣେ ଶିଖ ଧର୍ମାବଲମ୍ବୀ। ତେଣୁ ଇନ୍ଦିରାଙ୍କ ହତ୍ୟା ପରେ ଦିଲ୍ଲୀରେ ଆରମ୍ଭ ହୋଇଥିଲା ଶିଖ ବିରୋଧୀ ଦଙ୍ଗା। ଶହ ଶହ ଶିଖ ଧର୍ମାବଲମ୍ବୀଙ୍କୁ ହତ୍ୟା କରାଯାଇଥିଲା। ଏଥିରେ କଂଗ୍ରେସ ନେତା ଜଗଦୀଶ ଟାଇଟଲରଙ୍କ ସମ୍ପୃକ୍ତି ଅଭିଯୋଗ ହୋଇଥିଲା। ତାଙ୍କ ବିରୋଧରେ ହତ୍ୟା, ହିଂସା ଏବଂ ଦଙ୍ଗା ଲାଗି ଉସୁକାଇବା, ଧର୍ମପୀଠ ଉପରେ ଆକ୍ରମଣ, ନିଆଁ ଲଗାଇବା, ଲୁଟ ଏବଂ ଉତ୍ତେଜନା ସୃଷ୍ଟିକାରୀ ଭାଷଣ ଦେବା ଅଭିଯୋଗ ଆସିଛି। ଦିଲ୍ଲୀର ଗୋଟିଏ ଗୁରୁଦ୍ୱାରା ଉପରେ କିଛି ଲୋକ ଆକ୍ରମଣ କରି ତିନିଜଣଙ୍କୁ ହତ୍ୟା କରିଥିଲେ। ହତ୍ୟାକାରୀମାନେ ଜଗଦୀଶ ଟାଇଟଲରଙ୍କ ନେତୃତ୍ୱରେ ଆସିଥିଲେ, ତାଙ୍କ ଇଙ୍ଗିତ ଏବଂ ନିର୍ଦ୍ଦେଶରେ ଗୁରୁଦ୍ୱାରା ଉପରେ ଆକ୍ରମଣ କରିଥିଲେ। ନିରୀହ ଲୋକଙ୍କୁ ହତ୍ୟା କରିଥିଲେ। ହାତରେ ସେମାନେ ତଲୱାର, ଲୁହାରଡ଼, ବାଡ଼ି, ପେଟ୍ରୋଲ ଆଦି ଧରି ସେମାନେ ଗୁରୁଦ୍ୱାରା ଉପରେ ଆକ୍ରମଣ କରିଥିଲେ। ଏଭଳି ଅନେକ ଘଟଣା ଘଟିଛି ଯେଉଁଥିରେ କଂଗ୍ରେସ କର୍ମୀମାନେ ସାମିଲ ଥିଲେ। ଏମାନଙ୍କର ନେତା ଥିଲେ ଜଗଦୀଶ ଟାଇଟଲର। ଆଉ ଜଣେ ନେତା ସଜ୍ଜନ କୁମାରଙ୍କ ବିରୋଧରେ ମଧ୍ୟ ଏଭଳି ଅଭିଯୋଗ ଆସିଥିଲା। ୪୦ ବର୍ଷ ଭିତରେ ଅନେକ ଅଭିଯୁକ୍ତ ମରିହଜି ଗଲେଣି। ଅନେକ ମୃତକଙ୍କ ପରିବାରରେ ତାଙ୍କ ଉତ୍ତରାଧିକାରୀମାନେ ମଧ୍ୟ ମରିଗଲେଣି। ଅନେକ ନ୍ୟାୟ ପାଇଁ ଅପେକ୍ଷା କରି କରି ହତାଶ ହୋଇଗଲେଣି। ମାମଲାର ୪୦ ବର୍ଷ ପରେ ବି ଯଦି ନ୍ୟାୟିକ ପ୍ରକ୍ରିୟା ଶେଷ ହୋଇପାରିଲାନି, ତେବେ ଏହାକୁ ନ୍ୟାୟ ବୋଲି କୁହାଯାଇପାରିବ ନାହିଁ। ଏହାକୁ ଅନ୍ୟାୟର ଜ୍ୱଳନ୍ତ ଉଦାହରଣ ବୋଲି କୁହାଯାଇପାରିବ। ବିଗତ ୪୦ ବର୍ଷ ଭିତରେ ଦେଶର ରାଜନୈତିକ ସ୍ତରରେ ଅନେକ ପରିବର୍ତ୍ତନ ହୋଇଗଲାଣି।

# ମାଟି, କୃଷି ଓ ଚାଷୀ

॥ ଡି ଶୁଭମ୍ ॥

*କୃଷି କାର୍ଯ୍ୟ ଆଜି ଅମଳ ବା ଉତ୍ପାଦନ ପାଇଁ କରାଯାଉଛି। ଜମିରେ ବ୍ୟବହୃତ ଅତ୍ୟଧିକ ରାସାୟନିକ ସାରର ପ୍ରଭାବ ମାଟି/ମୃତ୍ତିକାକୁ କ୍ଷୟ କରୁଛି। ଏହା ସମସ୍ତେ ଜାଣିବି ଏହାକୁ ପ୍ରୟୋଗ କରିବାରେ ଅବହେଳା କରୁନାହାନ୍ତି। ପିଲାଦିନରୁ ମୃତ୍ତିକା କ୍ଷୟ ବିଷୟରେ ପଢ଼ି, ଲେଖି ପରୀକ୍ଷାରେ ପାସ୍ କରି ଆସିଛନ୍ତି ସମସ୍ତେ, ଆଉ ଏହାସହ ମୃତ୍ତିକା ସଂରକ୍ଷଣ କୁ ବି ପଢ଼ିଛନ୍ତି। ହେଲେ କ'ଣ ହେବ, ସବୁ ଯାହାକୁ ତାହା। ସେ ସବୁ ଆଜି ଚୂଲିମୁଣ୍ଡକୁ ଗଲାଣି।*

ସାମ୍ପ୍ରତିକ ସମୟର ବାସ୍ତବ ଚିତ୍ରକୁ ଯଦି ଲକ୍ଷ୍ୟ କରାଯାଏ ଚାଷୀର ମନ କଥା ବୁଝିବାକୁ ଆଜି ଯାଏଁ ବି କେହି ସମର୍ଥ ନୁହନ୍ତି। ଏକ ନିରୀହ ଚାହାଣିରେ ସେ ଅସୁମାରୀ ଲୋକଙ୍କ ମନରେ ଫୁଟାଇ ପାରେ ଅଫୁରନ୍ତ ହସ। ସେଇଥି ପାଇଁ ତ ସେ ମହାନ। ସରକାର ସବୁବେଳେ ଚାଷୀଙ୍କୁ ନିଜ ଫୋକସ୍‌ରେ ରଖିଥାନ୍ତି। ଏକଥା ସତ। କିନ୍ତୁ ସେସବୁ ଯେ ସତରେ କେତେଦୂର ଗ୍ରହଣୀୟ ସେକଥା କେବଳ ନିଜେ ଚାଷୀଟିଏ ହିଁ କହିପାରିବ।

ତିନି ବର୍ଷ ତଳେ ଯେତେବେଳେ କୃଷି ସ୍ନାତକରେ ଚତୁର୍ଥ ବର୍ଷରେ ପଢୁଥିଲି, କୃଷି ପ୍ରଶିକ୍ଷଣ ଦେବା ପାଇଁ ଅନେକ ଗାଁକୁ ଯାଉଥିଲି । ମନରେ ତ ଭୟ ଥିଲା ନିଶ୍ଚୟ। ଚାରି ବର୍ଷର ପାଠପଢ଼ାକୁ ମୁଁ ସେମାନଙ୍କୁ କହିବାକୁ ଯାଉଛି, ହେଲେ ସେମାନେ ତ ତିରିଶ ବର୍ଷ ହେବ ସେଇ ମାଟି ସହ ଜଡ଼ିତ ହୋଇ ଅଛନ୍ତି। ସେଇଥି ଘର , ସେଇଠି ସ୍ୱର୍ଗ। ସେମାନଙ୍କୁ ବି ଆମେ କଣ ପ୍ରଶିକ୍ଷଣ ଦେବୁ। କିନ୍ତୁ ଯେତେବେଳେ ସେ ଚାଷୀଙ୍କ ସହ ବହୁ ପାଖରୁ ମିଶିବାର ସୁଯୋଗ ମିଳିଲା ସେତେବେଳେ ପ୍ରଶିକ୍ଷଣ କମ୍ ଆଉ ଆଳାପ ବେଶୀ ହେଲା। ଅର୍ଥାତ ଏଇ ଚାରି ଘଣ୍ଟାର ପ୍ରଶିକ୍ଷଣ ସମୟ ଭିତରେ ଆମେ ସମସ୍ତେ ଆମ ଜୀବନର ଅନେକ ପୁରୁଣା କଥା ସାଉଁଟି ବସୁ। ସେ ମୁହୂର୍ତ୍ତ ସତରେ ସ୍ମରଣୀୟ। ନିଜେ ଜାଣିବାକୁ ଚେଷ୍ଟା କଲି ସତରେ ଏ ଚାଷରେ ଅଛି କଣ ?

ଆଉ ସେହିଠାରେ ଜାଣିବାକୁ ପାଇଲି ଏବେର ଆଧୁନିକ ଯୁଗରେ ଲୋକ ଚାଷ ନାଁ ଶୁଣିଲେ ନାକ ଟେକୁଛନ୍ତି। ଆଉ ମୁଁ ତ ଏହାର ଭୁକ୍ତଭୋଗୀ। ପ୍ରଥମ ବର୍ଷ ଯେବେ କୃଷି ପାଠ୍ୟକ୍ରମରେ ନାଁ ଲେଖାଇଲି , କେତେ କଥା ଗାଁରେ। ପୁଅ ଚାଷ କରିବ ବଡ଼ ହୋଇ , ଆମ ବିଲ ଖାଲି ଅଛି.ଆସିବୁ ପାଠ ପଢ଼ି। ଏମିତି ଅନେକ। ସେତେବେଳେ ତ କିଛି ବୁଝିପାରି ନଥିଲି। କେବଳ ଏତିକି ମନେ ହେଲା ଯେ ସତରେ କଣ ଚାଷ ଏତେ ଖରାପ? ଲୋକ କଣ ପାଇଁ ଏ ପାଠ ପଢ଼ିଲା ବେଳକୁ ଏମିତି କଥା କହୁଛନ୍ତି। ଯଦି କେଉଁ ପିଲା ମେଡ଼ିକାଲ କି ଇଂଜିନିୟରିଂ ପଢୁଛି , କି ଆଇନ ପାଠ ପଢୁଛି ସେବେ ବାହାବାହା ଦେଲା ବେଳକୁ ଏ ପାଠରେ ଏତେ କୁଣ୍ଠାବୋଧ କଣ ପାଇଁ। ଅନ୍ୟପକ୍ଷରେ ସରକାର କୃଷିକୁ ଯଥୋଚିତ ଗୁରୁତ୍ୱ ଦେଉଥିଲା ବେଳେ ଲୋକେ କଣ ପାଇଁ କୃଷି ଶିକ୍ଷାକୁ ନାକ ଟେକୁଛନ୍ତି। ସେ ଯାହା ବି ହେଉ ଏବେ ମୋର ଚାରି ବର୍ଷର କୃଷି ସ୍ନାତକ ଶେଷ ହୋଇଯାଇଛି। ଅନେକ କିଛି ଶିଖିଛି। ଅନେକ ଚାଷୀଙ୍କ ସହ ମିଶିଛି। ଆଉ ମୋ ମତରେ କୃଷି ପାଠ୍ୟକ୍ରମ ମୋ ପାଇଁ ସବୁକିଛି। ଜୀବନର ପ୍ରକୃତ ରହସ୍ୟକୁ ଖୋଜି ଆଣିବାରେ ଏହା ମୋତେ ବାଟ ଦେଖାଇଛି। ଯେତେବେଳେ ଚାଷୀଙ୍କ ସହ ମିଶିବାର ସୁଯୋଗ ମିଳେ, ସେମାନେ ନିଜ ଚାଷବାସର କଥାକୁ ବେଶ ନିଖୁଣ ଭାବେ କହିଚାଲନ୍ତି , ତାହାକୁ ଶୁଣି ଆଖିରୁ ଲୁହ ଆସିଯାଏ। ମନେ ମନେ ଭାବିଲି, ଆମେ ବଡ଼ ଚାକିରୀ ପାଇଁ କେତେ ଲୋଭ କରୁଛନ୍ତି , ବର୍ଷରେ ଚାକିରିର ପ୍ୟାକେଜ କେତେ ଅଛି ପ୍ରଥମେ ଦେଖୁଛନ୍ତି କିନ୍ତୁ ଏମାନଙ୍କ କଥା ଭାବିଲେ। ନା ପ୍ୟାକେଜ , ନା ହାକିମ ହେବାର ଇଚ୍ଛା। ସବୁକିଛି ଏମାନଙ୍କ ଆଗରେ ତୁଚ୍ଛ। ବାସ ଚାଷ ଜମିରେ କେଇ ଘଣ୍ଟା ବିତାଇଦେଲେ ସେମାନଙ୍କର ଆତ୍ମତୃପ୍ତି ମିଳିଯାଏ। କିନ୍ତୁ ଯଦି ଚାଷୀମାନଙ୍କୁ ହିଁ ଅଣଦେଖା କରାଯାଏ , ଏହାଠୁ ବଡ଼ ଦୁଃଖର ବିଷୟ କିଛି ନାହିଁ। ମାଟି କୃଷିର ଏନ୍ତୁଡିଶାଳ। ମୁଦ୍ରାର ଦୁଇପାର୍ଶ୍ୱ ପରି ଉଭୟେ ଅଙ୍ଗାଅଙ୍ଗୀ ଭାବେ ଜଡିତ। ଜଣକ ବିନା ଅନ୍ୟଟି ନିରୁପାୟ। ମାଟି ଉପରେ ହିଁ ଚାଷ କରେ କୃଷକ। ବିପିତ ବିହନ ଗଜାମେଲେ, କର୍ଷଣରେ ଭରିଦିଏ କୃଷକ। ସବୁର ଆଧାର ମାଟି। ନିଜର ସ୍ୱାର୍ଥକୁ ଚରିତାର୍ଥ କରିବାପାଇଁ ମଣିଷ କ'ଣ ବା ନକରୁଛି ? ମାଟି ବୋଲି ଗୋଟିଏ ଶବ୍ଦ ଅଛି ବୋଲି ବି ଆଜି ସେ ଭୁଲିଯାଇଛି। ଜୀବନରେ ସଂଜ୍ଞା ବଦଳିଛି ସତ ଆଉ ତାଭିତରେ ମାଟିର ସଂଜ୍ଞା ଆଜି ଅସ୍ଥିର ପ୍ରାୟ।

କୃଷି କାର୍ଯ୍ୟ ଆଜି ଅମଳ ବା ଉତ୍ପାଦନ ପାଇଁ କରାଯାଉଛି। ଜମିରେ ବ୍ୟବହୃତ ଅତ୍ୟଧିକ ରାସାୟନିକ ସାରର ପ୍ରଭାବ ମାଟି/ମୃତ୍ତିକାକୁ କ୍ଷୟ କରୁଛି। ଏହା ସମସ୍ତେ ଜାଣିବି ଏହାକୁ ପ୍ରୟୋଗ କରିବାରେ ଅବହେଳା କରୁନାହାନ୍ତି। ପିଲାଦିନରୁ ମୃତ୍ତିକା କ୍ଷୟ ବିଷୟରେ ପଢି, ଲେଖି ପରୀକ୍ଷାରେ ପାସ୍ କରି ଆସିଛନ୍ତି ସମସ୍ତେ, ଆଉ ଏହାସହ ମୃତ୍ତିକା ସଂରକ୍ଷଣ କୁ ବି ପଢିଛନ୍ତି। ହେଲେ କ'ଣ ହେବ, ସବୁ ଯାହାକୁ ତାହା। ସେ ସବୁ ଆଜି ଚୂଲିମୁଣ୍ଡକୁ ଗଲାଣି। ରାସାୟନିକ ସାରର ବହୁଳ ବ୍ୟବହାର ସହିତ ମଣିଷ ଏବେ କୃଷି ପାଇଁ ଜଙ୍ଗଲ କ୍ଷୟ କରୁଛି। ଯେଉଁ ଚେର ଦିନେ ମାଟିର ଭିତରକୁ ଜାବୁଡି ଧରିଥିଲା, ଆଜି ସେ ନିରୁପାୟ ଶ୍ରୀହୀନ। ମାଟି ଫାଟି ଆଁ କରୁଛି ତ୍ରାହି ତ୍ରାହି ଚିତ୍କାର କରୁଛି। ସମ୍ପ୍ରତି ଭାରତ ବର୍ଷରେ ୧୪୭ ମିଲିୟନ ହେକ୍ଟରର ମୃତ୍ତିକା କ୍ଷୟ ହୋଇସାରିଛି। ସେମଧ୍ୟରୁ ୯୪ ମିଲିୟନ ହେକ୍ଟର ଜଳ ପ୍ରଦୂଷଣ, ୧୬ ମିଲିୟନ ହେକ୍ଟର ବନ୍ୟା, ୯ ମିଲିୟନ ହେକ୍ଟର ବାୟୁ ପ୍ରଦୂଷଣ ଆଉ ୭ ମିଲିୟନ ହେକ୍ଟର ଅନ୍ୟାନ୍ୟ କାରଣ ଯୋଗୁଁ ହେଉଛି। ତେବେ ଯଦି ଏମିତି ପରିମାଣରେ ମୃତ୍ତିକା କ୍ଷୟ ହୁଏ ତେବେ ୨୦୨୫ ବେଳକୁ କୃଷି ପାଇଁ ଜମି ନଥିବ। ସେତେବେଳେ ମଣିଷ କରିବ କ'ଣ? ଯଦି ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ଚରିତାର୍ଥ କରିବାକୁ ଏମିତି କରିବାପାଇଁ ପଛାଉନାହିଁ, ତେବେ ଟିକେ ଭାବନ୍ତୁନା ଆଉ କିଛି ଦିନପରେ ଅବସ୍ଥା କ'ଣ ହେବ?

ବ୍ୟବହୃତ ରାସାୟନିକ ସାରର ଅଧିକାଂଶ ମଣିଷ ଖାଦ୍ୟ ଭାବେ ଗ୍ରହଣ କରୁଛି। ଏହା ଜାଣି ବି ସବୁ ଅଜଣା। ତେବେ ମୃତ୍ତିକା ସଂରକ୍ଷଣ ପାଇଁ ବିଭିନ୍ନ ଯୋଜନା ମାନ କାର୍ଯ୍ୟକାରୀ ହେଉଛି ସତ ସବୁ କାଗଜ କଲମରେ ରହିଯାଉଛି। କୃଷି ଓ କୃଷକଙ୍କ ପାଇଁ ସରକାର ଯୋଜନା ପ୍ରଣୟନ କରୁଛନ୍ତି। ଏହାକୁ କାର୍ଯ୍ୟକାରୀ ବି କରୁଛନ୍ତି। ନିକଟରେ ଜଳସେଚନ ପାଇଁ ସୌର ଜଳନିଧି ଯୋଜନା ଆରମ୍ଭ ହେଲା। ପରନ୍ତୁ ଦୁଃଖର ବିଷୟ ମୃତ୍ତିକା ସଂରକ୍ଷଣ ପାଇଁ ସେମିତି କିଛି ଯୋଜନା ପ୍ରଣୟନ ହେଉନି। ଆଜିବି ଅନେକଙ୍କ ଅଜ୍ଞାତ ଦ୍ୱାରରେ ବିଶ୍ୱ ମୃତ୍ତିକା ଦିବସ। କେତକ କୃଷି ଛାତ୍ର, ବୈଜ୍ଞାନିକ ଆଉ ଅଫିସରଙ୍କୁ ଛାଡିଦେଲେ ବୋଧହୁଏ ଆଉ କେହି ଶୁଣିବି ନଥିବେ। ତେବେ କୃଷି ପାଇଁ ମାଟିର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ, ସେକଥା ଜମିରେ ଝାଳ ବୁହାଇଥିବା ଚାଷୀ ଭାଇଟିଏ ଜାଣିଛି। ହେଲେ ବିଳାସବ୍ୟସନରେ ଜୀବନ ନିଭାଉଥିବା ମଣିଷ ଜାଣିନି। ମୋ ଲେଖିବାର ଅଭିପ୍ରାୟ ମୁଁ ନିଜେ କୃଷି ସ୍ନାତକ ଅଧୟନରତ। ପରନ୍ତୁ ଦୁଃଖର ବିଷୟ ବିଶ୍ୱ ମୃତ୍ତିକା ଦିବସ ଖାଲି ଦିବସରେ ରହିଯାଉଛି।

ମୃତ୍ତିକା ସଂରକ୍ଷଣ ପାଇଁ ନୂତନବନୀକରଣ, ଜୈବିକ କୃଷି, ଜୈବିକ ଖତ ଯଥା (ଜୀବାମୃତ, ପଞ୍ଚଗବ୍ୟ, ଦଶଗବ୍ୟ, ଅମୃତପାଣି)ର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଉଛି। ମିତ୍ରକୀଟ ସଂଖ୍ୟା ବଢାଇବା ସହ ପାରମ୍ପରିକ ପଦ୍ଧତିରେ ରାସାୟନିକ ସାରର ବ୍ୟବହାରକୁ ବନ୍ଦ କରିବାକୁ ନିଷ୍ପତି ନିଆଯାଉଛି। ନିକଟରେ ୨୫ରୁ ଅଧିକ କୀଟନାଶକକୁ ଭାରତ ସରକାର ସେସବୁର ବ୍ୟବହାର ଉପରେ କଟକଣା ଲଗାଇଛନ୍ତି। ଏହା ଏକ ସୁଦୂରପ୍ରସାରୀ ପଦକ୍ଷେପ କହିଲେ ଭୁଲ ହେବନାହିଁ। ଏସବୁ କୀଟନାଶକ ବଦଳରେ ଯଦି ଘରୋଇ ଉପାୟରେ କୀଟନାଶକ ପ୍ରସ୍ତୁତ କରି (ନିମ୍ବପତ୍ରର ରସ)କୁ ବ୍ୟବହାର କରାଯାଆନ୍ତା, ସୁଫଳ ମିଳିବାଟା ଥୟ।

ସମୟ ଆସିଛି ଚାଷୀଙ୍କ କଥାକୁ ଗୁରୁତ୍ୱ ଦେବାର। ଚାଷକୁ ଭଲପାଇବାର ।। ନାକ ଟେକିବାନି ବରଂ ନିଜେ ଚାଷ ଓ ଚାଷୀର ଗହନ କଥାକୁ ଅନୁକରଣ କରିବା। କୃଷି ପାଠ୍ୟକ୍ରମକୁ ବି ସମ୍ମାନ ଦେବା। ଆମ ଚାଷୀ ଆମ ଦେଶର ବଳ। ଆମ ଶକ୍ତି ଆଉ ଚେତନାର ପରିମାପକ। ଆମ ସଂସ୍କୃତିର ମୂଳାଧାର। ସେ ଚାଷୀକୁଳକୁ ମୋର କୋଟି ନମନ ...

(ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା, ଭୁବନେଶ୍ୱର)

# କୁଟୀର ଚାଳଘରୁ କୋଠାଘର

॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

ଚାଳଘର ବିଭିନ୍ନ ପ୍ରକାରର ଥିଲା। ଚାଳିଆ ଯାହା ଚାଳିଆ ମଉଜମରା ଚାଳିଆ, ଯଜ୍ଞ ଚାଳିଆ ଏ ଶ୍ରେଣୀ ଆ ଛୋଟ ପଞ୍ଜରା ଚାଳଘର, ତ୍ରିଶ୍ରେଣୀୟ ଓ ୧ ଶ୍ରେଣୀୟ ବଡ଼ ପଞ୍ଜରା ଚାଳଘର, ପୁଣି ଝାଟିମାଟି ଚାଳଘର ଏମିତି ସବୁ ନଡ଼ାଛପର ଘର ଧାନ ଚାଷ ଅଞ୍ଚଳରେ ହେଉଥିଲା ଧାନ କଟା ଦୁଇ ପ୍ରକାରର ହୁଏ ମୂଳକାଟ ଓ ଦ୍ୱିକଟ ଛୋଟ ଧାନ ଗୁଡ଼ିକ ମୂଳକାଟ ଓ ବଡ଼ ବଡ଼ ଡେଙ୍ଗା ଧାନ ଗଛ ଦ୍ୱିକାଟ ହୁଏ। ମୂଳକାଟ ବିଡ଼ା ବାନ୍ଧି ଘରକୁ ଆଣିବା ପରେ ତାକୁ ବାଡ଼େଇ ଧାନ ଅମଳ କରାଯାଏ ବା ବେଙ୍ଗଳା ପକାଇ ଧାନ ଅମଳ ପରେ କୁଟା ଗୁଡ଼ିକୁ ଅଲଗା କରାଯାଏ କୁଟା। ଘର ଛପରରେ ପ୍ରାୟ ଲାଗେ ନାହିଁ। ଦ୍ୱିକାଟ ଛଣ ଓ ଧାନ କେଣ୍ଡା ସଂଲଗ୍ନ ହଳା ଅଲଗା କରାଯାଏ ହଳା ବେଙ୍ଗଳା ପକାଇ କୁଟା ଓ ଧାନରେ ପରିଣତ ହୁଏ ମାତ୍ର ଛଣ ସବୁ ଚାଳଘର ଛାଉଣୀ ପାଇଁ ଲାଗେ। ଉଦବୃତ୍ତ ଛଣ ଓ କୁଟା ଗୋଖାଦ୍ୟକୁ ଲାଗିଥାଏ।

ଶ୍ରୀରାମ ତାଙ୍କ ଭାଇ ଓ ସ୍ତ୍ରୀଙ୍କ ସହିତ ପଞ୍ଚବଟୀରେ ବାସ ବେଳେ ପର୍ଣ୍ଣକୁଟୀରରେ ବାସ କରୁଥିଲେ। ପର୍ଣ୍ଣମାନେ ହିଁ ପତର ଗଛ ପତ୍ରରେ ଗୃହ ଛପର କରି ତହିଁରେ ବାସ କରୁଥିଲେ। ଅନେକ ତାଳଗଛ ବରଡ଼ା, ନଡ଼ିଆ ପତ୍ର, ହନ୍ତାଳ ଗଛ ପତ୍ରରେ ଗୃହଛାଦନବା ଛାଉଣୀ ଏବେ ବି କରୁଛନ୍ତି। ଏସବୁ ପର୍ଣ୍ଣ କୁଟୀରରେ ଆସେ ଚୌଡ଼ା ଲମ୍ବା ପତ୍ର ଗୁଡ଼ିଏ ସଂଗ୍ରହ କରି ତାକୁ ଖଞ୍ଜି ଲମ୍ବା-ଚୌଡ଼ା ଟାଟ କରି ତହିଁରେ ବି ଘର ଛାତ କରାଯାଏ। ପତ୍ର ଗୁଡ଼ିକ ମଧ୍ୟରେ ଶାଳ, ପିଆଶାଳ, ଶାଗୁଆନପତ୍ର, ବର, ଓସ୍ତପତ୍ର ହେଲେ ଭଲ। ପ୍ରକୃତରେ ଧାନପତ୍ର, ଗହମ ପତ୍ର, ଆଖୁପତ୍ର, ତାଳପତ୍ର, ଖଜୁରି ପତ୍ର, ଇଙ୍କର, ହୁଗୁଳା, ହେନ୍ତାଳ ଆଦି ପତ୍ରରେ ପର୍ଣ୍ଣ କୁଟୀର ତିଆରି ହୁଏ। ପତ୍ର ଗୁଡ଼ିକୁ ମୋଟେଇ ଭାବର ବିଛାଇ ବାଉଁଶ ବତା ବା ବୃକ୍ଷର ଶୁଷ୍କ ଡାଳରେ ଚପା ତଳ ଉପର କୋରଟପଟ, କଣ ଦୌଡ଼ିରେ ଭିଡ଼ି କରି ଛାତର ଧନରେ ଆଣ୍ଟିରଖିଲେ ତାହା ଖରାବର୍ଷାରୁ ଘର ଓ ଘର ଭିତରେ ଲୋକଙ୍କୁ ନିରାପଦରେ ପ୍ରାୟ ବର୍ଷେ ଦୁଇ ବର୍ଷ ରଖାଏ ପୁଣି ୧ମ ବା ୨ୟ ବର୍ଷରେ ଆଉ ଥରେ ଘର ଛାଆଣି ଆବଶ୍ୟକ ପଡ଼େ।

ଶ୍ରୀରାମ ଲକ୍ଷ୍ମଣ ଋଷି ଆଶ୍ରମରେ ପାଠପଢୁଥିଲେ। ରାଜକୁମାର ହେଲେ ବି ଆଶ୍ରମରେ ଶ୍ରମ କରି ସମସ୍ତେ ରହିବାକୁ ବାଧ୍ୟ। ଆଶ୍ରମଘର କେମିତି ନିର୍ମାଣ ହୁଏ ମରାମତି ରକ୍ଷଣାବେକ୍ଷଣା ହୁଏ ତାହା ତାଙ୍କୁ ଜ୍ଞାତ ଥିଲା। ଏ ପାଇଁ ପଞ୍ଚବଟୀ ଶ୍ରୀରାମଙ୍କ ପର୍ଣ୍ଣକୁଟୀର ଲକ୍ଷ୍ମଣଙ୍କ ଦ୍ୱାରା ସଂଗ୍ରହ ପର୍ଣ୍ଣ ଓ ଅନ୍ୟ ଉପକରଣ ଦ୍ୱାରା ଗୃହ ନିର୍ମିତ ହୋଇଥିଲା। ମନୁଷ୍ୟ ବୁଦ୍ଧି ଲଗାଇ ସମୟ ଦୃଷ୍ଟେ ସଂସ୍କାରିତ ପଥମାନ ବାହାର କରି ତୃଣ ନଡ଼ାକୁ କାମରେ ଲଗାଇ ସୁନ୍ଦର ଘର ତିଆରି ଶିକ୍ଷା କଲା ଏପାଇଁ କିଛି ସହଯୋଗୀ ଆବଶ୍ୟକ କଲା ସେତେବେଳେ ଶ୍ରମ ବିନିମୟ ସମୟ ଥିଲା ପରସ୍ପର ଶ୍ରମରେ ସହାୟ ଏକ ଜୀବନ ଶୈଳୀ ଥିଲା। ଏହି ସହଯୋଗୀ ଧାରାରେ ଏବେ କେବଳ ବନ୍ଧୁ ସଙ୍ଖୁଳା ପଡ଼ୋଶୀ ସଙ୍ଖୁଳା, ବିବାହ ବ୍ରତ, ମୃତକ ଆଦି କାର୍ଯ୍ୟରେ ଅଛି। ଶ୍ରମ ସହାୟ ଧାରା ପରେ ପରେ ଦ୍ରବ୍ୟ, ଅର୍ଥ ପରିବର୍ତ୍ତନରେ ଆସିଗଲା। ଦ୍ରବ୍ୟ ପରିବର୍ତ୍ତନ ଶ୍ରମର ମୂଲ୍ୟ ସେବାର ମୂଲ୍ୟରେ ତତ୍ତୁଲ୍ୟ କରାଗଲା। ଦ୍ରବ୍ୟର ମୂଲ୍ୟ ବି ଅର୍ଥରେ ଭରାଗଲା। ଏହି ଗୃହଛାଦନ କାର୍ଯ୍ୟ ପାଇଁ ମୂଲିଆଙ୍କ ଦ୍ୱାରା କରାଗଲା। ଗୃହଛାଦନ ଏକ କଳା ଓ ଅତିକଷ୍ଟକର କାର୍ଯ୍ୟ। ଖରାଦିନେ ଫେବୃଆରୀ ମାର୍ଚ୍ଚରେ ଏହି ଦିବାକାଳରେ କରାଯାଏ। ଯାହା ମୂଲିଆ ଶ୍ରମିକ କଠିନ ଖରା ଖାଇ ଏହାକୁ ଆରମ୍ଭ କରି ଶେଷ କରନ୍ତି। ଏକ ଗ୍ରାମରେ ଅନେକ ଘର ମାତ୍ର ଘର ଛାଆଣି ମୂଲିଆ ବହୁତ କମ। ଏପରି ଗୃହର କାନ୍ଥ ଦେବା କାନ୍ଥିଆ ଏତେକମ କୁହାଯାଏ। ଏସବୁ ଗୁରୁଦ୍ୱାରା ତାଲିମ ନହେଲେ ହୋଇ ହୁଏନାହିଁ। ଘର ଛାଆଣି ମୂଲିଆଙ୍କୁ ଆଗରୁ ନକହିଲେ ସେମାନେ ଛାଦନକୁ ଆସିବା ସମ୍ଭବ ପୁଣି ନୁହେଁ। ସେମାନେ ତାଙ୍କର ଜଳଖିଆ ଭୋଜନ ଗୃହ ଛାଉଣୀ ଗୃହସ୍ଥର ଗୃହରେ ଅନେକ ସମୟରେ କରିଥାନ୍ତି। ପୂର୍ବେ ଶଗଡ଼ ଥିଲା, ଗ୍ରାମାଞ୍ଚଳରୁ ଶଗଡ଼ ଶଗଡ଼ ଛଣ ରାସ୍ତାରେ ଯିବା ଦେଖା ଯାଉଥିଲା ପୁଣି କେନାଲ ନଦୀରେ ଡଙ୍ଗାରେ ଛଣ, ଦୂରସ୍ଥାନକୁ ବହନ ହେଉଥିଲା। ସେହି ଧାନଚାଷ ଜମି ଅଛି ମାତ୍ର ଛଣ ନଡ଼ା ଏବେ ଦୁଷ୍ପ୍ରାପ୍ୟ। ଶଗଡ଼ ଡଙ୍ଗାରେ ଆଉ ନଡ଼ା ବୁହାଯାଉନାହିଁ। ୧୯୯୯ ଠାରୁ ଚାଉଳ ନଡ଼ା ଛପର ଘର ଆଉ ଗ୍ରାମାଞ୍ଚଳରେ ଦିଶୁନାହିଁ। ବିଜୁବାବୁ ୧ମ ଥର ମୁଖ୍ୟମନ୍ତ୍ରୀ ବେଳେ ନଡ଼ାଘର ବହୁତ ଖରାଦିନେ ବା ଅସବଧାନରୁ ନିଆଁ ଲାଗି ଧନଜୀବନ କ୍ଷତି କରିବା ଦେଖି, ମାଟିରେ ପୋଡାଟାଇଲର ଛାତ ପାଇଁ ଶିଳ୍ପମାନ ବିଭିନ୍ନ ସ୍ଥାନରେ କରି ଗୃହାଚ୍ଛଦନ ବ୍ୟବସ୍ଥା କରିଥିଲେ। ତାଙ୍କ ବେଳେ ପ୍ରଚାର ଥିଲା ଟାଇଲ ଛପର ଘର ନିଆଁକୁ ନଥିବ ଡର। ଟାଇଲ ଖବର ପରି ଖୋଲା ଖପୁରୀ ବି ଅନେକ ହେଉଥିଲା। ପ୍ରଧାନମନ୍ତ୍ରୀ ଶାସ୍ତ୍ରୀଙ୍କ ମୂଳଘର ଏମିତି ଏକ ଖପୁରୀ ଛପର ଘର ଥିଲା। ତାହା ଉତ୍ତର ପ୍ରଦେଶର ବନାରସର ନଦୀପାର ରାମ ନଗରପଟ ବ୍ୟାସ କାଶି ପଟର ଅଞ୍ଚଳ। ବିପଦ ଏକ ଗୁରୁ। ସେ ଅନେକ ଶିକ୍ଷା ଦିଅନ୍ତି। ବିପଦ ଦୈବୀ ଦୁର୍ବିପାକରୁ ଆସେ। ବାତ୍ୟା, ମହାବାତ୍ୟା, ଏମିତି ଏକ ଏକ ଗୁରୁ, ସେ ଚାଳ, ଗୃହଛାଦନ ସମସ୍ୟା ତୁଟାଇଛି, କୋଠାଘର ଗ୍ରାମ ସହରର ସର୍ବତ୍ର ଦୃଶ୍ୟ, ବଳଦ ଚାଷୀଙ୍କର ପୋଷିବା ଦରକାର ପଡ଼ିଲା ନାହିଁ, ତାଙ୍କ କାମ ଟ୍ରାକ୍ଟର କରିଦେଉଛି। ହେଲେ ବିପତ୍ତି ବି ଏଥିରେ ଅଛି। ନଡାକୁଟା ସବୁ କ୍ଷେତ୍ରରେ ନିଆଁରେ ନଷ୍ଟ କରିଆଯାଯିବାରୁ ବାୟୁ ମଣ୍ଡଳ ପ୍ରଦୂଷଣ ହେଉଛି। ଗୋବର ଅଭାବରୁ ଜୈବିକ ଖତ ସାର କମିଯାଉଛି। ଆଜି ଦିଲ୍ଲୀ ପ୍ରଦୂଷଣର ମୁଖ୍ୟ କାରଣ। ଦିଲ୍ଲୀ ଉପକଣ୍ଠ ହରିୟାଣାର ଗହମ କ୍ଷେତ୍ରରେ ଗହମ ଚାଷ ପରେ ଗହମ ନଡ଼ାରେ ଅଗ୍ନି ସଂଯୋଗ। ମହାଭାରତ ଯୁଗରେ ହସ୍ତିନା ଏଇ ଦିଲ୍ଲୀନଗରୀ। ହସ୍ତିନାରେ ତତ୍କାଳ ରାଜ କରୁଥିବା ଦୁର୍ଯ୍ୟୋଧନ ପାଣ୍ଡବଙ୍କୁ ପାଞ୍ଚ ଖଣ୍ଡି ପଡ଼ା ରାଜ୍ୟ ଦେବାକୁ ତାଙ୍କର ସଚିବ ମନ୍ତ୍ରୀ ପରାମର୍ଶରେ ମନା କରିଥିଲେ ଏଇ ପାଞ୍ଚ ଖଣ୍ଡି ପଡ଼ା ରାଜ୍ୟ ହସ୍ତିନା ସୀମାନ୍ତ ବର୍ତ୍ତମାନ ହରିୟାନାର ସୋନପତ ପାନିପଥ ପରି ସ୍ଥାନ। ସେତେବେଳେ ପରିକଳ୍ପନା ଏବେ ଗ୍ରହଣ କରାଯାଉନାହିଁ। ସବୁ ବଦଳେ, ସ୍ଥାନ ନାମ ବଦଳେ, ରାଜତନ୍ତ୍ର ବଦଳେ, ହେଲେ ଜଳବାୟୁ ପାଣି ପବନର ଧାରା କମ ବଦଳେ। ପବନକୁ କିଏ ରୋକିପାରେ, ଏଇ ପବନ ହିଁ ପ୍ରଦୂଷଣ ଗନ୍ଧାଦି ସ୍ଥାନାନ୍ତର କରାଏ। ଜନ ସଂଖ୍ୟା ବୃଦ୍ଧି ହେବାରେ ଲାଗିଛି। ରାସ୍ତାଘାଟ, ଯାନ ସଂଖ୍ୟା ବଢୁଛି କୋଠାଘର ମାଳ ମାଳ, ବୃକ୍ଷଲତା କମିଛି। ଏଥିରେ ଧୂଆଁ ଧୂଳି ପ୍ରଦୂଷଣ କି କ୍ଷତି ନକରାଉଛି ? ସଂସ୍କାର, ସଂହାର ପରେ କରିବାକଥା ସମୂହ ସମସ୍ୟାର ସମ୍ଭାବନାକୁ ସଂସ୍କାର ଦ୍ୱାରା ମୁକାବିଲା କରାଯାଏ ଏଥିପାଇଁ ଜନତାଙ୍କର ସହଯୋଗ ରାଜଚେଷ୍ଟା ଓ କାନୁନ ଶାସ୍ତ୍ରମାର୍ଗ ଓ ଅଭିଜ୍ଞଙ୍କ ପରାମର୍ଶ ନିହାତି ଆବଶ୍ୟକ।

'ବରେଣ୍ୟ ବାଣୀ' ପିସି ସରକାର ଲେନ,
ଅରୁଣୋଦୟ ମାର୍କେଟ, କଟକ
ଦୂରଭାଷ : ୯୪୩୭୦୩୧୨୫୩

# ଜନନାୟକ ନୀଳମଣି ରାଉତରାୟ

॥ ବାଦଲ ଭୂୟାଁ ॥

ସ୍ୱାଧୀନତା ପରବର୍ତ୍ତୀ କାଳରେ ଓଡ଼ିଶାର ରାଜନୀତି କ୍ଷେତ୍ରରେ ସକ୍ରିୟ ମଙ୍ଗୁଆଳ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ଏବଂ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ ଲକ୍ଷ୍ୟ ସ୍ଥଳୀରେ ପହଞ୍ଚାଇବା ପାଇଁ ନିଷ୍ପାପର ଉଦ୍ୟମ କରିଥିବା ରାଜନେତାଙ୍କ ମଧ୍ୟରେ ନୀଳମଣି ରାଉତରାୟ ଅନ୍ୟତମ। ଓଡ଼ିଶା ତଥା ଓଡ଼ିଆ ଜାତିର ସେବା ଥିଲା, ତାଙ୍କ ଜୀବନର ଏକମାତ୍ର ବ୍ରତ। ସେ କୌଣସି ସମୟରେ ମେଧାବୀ ଛାତ୍ର ନଥିଲେ। ରେଭେନ୍ସା କଲେଜରୁ ବହିଷ୍କୃତ ହୋଇଥିବା ପ୍ରଥମ ଛାତ୍ର ହେଉଛନ୍ତି ନୀଳମଣି ରାଉତରାୟ। ତାଙ୍କୁ ବହିଷ୍କାର କଲାବେଳେ



ରାଭେନ୍‌ସାର ତତ୍‌କାଳୀନ ଅଧକ୍ଷ ଡ.ପ୍ରାଣକୃଷ୍ଣ ପରିଜା ତାଙ୍କ ଚରିତ୍ର ସାର୍ଟିଫିକେଟରେ ଲେଖିଥିଲେ ନୀଳମଣି ଚାରି ବର୍ଷର ଛାତ୍ର ଜୀବନରେ ଧ୍ୱଂସମୂଳକ କାର୍ଯ୍ୟକ୍ରମ ଦ୍ୱାରା କଲେଜକୁ ଏକ ମରୁଭୂମିରେ ପରିଣତ କରିଦେଇଥିଲେ ଏବଂ ଏ ପ୍ରକାର ଛାତ୍ରକୁ ନେଇ ପୃଥିବୀର କୌଣସି ଶିକ୍ଷାନୁଷ୍ଠାନ ଚାଲିପାରିବ ନାହିଁ। ଏପରି ନକାରାତ୍ମକ ଟିପ୍ପଣୀ ସତ୍ତ୍ୱେ ସେ କଲକାତାର ବିଦ୍ୟାସାଗର କଲେଜରୁ ସ୍ନାତକ ଉତ୍ତୀର୍ଣ୍ଣ ହୋଇଥିଲେ। ବିଦ୍ୟାସାଗର କଲେଜରେ ଭର୍ତ୍ତି କରାଇବାରେ ସାହାଯ୍ୟ କରିଥିଲେ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ। ପରବର୍ତ୍ତୀ କାଳରେ ଆଇନ ଓ ରାଜନୀତି ବିଜ୍ଞାନରେ ଏମ୍‌ଏ ପଢ଼ିବା ପାଇଁ ସେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଥିଲେ। ସେଠାରେ ମଧ ଆନ୍ଦୋଳନାତ୍ମକ କାର୍ଯ୍ୟରେ ମାତ୍ରାଧିକ ସଂପୃକ୍ତି ଯୋଗୁଁ ବହିଷ୍କୃତ ହୋଇଥିଲେ। ଘଟନାକ୍ରମେ ସେ କଲକାତା ବିଶ୍ୱବିଦ୍ୟାଳୟରୁ ଆଇନରେ ଡିଗ୍ରୀ ହାସଲ କରି, କଟକ ଫେରିଥିଲେ ଏବଂ ଆଇନ ବ୍ୟବସାୟ ଆରମ୍ଭ କରିଥିଲେ। ପ୍ରଜାତନ୍ତ୍ରର ସେ ଥିଲେ ପ୍ରଥମ ମୁଖ୍ୟ ପରିଚାଳକ। ଏହି ଖବରକାଗଜର ପ୍ରଚାର ପ୍ରସାର ପାଇଁ ବହୁ ଉଦ୍ୟମ କରିଥିଲେ। ନୀଳମଣିଙ୍କ ସଂପର୍କରେ ଏକ ଉଲ୍ଲେଖନୀୟ କଥା ହେଉଛି, ରାଜନୈତିକ ଜୀବନର ପ୍ରଥମ ବିଧାନସଭା ନିର୍ବାଚନ ତାଙ୍କୁ ଲଢ଼ିବାକୁ ପଡ଼ି ନଥିଲା। ତାଙ୍କ ବିରୋଧରେ କେହି ପ୍ରାର୍ଥୀ ପତ୍ର ଦାଖଲ ନକରିବାରୁ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇ ୧୨ ଜୁଲାଇ ୧୯୪୮ରେ ବିଧାନସଭାର ସଦସ୍ୟ ଭାବେ ଶପଥ ଗ୍ରହଣ କରିଥିଲେ। ୧୯୫୨ରେ ନବକୃଷ୍ଣ ଚୌଧୁରୀ ମନ୍ତ୍ରିମଣ୍ଡଳରେ ସେ ଥିଲେ ଘରୋଇ ବିଭାଗର ଉପମନ୍ତ୍ରୀ; ତତ୍କାଳୀନ କନିଷ୍ଠତମ। ନାନା ବିବାଦୀୟ ପରିସ୍ଥିତିରେ ସକ୍ରିୟ ରାଜନୀତିରୁ ଅବସର ନେବା ପରେ ବନ୍ଧୁ ଓ ଶୁଭକାଂକ୍ଷୀଙ୍କ ଅନୁରୋଧ ଏଡ଼ାଇ ନ ପାରି ନୀଳମଣି ଆତ୍ମଚରିତ ରଚନାରେ ମନ ଦେଇଥିଲେ। ତାଙ୍କ ଆତ୍ମଚରିତ ସ୍ମୃତି ଓ ଅନୁଭୂତିକୁ କେହି କେହି ଓଡ଼ିଶାବାସୀଙ୍କୁ ନୀଳମଣିଙ୍କର ସର୍ବଶ୍ରେଷ୍ଠ ଅବଦାନ ବୋଲି କହନ୍ତି। ତାଙ୍କ ଆତ୍ମଚରିତ ସଂପର୍କରେ ସେ ନିଜେ ଲେଖିଛନ୍ତି... 'ଏହା ମୋର ଜୀବନ ବୃତ୍ତାନ୍ତ ନୁହେଁ, ଐତିହାସିକ ପ୍ରବାହର ଏକ କ୍ରମିକ ବିବରଣୀ ମଧ୍ୟ ନୁହେଁ। ଏହା କେବଳ ମୋର ସ୍ମୃତି ଓ ଅନୁଭୂତିର ବୃତ୍ତାନ୍ତ'। ୧୯୨୦ମେ ଆଜିର ଦିନରେ ତିହିଡ଼ି ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମରେ ଜନ୍ମ ହୋଇଥିଲେ, ଓଡ଼ିଶାର ଏହି ପୂର୍ବତନ ମୁଖ୍ୟମନ୍ତ୍ରୀ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫

## ଠାକୁରମୁଣ୍ଡା ବ୍ଲକ ପରିସରରେ ରେ ଅମଲାତନ୍ତ୍ର ବିଭାଗ କାର୍ଯ୍ୟାଳୟ ଉଦଘାଟିତ

କରଞ୍ଜିଆ, (ମହାଭାରତ) ଠାକୁରମୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସର ରେ ବୁଧବାର ଦିନ ଅମଲାତନ୍ତ୍ର ବିଭାଗ ଓ ବ୍ଲକ ଉପାଧକ୍ଷ ଓ ସମିତି ସଭ୍ୟ ଙ୍କ କାର୍ଯ୍ୟାଳୟ ଉଦଘାଟିତ ହୋଇ ଯାଇଛି ।ଉଦଘାଟନ କାର୍ଯ୍ୟକ୍ରମ ଅବସର ରେ ମୁଖ୍ୟ ଅତିଥି ଭାବରେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ,ସମ୍ମାନିତ ଅତିଥି ଭାବରେ ବ୍ଲକ ଅଧକ୍ଷ ସରୋଜିନୀ ମୁଣ୍ଡା,ସାଂସଦ ପ୍ରତିନିଧି ତାରାକାନ୍ତ ପଟ୍ଟନାୟକ ପଟ୍ଟନାୟକ ବ୍ଲକ ଉପାଧକ୍ଷ ସନ୍ତୋଷ କୁମାର ମହାନ୍ତ ଯୋଗ ଦେଇଥିଲେ ।ଏହି ଅବସର ରେ କାର୍ଯ୍ୟାଳୟ କୁ ମୁଖ୍ୟ ଅତିଥି ଫିତା କାଟି ଉଦଘାଟନ କରିଥିଲେ ।ଉଦଘାଟନ କାର୍ଯ୍ୟକ୍ରମ ଅବସର ରେ ବ୍ଲକ ବିଡ଼ିଓ ସପନେଶ୍ୱର ବେହେରା,ତହସିଲଦାର ସମ୍ବିତ କୁମାର କର,ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭ୍ରା ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ବିକ୍ରମ ସାମଲ,ବରିଷ୍ଠ କିରାଣୀ ନିହାରରଞ୍ଜନ ମହାକୁଡ଼,ଏପିଓ ଧାନଚନ୍ଦ ମହାନ୍ତ ସମେତ ବ୍ଲକ କାର୍ଯ୍ୟାଳୟ ର କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ଘରୋଇ ସିଲିଣ୍ଡର କଳାବଜାରୀ ଉପରେ ନାହିଁ ଅଙ୍କୁଶ



ଅସ୍ତରଙ୍ଗ (ମହାଭାରତ: ଅସ୍ତରଙ୍ଗ କାକଟପୁର ଅଞ୍ଚଳ ରେ ଅନେକ ଛୋଟ ଠୁ ଆରମ୍ଭ କରି ବଡ ବଡ଼ ରେସ୍ତୁରା□ ରେ ଜଳୁଛି ଘରୋଇ ସିଲିଣ୍ଡର, ସରକାର ଙ୍କ ନିୟମ ମୁତାବକ ଘରୋଇ ସିଲିଣ୍ଡର କୌଣସି ପ୍ରକାର ବ୍ୟବସାୟୀକ ଅନୁଷ୍ଠାନ ରେ ବ୍ୟବହାର କରାଯାଇ ପାରିବ ନାହିଁ, ମାତ୍ର ଏହାକୁ ଖୁଲମ ଖୁଲା ଉଲଂଘନ କରୁଛନ୍ତି ଅନେକ ବ୍ୟବସାୟୀ, ଅଳ୍ପ ଦର ରେ ଘରୋଇ ସିଲିଣ୍ଡର ଏଜେନ୍ସି ମାନଙ୍କ ନିକଟରୁ କ୍ରୟ କରି ବ୍ୟବସାୟ ଅନୁଷ୍ଠାନ ରେ ବ୍ୟବହାର କରାଯାଉଛି । କାଇଁ କେତୋଟି ହାତ ଗଣତି ବ୍ୟବସାୟ କେନ୍ଦ୍ର ବାଣିଜ୍ୟ ଭିତିକ ସିଲିଣ୍ଡର ବ୍ୟବହାର କରୁଥିବା ବେଳେ ଅନେକ ସ୍ଥାନରେ ଏହାର ବିପରୀତ କାର୍ଯ୍ୟ ଚାଲୁଛି । ସ୍ଥାନୀୟ ଯୋଗାଣ ବିଭାଗ ଅଧିକାରୀ ଅତୀତ ରେ କେତୋଟି ସ୍ଥାନ ରେ ଚଢ଼ାଉ କରିଥିଲେ ମାତ୍ର ଯାହା ବାସ୍ତବ ରେ ଆଖି ଦୃଷ୍ଟିଆ ପଦକ୍ଷେପ ନୁହେଁ ବୋଲି ଘରୋଇ ଉପ ଭୋକ୍ତା ମାନେ ମତ ଦେଇଛନ୍ତି । ଏହାକୁ ନେଇ ସ୍ଥାନୀୟ ଯୋଗାଣ ଅଧିକାରୀ ଆଜି ପର୍ଯ୍ୟନ୍ତ କୌଣସି ଆଇନଗତ କଡା କାର୍ଯ୍ୟାନୁଷ୍ଠାନ ନେଇନାହାନ୍ତି । ଯାହାକି ଫଳରେ ସ୍ୱଳ୍ପ ବେୟ ରେ ଅଧିକ ଉପାର୍ଜନ କରିବା ସହିତ ଗ୍ରାହକ ମାନଙ୍କ ନିକଟରୁ ଉପାର୍ଜନ କରୁଛନ୍ତି । ଯାହା ପୁଣି କୌଣସି ଆଇନଗତ ଉପାୟ ରେ ନୁହେଁ, ଯୋଗାଣ ବିଭାଗ ର ମନ ଖିଆଲିଆ ପଦକ୍ଷେପ କୌଣସି ଦୃଷ୍ଟି ରେ ଗ୍ରହଣୀୟ ନୁହେଁ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମତାମତ ଦେଇଛନ୍ତି, ଏବେ ସାଧାରଣ ରେ ଚର୍ଚ୍ଚା ଜୋରେ ଚାଲିଛି ବ୍ୟବସାୟୀ ଙ୍କ ସହିତ ଯୋଗାଣ ବିଭାଗ ର ହୁଏତ କିଛି ଭିତିରିଆ ମଧୁ ଚନ୍ଦ୍ରିକା ସମ୍ପର୍କ ରହିଛି । ନିର୍ଦ୍ଦିଷ୍ଟ କିଛି ଅନୁଷ୍ଠାନ ରେ ଅତୀତ ରେ ଚଢ଼ାଉ କରି ୨ ରୁ ୩ ଗୋଟି ସିଲିଣ୍ଡର ଜବତ କରିଥିବା ବେଳେ ସେହି ଅନୁଷ୍ଠାନ ନିକଟରେ ଅନେକ ବ୍ୟବସାୟ କେନ୍ଦ୍ର ଓ ତା ସହିତ ଏଜେନ୍ସି ମାନଙ୍କ କଳାବଜାରୀ ସେମାନଙ୍କ ଦୃଷ୍ଟି କୁ କିପରି ଆସିଲା ନାହିଁ ତାହାକୁ ନେଇ ତଣ୍ଡ ଗଣିଥିବା ବ୍ୟବସାୟୀ ମାନେ ସୁରକ୍ଷା ଦୃଷ୍ଟି ରୁ ନିଜ ନାମ କୁ ଗୋପନ ରଖି ସୂଚନା ପ୍ରଦାନ କରିଛନ୍ତ । ଖୁଲମ ଖୁଲା ଅନେକ ପର୍ଯ୍ୟଟନ ସ୍ଥଳରେ ଘରୋଇ ସିଲିଣ୍ଡର କୁ ଓଜନ କରାଯାଇ ଚଢା ଦର ରେ ବଣଭୋଜୀ କରିବାକୁ କିଏ କାହିଁକି ଓ କିପରି ଅନୁମତି ଦେଉଛି ତାହା ବି ବୁଦ୍ଧିଜୀବୀ ମହଲ ରେ ଯୋଗାଣ ବିଭାଗ କାର୍ଯ୍ୟ ଉପରେ ପ୍ରଶ୍ନ ବାଚୀ ସୃଷ୍ଟି କରିଛି । ଏବେ ଏହି କାର୍ଯ୍ୟକଳାପ ଉପରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଲେ ଆଉ ଆଗାମୀ ଦିନରେ କଡା ପଦକ୍ଷେପ ନେଲେ ସରକାର ଙ୍କ ନିୟମ ଉଲଂଘନ କରି କଳାବଜାରୀ କରୁଥିବା ବ୍ୟବସାୟୀ ଙ୍କ ଉପରେ ରୋକ ଲଗାଯାଇପାରିବ ।

## ବିଜୁ ଏକ୍ସପ୍ରେସୱେରେ ପୁଣି ସୃଷ୍ଟି ହେଲା ବିପଦ ସଙ୍କୁଳ ଘାଇ; ଦୁର୍ଘଟଣା ଆଶଙ୍କା



କୋକସରା,(ମହାଭାରତ): କୋକସରା ବ୍ଲକ ଆମପାଣି ଅଞ୍ଚଳରେ ବୁଧବାର କାଳ ବୈଶାଖୀର ବହୁ ମାତ୍ରାରେ ପ୍ରଭାବିତ ହୋଇଛି । ଅଞ୍ଚଳରେ ଘଡଘଡି ସହିତ ପ୍ରବଳ ମାତ୍ରାରେ ବର୍ଷା ହେବାରୁ ଅନେକ ସ୍ଥାନରେ ଗଛଲତା ଭାଙ୍ଗିରୁଜି ଯିବା ସହିତ ରାସ୍ତାଘାଟ ସବୁ ଧୋଇ ହୋଇ ଯାଇଛି । ସେହିପରି ବିଜୁ ଏକ୍ସପ୍ରେସ ୱେ ନିକଟରେ ଥିବା କିଛି ନଡ଼ା ଛପର ଦୋକାନ କୁଡ଼ିଆ ସବୁ ମଧ ଭଙ୍ଗାରୁଜା ହୋଇଥିବା ଦେଖାଦେଇଛି । ଅନ୍ୟପକ୍ଷେ ଆମପାଣି ଠାରୁ ଧର୍ମଗଡକୁ ସଂଯୋଗ କରୁଥିବା ବିଜୁ ଏକ୍ସପ୍ରେସ ୱେ ର ବଡ଼ପୋଡ଼ାଗୁଡା ପଞ୍ଚାୟତ ରଏନଗୁଡା ହାଇ ସ୍କୁଲ ନିକଟରେ ପ୍ରବଳ ବର୍ଷା ଯୋଗୁଁ ଏକ ବଡ଼ ଘାଇ ସୃଷ୍ଟି ହୋଇଛି । ଯାହା ଫଳରେ ଏଠାରେ ଯେକୌଣସି ମୁହୂର୍ତ୍ତରେ ଦୁର୍ଘଟଣା ଘଟି ପାରେ ବୋଲି ଆଶଙ୍କା କରାଯାଉଛି ।ଏଥି ପୂର୍ବରୁ ମଧ ଏହି ସ୍ଥାନରେ ଏକ ବଡ଼ ଘାଇ ସୃଷ୍ଟି ହୋଇଥିଲା । ପରେ ସ୍ଥାନୀୟ ଲୋକଙ୍କ ଅଭିଯୋଗ କ୍ରମେ ପ୍ରଶାସନ ଦ୍ୱାରା ଏହା ମରାମତି କରାଯାଇଥିଲା । ହେଲେ, ବିଭାଗର ନିମ୍ନ ମାନର ମରାମତି ଯୋଗୁଁ ମାଟି ସବୁ ଧୋଇ ହୋଇ ଏଠାରେ ପୁଣି ଏକ ଘାଇ ସୃଷ୍ଟି ହୋଇଛି । ଏଣୁ ,ବିଭାଗୀୟ କ□ୃପକ୍ଷ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## ସିବିଏସଇ ଦଶମ ପରୀକ୍ଷାରେ ଡିଏଭି ପବ୍ଲିକ ସ୍କୁଲ, ପାରାଦୀପ ପୋର୍ଟର ଛାତ୍ରଛାତ୍ରୀ ଙ୍କ ଉଲ୍ଲେଖନୀୟ ସଫଳତା





ପାରାଦ୍ୱୀପ(ମହାଭାରତ) : କେନ୍ଦ୍ରୀୟ ମାଧମିକ ଶିକ୍ଷା ପରିଷଦ(ସିବିଏସ୍ଇ) ଦ୍ୱାରା ପରିଚ଼ାଳିତ ଦଶମ ଶ୍ରେଣୀ ପରୀକ୍ଷା ଫଳ ଗତ ମେ ୧୩ ତାରିଖ ରେ ପ୍ରକାଶିତ ହୋଇଛି ଓ ଡି.ଏ.ଭି. ପବ୍ଲିକ୍ ସ୍କୁଲ, ପାରାଦ୍ୱୀପ ପୋର୍ଟ ର ଛାତ୍ରଛାତ୍ରୀ ମାନେ ପୂର୍ବବର୍ଷ ମାନଙ୍କ ପରିଚଳିତ ବର୍ଷ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି ଏବଂ ଶତ ପ୍ରତିଶତ ସଫଳତା ହାସଲ କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି । ଦଶମ ଶ୍ରେଣୀର ୭୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୧୧ ଜଣ ଛାତ୍ରଛାତ୍ରୀ ୯୦% ରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି ଏବଂ ୩୫ ଜଣ ଛାତ୍ରଛାତ୍ରୀ ୮୦% ରୁ ଅଧିକ ଓ ୪୫ଜଣ ଛାତ୍ରଛାତ୍ରୀ ୭୦% ରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ଆଦିଶ୍ରୀ ଦାସ ସର୍ବାଧିକ ୯୭.୬% ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଏସ.ଆର.ସଂକେତ ଦାସ ୯୭.୨% ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ଓ ଅଂଶୁମାନ ନନ୍ଦ ୯୩.୬% ରଖି ତୃତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟର ଖ୍ୟାତି ବଢ଼ାଇଛନ୍ତି । ଗଣିତ ଓ ବିଜ୍ଞାନରେ ଏକାଧିକ ଛାତ୍ରଛାତ୍ରୀ ପୂର୍ଣ୍ଣସଂଖ୍ୟା ୧୦୦ ନମ୍ବର ଲେଖାଏଁ ରଖିଛନ୍ତି ଓ ବିଦ୍ୟାଳୟର ଏହି ଉଲ୍ଲେଖନୀୟ ସଫଳତା ପ୍ରଦର୍ଶନ ନିମନ୍ତେ ଅଧକ୍ଷା ଶ୍ରୀମତୀ ବିନ୍ଦୁଶ୍ରୀ ମହାନ୍ତି ସନ୍ତୋଷ ପ୍ରକାଶ କରିବା ସହିତ କୃତି ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ବିଦ୍ୟାଳୟର ଏହି ଉଲ୍ଲେଖନୀୟ ସଫଳତାରେ ଆଞ୍ଚଳିକ ନିର୍ଦ୍ଦେଶକ ଡ. କେ. ସି. ଶତପଥୀ ଓ ଆଞ୍ଚଳିକ ଉପ ନିର୍ଦ୍ଦେଶିକା ଡ. ସୁଜାତା ସାହୁ ଶୁଭେଚ୍ଛା ଜଣାଇଛନ୍ତି ।

## ରେକର୍ଡ ଆମୋନିୟମ ନାଇଟ୍ରେଟ ପଣ୍ୟ ଖଲାସ କରି ପାରାଦୀପ ବନ୍ଦରର ନୂତନ କୀର୍ତ୍ତିମାନ ସ୍ଥାପନ



ପାରାଦୀପ(ମହାଭାରତ) ଏମଭି ଦେଭବଲ୍କ ଡେନିଜ ନାମକ ଜାହାଜ ରୁ ବୁଧବାର ଦିନ ୨୪ ଘଣ୍ଟାରେ ୫ ହଜାର ୭୪୫ ମେଟ୍ରିକ ଟନ ଆମୋନିୟମ ନାଇଟ୍ରେଟ ବ୍ୟାଗ ଖଲାସ କରି ଏକ ବିରଳ ରେକର୍ଡ ଓ କୀର୍ତ୍ତିମାନ ସ୍ଥାପନ କରିଛି ପାରାଦୀପ ବନ୍ଦର ପ୍ରାଧିକରଣ । ସୋଲାର ଇଣ୍ଡଷ୍ଟ୍ରି, ରାଜସ୍ଥାନ ଏକ୍ସପ୍ଲୋସିଭ ଓ ଆଇଡିଏଲ ଏକ୍ସପ୍ଲୋସିଭ ର ଏହି ପଣ୍ୟ ଖଲାସ କାର୍ଯ୍ୟରେ ଓଡିଶା ଷ୍ଟିଭେଡୋର୍ସ ଲିମିଟେଡ଼ ଷ୍ଟିଭେଡୋରିଙ୍ଗ ଦାୟିତ୍ୱ ରେ ଥିବା ବେଳେ ଜିପିଆର ମେରିଟାଇମ ଏଜେନ୍ସି ଓ ଈଶ୍ୱର ସିପିଙ୍ଗ ସର୍ଭିସ ଏହି ଜାହାଜ ର ଏଜେ□ ରହିଛନ୍ତି । ତେବେ ପଣ୍ୟ ଖଲାସ ରେ ଏହି ରେକର୍ଡ ପାଇଁ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ. ହରନାଦ ସମସ୍ତ ସହଯୋଗୀ କର୍ମଚାରୀ, ଅଧିକାରୀ ଓ ବନ୍ଦର ବ୍ୟବହାରକାରୀ ସଂସ୍ଥା ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଦଶପଲ୍ଲା ରେ ବିଜୁଳି ସେବା ବିପର୍ଯସ୍ତ

# ଲୋ ଭୋଲ୍ଟେଜ ସମସ୍ୟା ଅତି ଉତ୍କଟ

ଦଶପଲ୍ଲା : (ମହାଭାରତ): ନୟାଗଡ ଜିଲ୍ଲା ଦଶପଲ୍ଲା ବ୍ଲକ ର ପ୍ରାୟ ସମସ୍ତ ସ୍ଥାନରେ ବିଜୁଳି ସେବା ବିପର୍ଯ୍ୟସ୍ତ ହେଲା ଭଳି ଲାଗୁଛି ।ଆପଣ ମାନଙ୍କୁ ଆଶ୍ଚର୍ଯ୍ୟ ଲାଗିଲେ ବି କଥାଟା ସତ୍ୟୟ ସରକାର ବିଦ୍ୟୁତ ସେବା ଉନ୍ନତ ପ୍ରଦାନ କରିବା ପରିପ୍ରେକ୍ଷୀରେ ଟାଟା କମ୍ପାନୀ କୁ ଦାୟିତ୍ୱ ପ୍ରଦାନ କରିଛନ୍ତି । ତେବେ କମ୍ପାନୀ ସେବା ଦେବା ପାଇଁ ବହୁତ ତତ୍ପର। ଆମର ଭାରତୀୟ ସମୟାନୁସାରେ ଦିନକ ଚବିଶ ଘ□ା ବୋଲି କୁହାଯାଇଛି । ଏହା ସମସ୍ତେ ଜାଣିଛନ୍ତି । ତେବେ ଟାଟା କମ୍ପାନୀ ର କର୍ମଚାରୀ ମଧ ବହୁତ ତତ୍ପରୟ ମାତ୍ର ଚବିଶ ଘଣ୍ଟାରୁ ୧୮ ଘଣ୍ଟା ସେବା ଯୋଗାଇବା ଅସମ୍ଭବ । ଘଡ ଘଡି, ଚଡ଼ ଚଡ଼ି ମାରିଲା ତ ଲାଇନ ନାହିଁ, ବିଜୁଳି ମାରିଲା ତ ବିଜୁଳି ଗାଏବ । ଗଛ ପଡିଲା କି ପବନ ହେଲା, ବର୍ଷା ହେଲା ତ ବିଦ୍ୟୁତ ବନ୍ଦ । କେତେବେଳେ ୩୩କେଭି କାମ ତ ଲାଇନ ଠପ । ତେବେ ୟା ସତ୍ୱେ ଯେତିକି ସମୟ ଲାଇନ ରହୁଛି ତାହା ପୁଣି ଲୋ ଭୋଲ୍ଟେଜ ମଧରେ । ଲୋ ଭୋଲ୍ଟେଜ କାରଣରୁ ଅଫିସ, ବୃଦ୍ଧ ଲୋକ, ଛୋଟ ପିଲା, ରୋଗି ଓ ଛାତ୍ରଛାତ୍ରୀ ମେନେ ପ୍ରବଳ ହଇରାଣ ହେଉଛନ୍ତି । ଏଥିପାଇଁ ଗ୍ରାହକ ଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇବା ସ୍ୱାଭାବିକ କଥା । କାରଣ ଲୋ ଭୋଲ୍ଟେଜ ଲାଗି ବିଦ୍ୟୁତ ବିଲ ଅଧିକ ଆସିବା ନିଶ୍ଚିତ ।ସେଥିପାଇଁ ଦଶପଲ୍ଲା ବିଦ୍ୟୁତ ବିଭାଗ ର ଅଧିକାରୀ ଦାୟୀ ରହିବେ ନା ରାଜ୍ୟ ସରକାର ଦାୟୀ ରହିବେ ନା ଟାଟା କମ୍ପାନୀ ଦାୟୀ ରହିବେ । ତେବେ ଯେଉଁ ଗ୍ରାହକ ବିଦ୍ୟୁତ ବିଲ ପଇଠ ଠିକ ରେ କରୁନାହାନ୍ତି ତାଙ୍କ ଅବସ୍ଥା ଯାହା,ସଠିକ ଭାବରେ ବିଦ୍ୟୁତ ବିଲ ପଇଠ କରୁଛନ୍ତି ତାଙ୍କ ଅବସ୍ଥା ତାହାୟ ସମସ୍ୟା ସମସ୍ତ ଙ୍କ ପାଇଁ ତ ଏକ । ତେବେ ବିଭାଗୀୟ ଅଧିକାରୀ ଏଥିପ୍ରତି ଗୁରୁତ୍ୱ ଦେବା ଦରକାର ବୋଲି ଜନସାଧାରଣ ରେ ଚର୍ଚ୍ଚା ହେଉଛି ।

## ସ୍ୱାଗତ ପାଣିଗ୍ରାହୀ ବାରଙ୍ଗ ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଟପର

ବାରଙ୍ଗ (ମହାଭାରତ ) : ଗତ କାଲି ପ୍ରକାଶ ପାଇଥିବା ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଓଡିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ବାରଙ୍ଗ ବ୍ଲକର ସ୍ୱାଗତ ପାଣିଗ୍ରାହୀ ଟପର ହୋଇଛନ୍ତି । ବାରଙ୍ଗ ବ୍ଲକ ଓଡିଶା ଆଦର୍ଶ ବିଦ୍ୟାଳୟ ପକ୍ଷରୁ ମୋଟ ୫୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସମସ୍ତ ଛାତ୍ରଛାତ୍ରୀ ସଫଳତାର ସହିତ କୃତକାର୍ଯ୍ୟ ହୋଇଛନ୍ତି । ସ୍ୱାଗତ ପାଣିଗ୍ରାହୀ ମୋଟ ୫୦୦ ନମ୍ବର ରୁ ୪୭୦ ନମ୍ବର ରଖି ଉତ୍ତୀର୍ଣ୍ଣ ହେବା ସହିତ ବିଦ୍ୟାଳୟର ତାଲିକାରେ ଟପର ହୋଇ ବିଦ୍ୟାଳୟ ତଥା ଅଞ୍ଚଳ ପାଇଁ ଗୌରବ ଅର୍ଜନ କରିଛନ୍ତି । ସ୍ୱାଗତ ପାଣିଗ୍ରାହୀ ହେଉଛନ୍ତି କଟକ ଜିଲ୍ଲା ବାରଙ୍ଗ ବ୍ଲକ କୁରାଙ୍ଗ ପ୍ରଧାନ ଗ୍ରାମ ପଂଚାୟତ ଅନ୍ତର୍ଗତ ଗୁଆଳି ଗ୍ରାମର ପିତା କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଓ ମାତା ରୀତାଞ୍ଜଳୀ ପାଣିଗ୍ରାହୀଙ୍କ ପୁତ୍ର । ସ୍ୱାଗତ ଭବିଷ୍ୟତରେ ଜଣେ ଡାକ୍ତର ହୋଇ ଲୋକଙ୍କ ସେବା କରିବା ପାଇଁ ଇଛା ପ୍ରକାଶ କରିଥିବା ବେଳେ ତାଙ୍କର ଏହି ସଫଳତାର ଶ୍ରେୟ ସେ ତାଙ୍କ ପିତା ମାତାଙ୍କ ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଦେଇଛନ୍ତି ।

## ଶୀତ ରେ ଗରମ ହେଲେ, ଉତ୍ତାପ ରେ ସୃଷ୍ଟି କଲେ ଜ୍ୱାଳାମୁଖି



କାକଟପୁର( ମହାଭାରତ) : ଏବେ ଅସ୍ତରଙ୍ଗ କାକଟପୁର ଅଞ୍ଚଳ ରେ ବିଦ୍ୟୁତ ବିଭାଗ ର ରହସ୍ୟ ମୟୀ କାହାଣୀ ପେଡି କୁ ନେଇ ଆରମ୍ଭ ହୋଇଛି ତୁମ୍ଭି ତୁଫାନ, କିଏ ଛି ଛି ଛି ରେ ନନି କହି ବେଜିତ କରୁଛନ୍ତି ଆଉ କିଏ ସିଧା ଆନ୍ଦୋଳନ ପାଇଁ ଚେତାବନୀ ଦେଉଛନ୍ତି, ଆମ ରାଜ୍ୟ ରେ ଏବେ ଗ୍ରୀଷ୍ମ ର ଲହରୀ ଜାରୀ ହୋଇଥିବା ବେଳେ ଅନେକ ସ୍ଥାନ ରେ ତାପମାତ୍ରା ଅସହ୍ୟ ହେଉଛି । ଗୋଟେ ପଟେ ବୃକ୍ଷ ରୋପଣ କରିବାକୁ ବନ ବିଭାଗ ପରାମର୍ଶ କରୁଛି ମାତ୍ର ଅନ୍ୟ ପଟେ ଗଛ କଟା ଚାଲୁଛି, ପଦକ୍ଷେପ କଣ ସେଇଟା ବି ଦୃଶ୍ୟ ନାହିଁ, ଆଗରୁ ଶୀତ ଋତୁ ଚାଲିଥିଲା ଆଉ ଏହି ଋତୁ ରେ ଯେତେବେଳେ ଉପଭୋକ୍ତା ମାନଙ୍କ ର କମ ବିଜୁଳି ର ଆବଶ୍ୟକ ଥିଲା ମାତ୍ର ଏହି ସମୟ ରେ ଆମ ବିଦ୍ୟୁତ ବିଭାଗ କମଳ ଘୋଡେଇ ଶୋଇରହିଲା ଆଉ ମରାମତି ଦ୍ରୁତଗତି ରେ କଲାନାହିଁ, ଖାଲି ଗରମ ପାଣି ଆଉ ଚା ପିଇକି ଡ୍ୟୁଟି କଲେ କିନ୍ତୁ ଯେତେବେଳେ ଅତ୍ୟଧିକ ଗରମ ବୃଦ୍ଧି ହେଲା ଆଉ ଉତ୍ତାପ ଜୋରେ ହେଲେ ସେତେବେଳେ ଆମ ବିଦ୍ୟୁତ ବିଭାଗ ବିଶେଷ କରି ଜ୍ୱାଳାମୁଖି ହୋଇ ଅସହ୍ୟ ତାତି ରେ ଖୁଣ୍ଟି ଉପରେ ଚଢି କେବୁଲ କାମ ରେ ବ୍ୟସ୍ତ ରହୁଛନ୍ତି । ପଚାରିଲେ ଜବାବ ଆସୁଛି ଆମେ ବା ଆଗକୁ ବାରମ୍ୱାର ଲାଇନ ନକଟିବ ବୋଲି ଏବେ ଠୁ ବ୍ୟବସ୍ଥା କରୁଛୁ ।ଏମିତି ପ୍ରକାର କାର୍ଯ୍ୟ ରେ ବ୍ୟସ୍ତ ଯେ ଏପଟେ ଗରମ ରେ କିଏ ମରିଗଲେ ବି କାକଟପୁର ଶୀତତାପ ନିୟନ୍ତ୍ରିତ କୋଠରୀ ରେ ବସୁଥିବା ଅଧିକାରୀ ଙ୍କ ପରଦା ରେ ଯେପରି ତୁଳା ଲାଗିଛି । ଗୋଟେ ପଟେ ସରକାର ନିର୍ଦ୍ଦେଶ ଦେଉଛନ୍ତି ୨୪ ଘଣ୍ଟିଆ ବ୍ୟବସ୍ଥା କେହିବି ଗରମ ରେ ରହିବେନି ଅନ୍ୟ ପଟେ ସ୍ଥାନୀୟ ଅଧିକାରୀ କହୁଛନ୍ତି ମୋ ନିର୍ଦ୍ଦେଶ ଯେତେ ପାରୁଛ ଅସହ୍ୟ ତାତି ରେ କାଟିପକା ଆଉ ଭିଡିପକା, ସ୍ଥାନୀୟ ଲୋକ କହିବେ ବା କାହାକୁ, ଡବଲ ଇଞ୍ଜିନ ସରକାର ଙ୍କ ପଦକ୍ଷେପ କୁ ସାରା ରାଜ୍ୟ ଆଉ ଭାରତ ବର୍ଷ ରେ ବର୍ତ୍ତମାନ ଧନ୍ୟବାଦ ଦିଆଯାଉଥିବା ବେଳେ ଆମ କାକଟପୁର ଅସ୍ତରଙ୍ଗ ରେ କିପରି ସରକାର ଙ୍କ ନିର୍ଦ୍ଦେଶ କୁ ଫୁ କରୁଛନ୍ତି ଆଉ କାହା ଚାପରେ କରୁଛନ୍ତି ତାହା ସନ୍ଦେହ ଘେର ରେ, ଏବେ ଆଗକୁ ଏହି ପ୍ରବଳ ଗ୍ରୀଷ୍ମ ପ୍ରବାହ ରେ ଯଦି ଏପରି ଅଘୋଷିତ ବିଦ୍ୟୁତ କାଟ ବଳବତର ରୁହେ ତାହେଲେ ଆନ୍ଦୋଳନ ସ୍ୱାଭାବିକ ବୋଲି ଉପଭୋକ୍ତା କହୁଛନ୍ତି ।

# ନିର୍ମାଣଧିନ ପାନୀୟ ଜଳ ପ୍ରକଳ୍ପ ଶୀଘ୍ର କାର୍ଯ୍ୟ ଆରମ୍ଭ କରିବାକୁ ଦାବି



ଜୁନାଗଡ଼,(ମହାଭାରତ):କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଚରବାହାଲ ନବ ନିର୍ମିତ ମେଗା ପାନୀୟ ଜଳ ପ୍ରକଳ୍ପ ଭୂଇଁ କାମୁଡି ବର୍ଷେ ହେବ ପଡ଼ି ରହିଛି । ନିର୍ମାଣ ହେବାକୁ ଥିବା ଓଭର ହେଡ ପାଣି ଟାଙ୍କି କାମ ନେଇଥିବା ଠିକାଦାର ଜେସିବି ମେସିନରେ ଗାତ କରି ଓ ରାସ୍ତା ଗୋଟିଏ କରରେ ସପ୍ଲାଏ ପାଇପ ପୋତି ୧୦ ପ୍ରତିଶତ କାମ କରି ଅଧା ପନ୍ତରିଆ ଭାବେ ଛାଡ଼ିଦେଇ ଚାଲିଯାଇ ଥିବାରୁ ପ୍ରକଳ୍ପ କାମ ଆଗକୁ ଆରମ୍ଭ ନେଇ ସନ୍ଦେହ ଦେଖା ଦେଇଛି ।ଏହି କାମକୁ ଦିର୍ଘ ଦିନ ହେବ ସଂପୃକ୍ତ ଠିକାଦାର ଛାଡ଼ିଦେଇ ଆଉ ଦେଖା ଦେଉନଥିବାରୁ ସ୍ଥାନୀୟ ଅଞ୍ଚଳବାସି ମଧରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି । ଅନ୍ୟ ପଟେ ଓଭର ହେଡ୍ ପାଣି ଟାଙ୍କି କାମକୁ ପଛରେ ପକେଇ ଦେଇ ଲାଭ ଖୋର ମନବୃତି ଠିକାଦାର ଓ ପ୍ରଶାସନିକ ଓ ବିଭାଗୀୟ ଅଧିକାରୀଙ୍କୁ ହାତ କରି ଗାଁ ଭିତରକୁ ପାଇପ ବିଛାଇବା ନିମ୍ନ ମାନର କାମ କରି ବିଲ ହାତେଉଥିବା କୋଣ ଅନୁକୋଣରେ ଚର୍ଚ୍ଚା ହୁଏ । ତେବେ ଏହି ପାଇପ ବିଛା କାର୍ଯ୍ୟ କରିବା ବେଳେ ସଂପୃକ୍ତ ଠିକାଦାରର ମୁନସୀ ଓ କିଛି କର୍ମଚାରୀ ଅଞ୍ଚଳରେ କିଛି ଲୋକଙ୍କ ପାଖରେ ପାଇପ୍ ବିକ୍ରୀ କରିଥିବା ମଧ ଲୋକେ କହନ୍ତି । ଏହି ପ୍ରକଳ୍ପ କାର୍ଯ୍ୟ କେବେ ସମ୍ପୂର୍ଣ୍ଣ ହେବ ତାକୁ ନେଇ ଅଞ୍ଚଳ ବାସି ଚାତକ ପକ୍ଷୀ ଭଳି ଅନେଇ ବସିଛନ୍ତି । ଅନ୍ୟ ପଟେ ଠିକାଦାର ଖରା ଦିନରେ ଶୀଘ୍ର କାର୍ଯ୍ୟ ସାରି ପାଣି ଯୋଗାଇବା ଦୂରର କଥା ଅଧା କାମ ସାରି ଚଂପଟ ମାରିଛନ୍ତି । ସରକାର ୨୦୨୪ ସୁଦ୍ଧା ସମସ୍ତ ଗାଁରେ ପାଣି ଯୋଗାଇବା ସଂକଳ୍ପ ନେଇ ଥିବା ବେଳେ କିଛି ଅସାଧୁ ଲାଭ ଖୋର୍ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମନ ପଲି କାର୍ଯ୍ୟ ଯୋଗୁଁ ତାହା ସମ୍ଭବ ହୋଇପାରୁ ନାହିଁ । ଖରାଦିନ ଗ୍ରୀଷ୍ମ ପ୍ରବାହ ତତଲା ନିଆ ଥିବାରୁ ଲୋକଙ୍କୁ ପାଣିର ଅବ୍ୟଶକ ରହିଛି ।ଖାସ କରି ଘରେ ପାଳି ଥିବା ଗୃହ ପାଳିତ ପଶୁଙ୍କ ପାଇଁ ପାଣିର ଅବ୍ୟଶକ ରହିଛି । ଏହି ପାଣି ଯୋଗାଇବା ଖବର ଶୁଣି ଅଞ୍ଚଳରେ ଖୁସିର ଅନ୍ତ ଘଟିବା ଦୂର କଥା ତାଙ୍କ ପାଇଁ ସ୍ୱପ୍ନ ପାଲଟିଛି । ଅନ୍ୟ ପଟେ ଗାଁରେ କାୟ ବାଡ଼ରେ ଫଳକ ମାରି ବିଜ୍ଞାପନରେ ସୀମିତ ରହିଛି ନିର୍ମାଣଧିନ ପ୍ରକଳ୍ପ । ସମ୍ପ୍ରତି ଟାଙ୍କି ପାଇଁ ଗାତ ଖୋଲାଯାଇଥିବା ସ୍ଥାନରେ ଗାଈ ଗୋରୁ, ମଦ୍ୟପ ମାନେ ମଦ ପିଇ ବୋତଲ ଫିଙ୍ଗୁ ଥିବା ମଧ ଦେଖାଯାଏ ।ଏ ନେଇ ସହକାରୀ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ଲୋଡ଼ିଥିଲେ ଶୀଘ୍ର କାମ ଆରମ୍ଭ ହେବ ବୋଲି ସେ କହିଛନ୍ତି ।

## ଓଲଟିଲା ଡାଲା ଅଟୋ, ଦୁଇ ମୃତ, ୧୪ ଗୁରୁତର

ଆସିକା(ମହାଭାରତ): ଗଞ୍ଜାମ ଜିଲ୍ଲା କୋଟିନଡ଼ା ଥାନା ଅନ୍ତର୍ଗତ ଭେଟନଇ ଗ୍ରାମ ନିକଟରେ ବିଳମ୍ବିତ ରାତିରେ ଘଟିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ।ଗୋଟିଏ ଡାଲା ଅଟୋ ଓଲଟି ଦୁଇ ମହିଳା ଙ୍କ ମୃତ୍ୟୁ ହୋଇଥିବା ବେଳେ ୧୪ ଜଣ ଗୁରୁତର ଓ ଆହାତ ହୋଇଛନ୍ତି । ତେବେ ଦୁଇ ମୃତ ମହିଳା ଭେଟନଇ ଗ୍ରାମର ଗାୟତ୍ରୀ ଗୌଡ ଓ ସରୋଜିନି ସାହୁ ହୋଇଥିବା ସୂଚନା ମିଳିଛି । ସୂଚନା ଅନୁସାରେ ଓଡି ୩୨ଏଫ ୩୭୩୬ ନମ୍ବର ବିଶିଷ୍ଟ ଗୋଟିଏ ଡାଲା ଅଟୋରେ ଭେଟନଇ ଗ୍ରାମର ପାଖାପଖି କୋଡ଼ିଏ ଜଣ ଯାତ୍ରୀ ସାନ ଖୋଲି ଶିବ ମନ୍ଦିର ପ୍ରତିଷ୍ଠାର ଯଜ୍ଞ ଦେଖି ଫେରୁଥିବା ସମୟରେ ଭେଟନଇ ଓ ବଡଖୋଲି ମଧରେ ଅଟୋ ସାମ୍ନାକୁ ଅଚାନକ ଏକ ହରିଣ ଆସିଯିବାରୁ ଡାଲା ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ସେଥିରେ ବସିଥିବା ସମସ୍ତେ ଏଣେତେଣେ ଫୋପାଡ଼ି ହୋଇ ରାସ୍ତାରେ କଚାଡି ହୋଇପଡ଼ିଥିଲେ।ଯଫଳରେ ଅଟୋରେ ବସିଥିବା ସମସ୍ତ ଯାତ୍ରୀ ଗୁରୁତର ଓ ଆହାତ ହୋଇଥିଲେ । ସେଠାରୁ ଉଧାରକରି ଚିକିତ୍ସା ନିମନ୍ତେ ଆସିକା ଉପଖଣ୍ଡ ଚିକିତ୍ସାଳୟ ଭର୍ତି କରାଯାଇଥିବା ବେଳେ ଏଠାରେ ଡାକ୍ତର ଦୁଇ ଜଣଙ୍କୁ ମୃତ ଘୋଷଣା କରିଥିଲେ ଏବଂ ବାସନ୍ତୀ ଗୌଡ଼, କବିତା ଗୌଡ଼, ସାଇ ଜେନା, ରାଧା ଗୌଡ଼, ରେଣୁ ଗୌଡ଼, ପୂଜା ଗୌଡ଼, ମୋନାଲିସା ସେଠୀ, ଲିତା ସେଠୀ ଏହି ସାତ ଜଣଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଆହାତ ମାନଙ୍କୁ ଆସିକା ମେଡିକାଲ ରେ ଚିକିତ୍ସା କରାଯାଇଛି ।

## ଗଜପତି ଜିଲ୍ଲା ଶିକ୍ଷା ବିଭାଗରେ ଡେପୁଟେସନ୍‌ରେ ଚଳିଛି ଶିକ୍ଷା ନୀତି



ଗଜପତି ଜିଲ୍ଲା ଶିକ୍ଷା ବିଭାଗ ଡେପୁଟେସନରେ ଚଳିଛି ଶିକ୍ଷା ନୀତି। ଜିଲ୍ଲାରେ ବହୁ ଶିକ୍ଷକ ଶିକ୍ଷୟତ୍ରୀ ଡେପୁଟେସନରେ ନିଜ ନିଜ ସୁବିଧା ଅନୁଯାୟୀ ରହିଥିବା ବେଳେ ଜିଲ୍ଲା ଶିକ୍ଷା ଅଧିକାରି ଚୁପ୍ ବସିଥିବା ଦେଖିବାକୁ ମିଳୁଛି । ସେହିପରି କେତେକ ପ୍ରଧାନଶିକ୍ଷକ/ପ୍ରଧାନଶିକ୍ଷୟତ୍ରୀ ମାନେ ମଧ ଗୋଟିଏ ବିଦ୍ୟାଳୟରେ ୫ ବର୍ଷରୁ ଉର୍ଦ୍ଧ ସମୟ ଧରି ଗୋଟିଏ ସ୍ଥାନରେ ରହିଥିବା ଅଭିଯୋଗ ହେଉଛି ।ସରକାରଙ୍କ ନିୟମ ଅନୁଯାୟୀ ପ୍ରତି ତିନି ବର୍ଷରେ ଥରେ ବଦଳି ହେବା କଥା,କିନ୍ତୁ ଜିଲ୍ଲା ଶିକ୍ଷା ଅଧିକାରୀ ଏପରି ନିୟମକୁ ନ ମାନିବା ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ବାଚି ସୃଷ୍ଟି କରିଛି ।ତେବେ ସରକାରୀ ନିୟମ ମୁତାବକ ଜଣେ କିରାଣୀ ହେଉ କି ଶିକ୍ଷକ ହେଉ କେତେ ବର୍ଷ ପର୍ଯ୍ୟନ୍ତ ଗୋଟିଏ କାର୍ଯ୍ୟାଳୟରେ ରହିପାରିବେ ତାହା ଶିକ୍ଷା ଅଧିକାରୀ ନିଶ୍ଚିନ୍ତ ଅବଗତ ଥିବେ ।ସେହିପରି ଜିଲ୍ଲାର ବିଭିନ୍ନ ଶିକ୍ଷକ/ଶିକ୍ଷୟତ୍ରୀମାନେ ନିଜ ନିଜ ସୁବିଧା ଅନୁଯାୟୀ ତଥା ନିଜ ପରିବାର ରହିବା ସ୍ଥାନ ଠାରୁ କିଛି ମାତ୍ର ଦୂରତାରେ ଥିବା ବିଦ୍ୟାଳୟରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ ରତ ଅଛନ୍ତି ।ଛାତ୍ର ଛାତ୍ରୀ ଓ ଶ୍ରେଣୀ ସଂଖ୍ୟାର ଅନୁପାତରେ ଶିକ୍ଷକ ଶିକ୍ଷୟତ୍ରୀ ରହିବା ନିୟମ ରହିଥିବା ବେଳେ ଏଠାରେ ତାର ବ୍ୟତିକ୍ରମ ହୋଇ ବିଦ୍ୟାଳୟ ଗୁଡିକରେ କମ୍ ଛାତ୍ରଛାତ୍ରୀ ପଢୁଥିବା ବିଦ୍ୟାଳୟରେ ଅଧିକା ଶିକ୍ଷକ/ଶିକ୍ଷୟତ୍ରୀ ନିଯୁକ୍ତି ହୋଇଥିବା ଏବଂ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀ ପଢୁଥିବା ବିଦ୍ୟାଳୟ ଗୁଡିକରେ କମ୍ ଶିକ୍ଷକ/ଶିକ୍ଷୟତ୍ରୀ ରହିଥିବା ଏହି ଜିଲ୍ଲାର ବହୁମାତ୍ରା ବିଦ୍ୟାଳୟରେ ପରିଲିକ୍ଷିତ ହୋଇଛି । ଜିଲ୍ଲା ଶିକ୍ଷା ବିଭାଗରେ ଏପରି ଅନିୟମିତତା ଚାଲୁ ରହିଥିଲେ ମଧ ଏଠାକୁ ବଦଳି ହୋଇ ଆସୁଥିବା ଜିଲ୍ଲା ଶିକ୍ଷା ଅଧିକାରୀମାନେ ଏଥି ପ୍ରତି ଦୃଷ୍ଟି ନ ଦେଇ ପୁଣି ବଦଳି ହୋଇ ଚାଲି ଯାଉଛନ୍ତି ।ହେଲେ ସରକାରଙ୍କ ଶିକ୍ଷା ବିଭାଗରେ ଥିବା ବଦଳି ନୀତି ଓ ଛାତ୍ର ଛାତ୍ରୀ ଓ ଶ୍ରେଣୀ ସଂଖ୍ୟାର ଅନୁପାତରେ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି ଦେବା ଆଦି ନିୟମ ପ୍ରତି ଆଖିବୁଜି ଦେଉଛନ୍ତି । ଯାହାରି ଫଳରେ ଏହି ବିଭାଗରେ କର୍ମଚାରୀମାନେ ଅଧିକ ବର୍ଷ ରହିଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ଶିକ୍ଷା ବିଭାଗ ଏହିପରି କର୍ମଚାରୀ ମାନଙ୍କ ଯୋଗୁଁ ଶିକ୍ଷା ବିଭାଗରେ ବଦନାମ ହେବାରେ ଲାଗିଛି । ତେଣୁ ସରକାରଙ୍କ ଶିକ୍ଷା ବିଭାଗର ବଦଳି ନୀତିକୁ ସମୟାନୁସାରେ କାର୍ଯ୍ୟକାରୀ କରିଲେ ଶିକ୍ଷା ବିଭାଗରେ ବ୍ୟାପକ ସୁଧାର ଆସିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । ତେବେ ଡେପୁଟେସନ ରେ ରହିଥିବା କିଛି କର୍ମଚାରୀ ମାନଙ୍କ ବିରୋଧରେ ରାଜ୍ୟ ସରକାର କଣ କାର୍ଯ୍ୟାନୁଷ୍ଠାନ ନେଉଛି ତାହା ଦେଖିବା ବାକିରହିଲା।

## ଡକାୟତି ଯୋଜନା ବେଳେ ମାଡି ବସିଲା ହିଞ୍ଜିଳି ପୁଲିସ

# ୫ ଗିରଫ, ୨ ପିସ୍ତଲ, ୩ ଜୀବନ୍ତ ଗୁଳି ସମେତ ବହୁ ସାମଗ୍ରୀ ଜବତ



ହିଞ୍ଜିଳିକାଟୁ (ମହାଭାରତ) ଗତ କିଛି ଦିନ ଧରି ୫ ଜଣ ଯୁବକ ହିଞ୍ଜିଳି ଥାନା ଇଲାକାର ବିଭିନ୍ନ ଅଞ୍ଚଳରେ ଆତଙ୍କ ସୃଷ୍ଟି କରି ଆସୁଥିଲେ। ସୋମବାର ବିଳମ୍ବିତ ରାତିରେ ହିଞ୍ଜିଳି ଥାନା ପିତଳ ଛକରେ ଥିବା ଏକ ଏଟିଏମ୍ ଭାଙ୍ଗି ଲୁଟ୍ କରିବାକୁ ପୂର୍ବରୁ ପ୍ରସ୍ତୁତି କରିଥିଲେ। ଏଟିଏମ୍ ଭାଙ୍ଗି ଲୁଟ୍ କରିବା ଯୋଜନା ମୁତାବକ ହିଞ୍ଜିଳି ଥାନା ବି. ନୂଆପଲ୍ଲୀ ଗ୍ରାମ ଛକରେ ଅବସ୍ଥାପିତ ବିଶ୍ରାମଗାରାରେ ଡକାୟତି ପାଇଁ ଯୋଜନା ପ୍ରସ୍ତୁତ କରୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ହିଞ୍ଜିଳି ପୁଲିସ ମାଡିବସି ଡକାୟତି ଯୋଜନା ପଣ୍ଡ କରିବା ସହ ୫ ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ମାନେ ହେଲେ ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ତଥା ସ୍ଥାନୀୟ ପୌରା□ଳ ହିଞ୍ଜିଳି କେନାଳ ସାହିର ଟିଣ୍ଟୁ ଦାସ (୨୩), ହିଞ୍ଜିଳି ଥାନା ସିକିରି ନୂଆଁସାହିର ହିନ ସାମଲ (୩୦), ବେଲଗାଁ ଥାନା ପଳାସି ବଡସାହିର ରାଜା ଗୌଡ (୨୬), ଗାଙ୍ଗପୁର ଥାନା ନିମିନା ଗ୍ରାମର ରାକେଶ ମହାପାତ୍ର (୨୨) ଓ ଧରାକୋଟ ଥାନା ଢଉଗାଁ ଗ୍ରାମର ଗୋବିନ୍ଦ ବେହେରା (୩୧) । ଗିରଫ ଅଭିଯୁକ୍ତ ମାନଙ୍କ ଠାରୁ ଡକାୟତି ଯୋଜନା ପାଇଁ ବ୍ୟବହାର କରୁଥିବା ୨ଟି ଦେଶୀ ପିସ୍ତଲ, ୩ଟି ଜୀବନ୍ତ ଗୁଳି, ୫ଟି ମୋବାଇଲ ଫୋନ, ଗୋଟିଏ ମୋଟର ସାଇକେଲ (ଓଡି୦୭ ଏଏକ୍ସ ୨୪୦୫),ଶାବଳ, ହାତୁଡି, ଖଣ୍ଡା, କାତି, ୫ଟି କଳା ରଙ୍ଗର ମୁଖା ଓ ଲଙ୍କା ଗୁଣ୍ଡକୁ ପୁଲିସ ଜବତ କରିଛି। ଏ ନେଇ ହିଞ୍ଜିଳି ଥାନାରେ କେସ ନମ୍ବର - ୩୯୦/୨୫ ରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ କରୁଥିବା ତଦନ୍ତକାରୀ ଅଧିକାରୀ ତଥା ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀନିବାସ ସେଠିଙ୍କ ସୂତ୍ରରୁ ପ୍ରକାଶୟ

ପ୍ରକାଶ ଯେ, ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ସମେତ ନିକଟସ୍ଥ ଥାନା ଅଞ୍ଚଳର ୫ ଜଣ ଯୁବକ ଗତ କିଛି ଦିନ ଧରି ହିଞ୍ଜିଳି ଥାନା ଇଲାକାର ବିଭିନ୍ନ ଅଞ୍ଚଳରେ ପିସ୍ତଲ ଧରି ଆତଙ୍କ ସୃଷ୍ଟି କରି ଆସୁଥିଲେ। ପୁଲିସ ସେମାନଙ୍କୁ କାବୁ କରିବା ପୂର୍ବରୁ କୌଶଳ କ୍ରମେ ଫେରାର ହେବାରେ ସକ୍ଷମ ହୋଇ ଯାଉଥିଲେ। ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୁଭେନ୍ଦୁ ପାତ୍ରଙ୍କ ନିର୍ଦ୍ଦେଶରେ ସେମାନଙ୍କୁ କାବୁ କରିବା ପାଇଁ ହିଞ୍ଜିଳି ଥାନା ଆଇଆଇସି ଶ୍ରୀନିବାସ ସେଠି ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେୟ ସୋମବାର ବିଳମ୍ବିତ ରାତିରେ ହିଞ୍ଜିଳି ଥାନା ବି. ନୂଆପଲ୍ଲୀ ଗ୍ରାମ ଛକରେ ଥିବା ବିଶ୍ରାମଗାରାରେ ୫ ଜଣ ଯୁବକ ଡକାୟତି ଯୋଜନା ପ୍ରସ୍ତୁତ କରୁଥିଲେୟ କୌଣସି ସୂତ୍ରରୁ ଖବର ପାଇ ହିଞ୍ଜିଳି ଥାନା ଆଇଆଇସି ଓ ତାଙ୍କ ଟିମ୍ ଅତର୍କିତ ଚଢ଼ାଉ କରି ୫ ଜଣ ଯୁବକଙ୍କୁ ଗିରଫ କରିବା ସହ ଡକାୟତି ଯୋଜନାକୁ ପଣ୍ଡ କରିବାପରେ ସକ୍ଷମ ହୋଇଥିଲେୟ ଗିରଫ ଅଭିଯୁକ୍ତ ମାନଙ୍କୁ ଜେରା ସମୟରେ ସେମାନେ ହିଞ୍ଜିଳି ଥାନା ପିତଳ ଛକରେ ଥିବା ଏଟିଏମ୍ ଭାଙ୍ଗି ଲୁଟ୍ କରିବାକୁ ଯୋଜନା କରୁଥିବା ସ୍ୱୀକାର କରିଛନ୍ତିୟ ଗିରଫ ଅଭିଯୁକ୍ତ ମାନେ ବ୍ୟାଙ୍କ, ସୁନା ଅଳଙ୍କାର ଦୋକାନ, ଏଟିଏମ୍ ଭାଙ୍ଗିବା ସହ ହତ୍ୟା, ଚୋରୀ, ଡକାୟତି, ରାହାଜାନୀ ଭଳି ସଙ୍ଗୀନ ଅପରାଧିକ ଘଟଣା ଘଟାଇବା ସହ ନିଜର ଆଧିପତ୍ୟ ବିସ୍ତାର କରୁଥିବା ନେଇ ପୁଲିସ ନିକଟରେ ସ୍ୱୀକାର କରିଛନ୍ତି। ଗିରଫ ଅଭିଯୁକ୍ତ ମାନଙ୍କ ଠାରୁ ଡକାୟତି ଯୋଜନା ପାଇଁ ବ୍ୟବହୃତ ମାରଣାସ୍ତ୍ର ସମେତ ବହୁତ ସାମଗ୍ରୀ ଲୁଟ୍ କରିବାପରେ ସକ୍ଷମ ହୋଇଥିଲା ୟ ପ୍ରକାଶ ଥାଉକି, ଗିରଫ ଟିଣ୍ଟୁ ନାମରେ ହିଞ୍ଜିଳି ଥାନାରେ ୭ଟି, ରାଜାଙ୍କ ନାମରେ ୨ଟି, ହିନଙ୍କ ନାମରେ ୬ଟି, ରାକେଶ ନାମରେ ଗୋଟିଏ ଓ ଗୋବିନ୍ଦଙ୍କ ନାମରେ ୬ଟି ହତ୍ୟା, ଡକାୟତି, ଚୋରୀ, ରାହାଜାନୀ ଭଳି ସଙ୍ଗୀନ ଅପରାଧିକ ମାମଲା ରହିଛି। ଗିରଫ ଅଭିଯୁକ୍ତ ମାନଙ୍କ ନାମରେ ଅନ୍ୟାନ୍ୟ କୌଣସି ଥାନାରେ କି କି ମାମଲା ରୁଜୁ ହୋଇଛି ସେ ନେଇ ପୁଲିସ ତଦନ୍ତ ଚଳାଇଛିୟ ଚଢ଼ାଉରେ ଥାନା ଆଇଆଇସି ଶ୍ରୀନିବାସ ସେଠିଙ୍କ ସମେତ ଥାନା ଏସଆଇ ସିଦ୍ଧାର୍ଥ ଶଙ୍କର ଜେନା, ସୁନିଲ କଣ୍ଡାଗୋରି, ଏଏସଆଇ ଅନନ୍ତ ଶବର, ବୈକୁଣ୍ଠନାଥ ଜେନା, କନେଷ୍ଟବଳ ବସନ୍ତ ଉପାଧ୍ୟାୟ, କୈଳାଶ ମଲ୍ଲିକ, ଦଣ୍ଡପାଣି ମଲ୍ଲିକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ତାଳଚେର ବିଶ୍ୱଜିତ ନାଏକ ହତ୍ୟାକାଣ୍ଡ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି ତାଳଚେର ପୋଲିସ



ଅନୁଗୋଳ(ମହାଭାରତ): ତାଳଚେର ଗତ ୫ ତାରିଖରେ ଶିବରାମପୁର ରାସ୍ତା ନିକଟ ଜଙ୍ଗଲରେ ହୋଇଥିବା ଯୁବକଙ୍କ ହତ୍ୟା ଘଟଣାର ପରଦା ଫାସ କରିଛି ତାଳଚେର ପୋଲିସ । ପ୍ରେମ ବ୍ୟାପାର ସହ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ଅପହରଣ ପରେ ହତ୍ୟା କରିଥିବା ସୂଚନା ରହିଛି । ମୁଖ୍ୟ ଅଭିଯୁକ୍ତ ଅପହରଣ କରି ରଖିଥିବା ଜଙ୍ଗଲ ଓ ହତ୍ୟା ଘଟାଇଥିବା ସ୍ଥାନରେ ପୋଲିସ ଓ ଡ଼ଗ ସ୍କ୍ୱାର୍ଡ ସହ ଅଭିଯୁକ୍ତ ସିନ ରିକ୍ରିଏସନ କରିଛି ।ହତ୍ୟା କରାଯାଇ ଏହାକୁ ଦୁର୍ଘଟଣାର ରୂପ ଦେଇଥିଲେ ହତ୍ୟାକାରୀ ।ତେବେ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଆନନ୍ଦ ନାୟକଙ୍କୁ ପୋଲିସ ଗିରଫ କରିଥିବା ବେଳେ ଘଟଣାରେ ଆଉ କିଛି ଅଭିଯୁକ୍ତ ସଂଶ୍ଳିଷ୍ଟ ଥିବା ଜଣାପଡିଛି । ତାଳଚେର ଦେଉଳବେଡା ଅଞ୍ଚଳର ବିଶ୍ୱଜିତ ନାଏକ ଘରୁ ନିଖୋଜ ହୋଇଥିବା ବେଳେ ୯ ଦିନ ପରେ ମିଳିଥିଲା ତାଙ୍କ ଗଳିତ ମୃତ ଦେହ । ବିଶ୍ଜିତଙ୍କ ବାପା ବିମଳ ନାଏକ ଏ ନେଇ କଳିୟାରୀ ଥାନାରେ ନିଖୋଜ ହୋଇଥିବା ଅଭିଯୋଗ କରିଥିଲେ । ୯ଦିନ ପରେ ବିଶ୍ୱଜିତର ଗଳିତ ମୃତ ଦେହ ସହ ଘଟଣା ସ୍ଥଳ ନିକଟରୁ ତାର ସ୍କୁଟିକୁ ପୋଲିସ ଉଦ୍ଧାର କରିଥିଲା ।ତେବେ ବିଶ୍ଜିତଙ୍କୁ ଦେଉଳବେଡା ଗ୍ରୀନ ଗ୍ରାସ ଷ୍ଟାଡିୟମ ଠାରୁ ଏକ କାର ଯୋଗେ ଅପହରଣ କରି ନେଇଥିବା ବେଳେ ସେଠାରୁ କିଛି ଦୁରରେ ଥିବା ଏକଡାଳ ଜଙ୍ଗଲରେ ନେଇ ରଖିଥିଲେ । ପରେ ତାଙ୍କୁ ଶିବରାମପୁର ଜଙ୍ଗଲ ନିକଟ ରାସ୍ତାରେ ମାଡ଼ପିଟ କରିଥିଲେ ତାଙ୍କ ମାଡ଼ରେ ବିଶ୍ୱଜିତ ଅଚେତ ହୋଇପଡିଥିବା ବେଳେ ଅଭିଯୁକ୍ତ ବିଶ୍ଜିତଙ୍କୁ ମୃତ ହୋଇଯାଇଥିବା ଭାବି ଏକ ଟ୍ରକ ଚକା ତଳେ ଶୁଆଇ ଦେଇଥିଲେ ପରେ ଛିଡା ହୋଇଥିବା ଟ୍ରକ ଚାଳକଙ୍କୁ ମାଡ଼ ମାରିବା ସହ ଟ୍ରକ ନେଇ ଯିବାକୁ ଧମକ ଦେଇଥିଲେ ।ପୂର୍ବ ଯୋଜନାବଦ୍ଧ ଅନୁଯାୟୀ ବିଶ୍ୱଜିତର ମୁଣ୍ଡ ଉପରେ ଟ୍ରକଟି ଚଢି ଯାଇଥିଲା ତାଙ୍କ ମୁଣ୍ଡଟି ମାଟିରେ ମିଶିଯିବା ପରେ ମୃତ ଶରୀରକୁ ନିକଟସ୍ଥ ରାସ୍ତା କଡ଼ ଡ୍ରେନରେ ପକାଇବା ସହ ତାଙ୍କ ସ୍କୁଟିକୁ ମଧ ସେଠାରେ ପକାଇ ଚମ୍ପଟ ମାରିଥିଲେ । ତେବେ ଘଟଣାର ଅଧିକ ତଦନ୍ତ ଜାରି ରଖିଛି ତାଳଚେର ପୋଲିସ ।

## ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ

କଳାହାଣ୍ଡି/ମହାଭାରତ:ଭବାନୀପାଟଣା: କଳାହାଣ୍ଡି ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭା ଗୃହରେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ପ୍ରାକୃତିକ ବିପର୍ଯ୍ୟୟ ଜନିତ ସମ୍ଭାବ୍ୟ ବନ୍ୟା, ବାତ୍ୟା କୁ କିପରି ମୁକାବିଲା କରାଯାଇପାରିବ ଏବଂ ଏଥିପାଇଁ ଆବଶ୍ୟକ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଜରୁରୀ ପଦକ୍ଷେପ ନେବା ସହିତ ପୂର୍ବ ପ୍ରସ୍ତୁତି କରିବା ପାଇଁ ଜିଲ୍ଲାପାଳ ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ର ସହରାଞ୍ଚଳରେ ଆସନ୍ତା ଜୁନ୍ ମାସ ୧୫ ତାରିଖ ପୂର୍ବରୁ ସମସ୍ତ ଡ୍ରେନ୍ ସଫା କରିବା ପାଇଁ ସମ୍ପୃକ୍ତ ସମସ୍ତ ନିର୍ବାହୀ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେପରି ସମ୍ଭାବ୍ୟ ବନ୍ୟା ପ୍ରପୀଡି ଅଞ୍ଚଳରେ ଲୋକଙ୍କର ସୁରକ୍ଷା କୁ ଆଖିଆଗରେ ରଖି, ଚାଉଳ, ଚୁଡା,ଗୁଡ, କିରାସିନି,ପଲିଥିନ୍,ଓ ଆର ଏସ୍ ଏସ୍ ପ୍ୟାକେଟ୍,ଜରୁରୀକାଳୀନ ସୁବିଧା ଇତ୍ୟାଦି ମହଯୁଦ କରି ରଖିବା ଏଥି ପାଇଁ ବିଶେଷ କରି ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ନିର୍ବାହୀ ଅଧିକାରୀ ପୌରପାଳିକା, ଏନ୍ ଏ ସି, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରମୁଖ ସଜାଗ ହୋଇ ରହିବା ପାଇଁ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ କୃଷି, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ସେବା, ପ୍ରାଣୀ ଚିକିତ୍ସା, ଜଳ ସେଚନ, ଅଗ୍ନିଶମ ନିରାପତ୍ତା, ବିଦ୍ୟୁତ ଯୋଗାଣ, ଦୂର ସଞ୍ଚାର ଇତ୍ୟାଦି ବିଭାଗୀୟ କାର୍ଯ୍ୟକ୍ରମ ର ଜରୁରୀକାଳୀନ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଗାମୀ ସମ୍ଭାବ୍ୟ ବନ୍ୟା, ବାତ୍ୟା ଜନିତ ପ୍ରାକୃତିକ ବିପର୍ଯ୍ୟୟ ର କିପରି ସଫଳ ମୁକାବିଲା କରାଯାଇ ଜିଲାର ସମସ୍ତ ଜନସାଧାରଣ ଙ୍କ ର ଧନ,ଜୀବନକୁ ସୁରକ୍ଷିତ ରଖାଯିବ ସେ ଦିଗରେ ସମସ୍ତ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଯତ୍ନବାନ୍ ହୋଇ ନିଜର କାର୍ଯ୍ୟ ତୁଲାଇ ବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ ସମ୍ଭାବ୍ୟ ବନ୍ୟା ସାଦୃଶ୍ୟ ପରିସ୍ଥିତିରେ ମୁକାବିଲା କରିବା ପାଇଁ ୧୨ ଟି ବୋଟ୍, ୧୭ ଟି ଆସ୍କା ଲାଇଟ୍, ୪୩ ଟି ପାଓ୍ୱାର ସ, ୨୫ ଟି ପମ୍ପ, ୧୩ ଟି ଟେଲିସକୋପ୍ ଲାଇଟ୍, ୩୪ ଟି ଫେୟାର ଫାଟିଂ ଗାଡି ଜିଲ୍ଲା ଅଗ୍ନିଶମ ବିଭାଗ ତରଫରୁ ପ୍ରସ୍ତୁତ ରହିଛି। ଏହି ବୈଠକରେ ସାଂସଦ କଳାହାଣ୍ଡି,ମାଳବିକା ଦେବୀ, ଜିଲ୍ଲାପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ବିଧାୟକ ସଦର ଙ୍କ ପ୍ରତିନିଧି ଧନୁର୍ଯ୍ୟ ଗହୀର,ଅତିରିକ୍ତ ଜିଲ୍ଲାପାଳ ବଇତୁରା ଦୀପ,ଉପ ଜିଲ୍ଲାପାଳ ଧର୍ମଗଡ଼ ଧୀମାନ ଚାକମା,ଉପ ଜିଲ୍ଲାପାଳ ଭବାନୀପାଟଣା,ପ୍ରଭାତ କୁମାର ପରିଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ମୀନତି ଦାସ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡା, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ,ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ,ଜିଲ୍ଲା ପ□ାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ ଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧିକାରୀ, ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର,ପୌରପାଳିକା, ଏନ୍ ଏ ସି ର ନିର୍ବାହୀ ଅଧିକାରୀ ପ୍ରମୁଖ ଯୋଗଦେଇ ଥିଲେ।

## ଜିଲ୍ଲା ମତ୍ସ୍ୟ ବିଭାଗର କର୍ମଚାରୀଙ୍କ ବଦଳି କେବେ ?

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିରେ ଥିବା ମତ୍ସ୍ୟ ବିଭାଗର କାର୍ଯ୍ୟରତ କର୍ମଚାରୀଙ୍କ ବଦଳି କେବେ? ଏଠାରେ ର୍ଦିଘ ତିନି ବର୍ଷରୁ ଉର୍ଦ୍ଧ କର୍ମଚାରୀ କାର୍ଯ୍ୟରତ ଅଛନ୍ତି ।ପୁଣି ପ୍ରୋମସନ ପାଇ ଏଠାରେ ସ୍ଥାୟୀ ହୋଇ ରହିଛନ୍ତି। ଜିଲ୍ଲା ମତ୍ସ୍ୟ ଅଧିକାରୀ ନ ଥିବାରୁ ଅତିରିକ୍ତ ମତ୍ସ୍ୟ ଅଧିକାରୀ ଦୀର୍ଘ ଦିନ ହେଲା ଜିଲ୍ଲା ମତ୍ସ୍ୟ ଅଧିକାରୀ ଦାୟିତ୍ୱ ତୁଲାଉ ଛନ୍ତି ତୁରନ୍ତ ସ୍ଥାୟି ଜିଲ୍ଲା ମତ୍ସ୍ୟ ଅଧିକାରୀ ଯୋଗ ଦାନ କଲେ ଚାଷୀ ଉପକୃତ ହୋଇ ପାରିବେ ଓ ନୂତନ ସରକାର ଖାଲୀ ପଡ଼ି ଥିବା ପଦୀ ସହ ସ୍ୱଚ୍ଛତା ଦୃଷ୍ଟି ରୁ ଦୀର୍ଘ ଦିନ କାର୍ଯ୍ୟ ରତ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରି ନୂତନ କର୍ମଚାରୀଯୋଗ ଦାନ କରିଲେ ଜିଲ୍ଲାର ବିକାଶ ହୋଇ ପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ନବରଙ୍ଗପୁର ପାଇଁ ଗୌରବ ଆଣିଲେ ଛାତ୍ରୀ ବିଷ୍ଣୁପ୍ରିୟା ଗଣ୍ଡ



ନବରଙ୍ଗପୁର ଜିଲ୍ଲା (ମହାଭାରତ) ରାଇଘର ବ୍ଲକ ତଥା ରାଜ୍ୟର ପଛୁଆ ଅଞ୍ଚଳର ଛାତ୍ରୀ କୁମାରୀ ବିଷ୍ଣୁପ୍ରିୟା ଗଣ୍ଡ ଖାତିଗୁଡା ଜବହାରଲାଲ ନବଦୟ ବିଦ୍ୟାଳୟ ଦଶମ ଶ୍ରେଣୀ ପରୀକ୍ଷାରେ ୯୫.୨ ପ୍ରତିଶତ ନମ୍ବର ରଖି ରଖିଛନ୍ତି । ତାଙ୍କ ପିତା ରାଇଘର ଗଣ୍ଡୱାନା ବିକାଶ ମଣ୍ଡଳ ସମ୍ପାଦକ ତଥା ହାଟଭରଣ୍ଡି ପୁରୁଣା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଫଗନୁରାମ ଗଣ୍ଡ ଏବଂ ମାତା ଅମ୍ଳିଭାଟ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟତ୍ରୀ ରୂପେ କାର୍ଯ୍ୟରତ ଅଛନ୍ତି । ଛାତ୍ରୀ ଜଣକ ପଛୁଆ ଅ□ଳର ଆଗୁଆ ଝିଅ ହୋଇ ସମଗ୍ର ରାଇଘର ତଥା ନବରଙ୍ଗପୁର ଜିଲ୍ଲାପାଇଁ ଗୌରବ ଅର୍ଜନ କରିବା ସହ ଏକ ଦିଗଦର୍ଶନର ଉଦାହରଣ ପାଲଟି ଛନ୍ତି ଯାହା ଦ୍ୱାରା ଏ ଅଞ୍ଚଳର ଛାତ୍ରଛାତ୍ରୀ ମାନେ ନିଶ୍ଚିତ ଭାବେ ଉତ୍ସାହିତ ହେବେ କ୍ଷ ବିଷ୍ଣୁପ୍ରିୟା ଦିନକୁ ୧୦ ଘଣ୍ଟା ପରିଶ୍ରମ କରୁଥିଲେ । ଆଗାମୀ ଦିନରେ ଆଇ ଇ ଏସ ହୋଇ ଲୋକଙ୍କ ସେବା କରିବାକୁ ଲକ୍ଷ ରଖିଥିବା ସେ କହିଛନ୍ତି । ଏହି ସଫଳତାର ଶ୍ରେୟ ବିଷ୍ଣୁପ୍ରିୟା ତାଙ୍କ ମାଆ ବାପା, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ତଥା ଗୁରୁଜନ ମାନଙ୍କୁ ଦେଇଛନ୍ତି ।

## ତମାଖୁ ଓ ପଲିଥିନ ବିକ୍ରି ନିଷେଧ କାଗଜ କଲମରେ ସୀମିତ

ଆଧୁନିକ ପରିଭୟସରେ ମନୁଷ୍ୟ ଭୁଲିବାକୁବସିଲାଣି ପରିବେସ ର ସୁରକ୍ଷ ୟ ତା ଭିତରେ ମନୁଷ୍ୟ ଭୁଲି ଯାଉଛି ନିଜର ସୁରକ୍ଷା। ସରକାରଙ୍କ ନିର୍ଦେଶ ନାମୟ ଅନୁସରେ ତମାଖୁ ବିକ୍ରି କରିବା ନିଷେଧ କିନ୍ତୁ କର୍ଯ୍ୟାନୁ ଷ୍ଠାନନ୍ଥ୍ୱ ହୋଇ ପରିଥିବରୁ ଅବାଧରେ ବିକ୍ରି ଚାଲିଛି ଗଜପତି ଜିଲ୍ଲାରେ ଗାଁ ଠାରୁ ସହର ସ୍କୁଲ କଲେଜ ସରକାରୀ ଅଫିସ ସମ୍ମୁଖରେ ବିକ୍ରୀ ହେଉଥିବା ଦେଖିବାକୁ ମିଳୁଛି ।ଏଥି ପ୍ରତି ସ୍ୱାସ୍ଥ୍ୟ ବିଭାଗ ହଉ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେଉ ନାହାନ୍ତି ଯାହା ଫଳରେ ଜିଲ୍ଲା ରେ ଅବାଧ ତମାଖୁ ବିକ୍ରି ବଟାଚାଲିଛି । ସେହି ଭଳି ପଲିଥିନ ଦ୍ୱାରା ପରିବେଶ ପ୍ରଦୂଷଣ ହଉଛି ଜିଲ୍ଲାରେ ବହୁଳ ମାତ୍ରାରେ ବ୍ୟବହାର। ଚା ଦୋକାନ ଠାରୁ ଆରମ୍ଭ କରି ହୋଟେଲ ବଜାର ସବୁ ଜାଗାରେ ବହୁଳ ବ୍ୟବ ହାର ହେଉଛି। ଜରି ରେ ଲାଗି ଥିବା ଖାଦ୍ୟ ଖାଇ ପେଟକୁ ଗଲେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୁଅନ୍ତି । ଏଥି ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେଲେ ପରିବେସ ପ୍ରଦୂଷଣ ରୋକ ଯାଇ ପାରିବ।

## ହିନ୍ଦୋଳ ହରିହାଟ ମହୋତ୍ସବର ତୃତୀୟ ସନ୍ଧ୍ୟା

# ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ମତୁଆଲା ହେଲେ ଦର୍ଶକ



ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହରିହାଟ ମହୋତ୍ସବର ତୃତୀୟ ସନ୍ଧ୍ରା ଆଜି ବହୁ ଆଡମ୍ବରରେ ଉଦଜାପିତ ହୋଇଯାଇଛି ।ମୁଖ୍ୟଅତିଥି ଭାବରେ ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଓ ମୁଖ୍ୟବକ୍ତା ଭାବରେ ପୂର୍ବତନ ଢେଙ୍କାନାଳ ବିଧାୟକ ସୁଧୀର ସାମଲ ଯୋଗଦେଇ ପ୍ରଦ୍ୱୀପ ପ୍ରଜ୍ୱଳନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଢେଙ୍କାନାଳ ଜିଲ୍ଲା ପରିଷଦ ଅଧକ୍ଷା ଅର୍ଚନା ପୁହାଣ, ଏନଏସି ଅଧକ୍ଷ କେଶବ ପ୍ରଧାନ, ଉପାଧାକ୍ଷା ପ୍ରତିମା ରାଉତ ଏବଂ ହିନ୍ଦୋଳ ପ୍ରଶାସନ ପକ୍ଷରୁ ଏନ୍,ଏ,ସି ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ବେହେରା, ସହକାରୀ ଉପଜିଲ୍ଲାପାଳ ବିଶ୍ୱଜିତ ରାଉତ,ଉପଖଣ୍ଡ ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ତପନ ବେଉରା, କମିଟି ସଭାପତି ପ୍ରଦୀପ ସାମନ୍ତ, ସମ୍ପାଦକ ବିଶେଶ୍ୱର ସେଠି ପ୍ରମୁଖ ମଞ୍ଚାସିନ ହୋଇଥିଲେ। ହିନ୍ଦୋଳର ବହୁ ପୁରାତନ ଐତିହ୍ୟ ହରିହରଙ୍କ ଉତ୍ସବକୁ ମହୋତ୍ସବ ଭାବରେ ପାଳନ କରାଯାଇ ଦଳମତ ଜାତି ନିର୍ବିଶେଷରେ ହିନ୍ଦୋଳର ଐତିହ୍ୟ,ଏକତା,ଭାଇଚାରା ଓ ଧାର୍ମିକ ପରମ୍ପରାକୁ ବଜାୟ ରଖିବାକୁ ସମସ୍ତଙ୍କର ଏହି ଉଦ୍ୟମ ସେଥିପାଇଁ ଏହା ଅତି ପ୍ରଶଂସନୀୟ ଏବଂ ଆମ୍ଭମାନଙ୍କର ଏକ ଗଭୀର ସମ୍ପର୍କ ହିନ୍ଦୋଳ ବାସୀଙ୍କ ସହିତ ଜଡିତ ସେଥିପାଇଁ ଆମ୍ଭେମାନେ ସବୁ କ୍ଷେତ୍ରରେ ହିନ୍ଦୋଳ ଜନସାଧାରଣଙ୍କ ସାଥି ହୋଇ ରହିଛୁ ବୋଲି ମୁଖ୍ୟ ଅତିଥି ବ୍ରଜକିଶୋର ଓ ମୁଖ୍ୟବକ୍ତା ସୁଧୀର ନିଜ ବକ୍ତବ୍ୟରେ କହିଥିଲେ । କମିଟି ପକ୍ଷରୁ ରାତିରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସଂସ୍କୃତିକ, ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲାୟ ବିଭିନ୍ନ ପ୍ରକାର ମନୋହର ଦୋକାନ, ଫାଷ୍ଟଫୁଡ ଦୋକାନ, ବିଭିନ୍ନ ପ୍ରକାର ଦୋକାନ ସାଙ୍ଗକୁ ଦୋଳି ଇତ୍ୟାଦି ଖେଳି ଦର୍ଶକ ମାନେ ଭରପୁର ମଜା ନେଇଥିଲେ। ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ହିନ୍ଦୋଳ ପୋଲିସ୍ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା।

## ଦେଶ ବିରୋଧୀ ମନ୍ତବ୍ୟ ଦେଇ , ଥାନାରେ ଅଟକ ଯୁବକ

(ବସ୍ତା/ମହାଭାରତ) ବସ୍ତା ଥାନା , ବସ୍ତା ବଜାର ନିକଟରେ ରହୁଥିବା ଜଣେ ଯୁବକ , ଦେଶ ବିରୋଧୀ ମନ୍ତବ୍ୟ ସାଙ୍ଗକୁ ଦେଶ ବିରୋଧୀ କାର୍ଯ୍ୟ କରି ଥାନାରେ ଅଟକ। ଅଭିଯୋଗ ମୁତାବକ ଦୀର୍ଘ ବର୍ଷ ଧରି ସରକାରୀ ଜମି ରେ ଜନୈକ ବ୍ୟକ୍ତି ରହି ସ୍ଥାନୀୟ ଅଞ୍ଚଳରେ ଫେରି କରୁଥିଲେ ।ତେବେ ପେହେଲ ଗ୍ରାମରେ ଆତଙ୍କୀ ଆକ୍ରମଣ କୁ ପରେ , ପାକିସ୍ଥାନ ଉପରେ ଭାରତ ପକ୍ଷରୁ ଆକ୍ରମଣ ବେଳେ ରାଷ୍ଟ୍ର ବିରୋଧୀ ସ୍ଲୋଗାନ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ଅଶାଳୀନ ଭିଡିଓ , ମନ୍ତବ୍ୟ ସାମାଜିକ ଗଣମାଧମ ରେ ଛାଡ଼ିବା ସହିତ ପାକିସ୍ଥାନ ଜିନ୍ଦାବାଦ ର ନାରା ଦେଇଥିଲେ ଉକ୍ତ ଯୁବକ। ଏହାକୁ ନେଇ ବସ୍ତା ବିଜେପି , ବୁଦ୍ଧିଜୀବୀ ବସ୍ତା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ବସ୍ତା ପୋଲିସ ଅଭିଯୁକ୍ତ ଥାନାରେ ଅଟକ ରଖି ଅଧିକ ତଦନ୍ତ ଚଳାଇଛି। ତେବେ ଅଭିଯୁକ୍ତ ଜଣକ ସୁକୁର ମଲ୍ଲିକ ସେ ବାଂଲା ଦେଶର ରୁ ଆସି କିଛି ଦିନ ହେବ ଶରଣାର୍ଥୀ ଭାବେ ରହି ଆସୁଛନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି। ଅନ୍ୟ ପଟେ ଏଭଳି ଘଟଣାକୁ ଦୃଢ଼ ନିନ୍ଦା କରାଯିବା ସହିତ ଏଭଳି ଘଟଣାରେ ଜଡ଼ିତ ଥିବା ପ୍ରତ୍ୟେକ ବ୍ୟକ୍ତି ଙ୍କୁ ବିରୋଧରେ ଶକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣ ରେ ଦାବି ଯୋର ଧରିଛି।

## ଯବାନଙ୍କୁ ଛାଡିଲା ପାକିସ୍ତାନ



ନୂଆଦିଲ୍ଲୀ : ଭାରତ- ପାକିସ୍ତାନ ଟେନସନ ମଧ୍ୟରେ ଭାରତକୁ ମିଳିଛି ବଡ଼ ଉପଲବ୍ଧି । ଭାରତର ବିଏସଏଫ ଯବାନ ପୂର୍ଣ୍ଣମ କୁମାରଙ୍କୁ ଛାଡିଲା ପାକିସ୍ତାନ । ୨୧ ଦିନ ପରେ ପାକିସ୍ତାନୀ ରେଞ୍ଜର୍ସମାନେ ଅଟାରୀ ୱାଘା ବର୍ଡରରେ ତାଙ୍କୁ ହସ୍ତାନ୍ତର କରିଛନ୍ତି । ୨୩ ଏପ୍ରିଲରେ ପିକେ ଶ' ଭୁଲବଶତଃ ପାକିସ୍ତାନ ସୀମାକୁ ଚାଲିଯାଇଥିଲେ । ତାଙ୍କୁ ୨୧ ଦିନ ପରେ ଛାଡିଲା ପାକିସ୍ତାନ । ୨୩ ଏପ୍ରିଲ ୨୦୨୫ ଠାରୁ ପାକିସ୍ତାନ ରେଞ୍ଜର୍ସଙ୍କ ହେପାଜତରେ ଥିବା ବିଏସଏଫ ଯବାନ ପୂର୍ଣ୍ଣମ କୁମାର ଶ'ଙ୍କୁ ଆଜି ସକାଳ ପ୍ରାୟ ୧୦.୩୦ ସମୟରେ ଅମୃତସରର ଜଏଣ୍ଟ ଚେକ୍ ପୋଷ୍ଟ ଅଟାରୀ ମାଧ୍ୟମରେ ଭାରତକୁ ହସ୍ତାନ୍ତର କରାଯାଇଛି । ଏହି ସ୍ଥାନାନ୍ତର ଶାନ୍ତିପୂର୍ଣ୍ଣ ଭାବରେ ଏବଂ ପ୍ରତିଷ୍ଠିତ ପ୍ରୋଟୋକଲ ଅନୁସାରେ କରାଯାଇଛି । ଗତ ୨୧ ଦିନ ଧରି ପାକିସ୍ତାନର ହେପାଜତରେ ଥିଲେ । ଭାରତର ଚାପରେ ପାକିସ୍ତାନ ବିଏସଏଫ ଯବାନ ପୂର୍ଣ୍ଣମ କୁମାର ଶ 'ଙ୍କୁ ଗିରଫଦାରୀରୁ ମୁକ୍ତ କରିଛି । ବିଏସଏଫ ଯବାନ ପୂର୍ଣ୍ଣମ କୁମାର ଶ' ୨୩ ଏପ୍ରିଲ ଠାରୁ ପାକିସ୍ତାନ ରେଞ୍ଜର୍ସଙ୍କ ହେପାଜତରେ ଥିଲେ । ଆଜି ତାଙ୍କୁ ସକାଳ ପ୍ରାୟ ୧୦.୩୦ ସମୟରେ ଅମୃତସରର ମିଳିତ ଚେକ୍ ପୋଷ୍ଟ ଅଟାରୀ ମାଧ୍ୟମରେ ଭାରତକୁ ହସ୍ତାନ୍ତର କରାଯାଇଥିଲା । ବିଏସ୍‌ଏଫ୍ ଅଧିକାରୀଙ୍କ ସୂଚନା ଅନୁସାରେ, ଯବାନ ପିକେ ଶ' ବର୍ଡର ପାଖାପାଖି ଏକ କ୍ଷେତରେ କୃଷକମାନଙ୍କ ସହ ଥିଲେ । ଗୋଟିଏ ଗଛ ତଳେ ବିଶ୍ରାମ କରିବାକୁ ଯାଇ ଅଜାଣତରେ ପାକିସ୍ତାନ ପଟକୁ ଚାଲିଯାଇଥିଲେ । ଏହାର ସୁଯୋଗ ନେଇ ପାକ୍? ରେଞ୍ଜର୍ସ ତାଙ୍କୁ ଉଠାଇ ନେଇ ଅଟକ ରଖିଥିଲେ । ପଶ୍ଚିମବଙ୍ଗର ହୁଗଳି ଜିଲ୍ଲା ରିଶ୍ରାରେ ରହୁଥିବା ପୂର୍ଣ୍ଣମ କୁମାର ବିଏସଏଫରେ ୧୮୨ତମ ବାଟାଲିୟନରେ କାର୍ଯ୍ୟରତ ଥିଲେ ।

## ଜଣେ ଆତଙ୍କବାଦୀଙ୍କ ମୃତ୍ୟୁ ହେଲେ ପରିବାରକୁ ପାକିସ୍ତାନ ଦେଉଛି ୧ କୋଟି !

ଇସଲାମାବାଦ : ଆତଙ୍କବାଦ ପ୍ରସଙ୍ଗରେ ପାକିସ୍ତାନ ପୁଣି ଥରେ ମୁଖା ଖୋଲିଛି । ଏତେ ଧ୍ୱଂସ ପରେ ମଧ୍ୟ ତାଙ୍କର ପ୍ରକୃତି ସୁଧୁରୁ ନାହିଁ । ପାକିସ୍ତାନ ସରକାର ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ପୁନର୍ବାସ କରିବାକୁ ଘୋଷଣା କରିଛନ୍ତି । ପାକିସ୍ତାନର ଶହବାଜ ସରିଫ ସରକାର ଘୋଷଣା କରିଛନ୍ତି ଯେ ଅପରେଶନ ସିନ୍ଦୁରରେ ଧ୍ୱଂସ ହୋଇଥିବା ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ପୁନଃନିର୍ମାଣ କରାଯିବ, ଏହା ସହିତ, ନିହତ ଆତଙ୍କବାଦୀଙ୍କ ପରିବାରକୁ ୧ କୋଟି ଟଙ୍କା କ୍ଷତିପୂରଣ ଦିଆଯିବ ଏବଂ ଆହତମାନଙ୍କୁ ୧୦ ଲକ୍ଷରୁ ୨୦ ଲକ୍ଷ ପାକିସ୍ତାନୀ ଟଙ୍କା ଦେବାକୁ ମଧ୍ୟ ଘୋଷଣା କରାଯାଇଛି । ଏହି ଘୋଷଣା ସହିତ, ପାକିସ୍ତାନର ବାସ୍ତବତା ସମଗ୍ର ବିଶ୍ୱ ସମ୍ମୁଖରେ ପ୍ରକାଶ ପାଇଛି ଯେ ଏହା ଆତଙ୍କବାଦୀ ସଂଗଠନ ଏବଂ ଆତଙ୍କବାଦୀଙ୍କ ପାଇଁ ଯେକୌଣସି ସୀମାକୁ ଯିବାକୁ ପ୍ରସ୍ତୁତ । ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୋସିଆଲ ମିଡିଆ ପ୍ଲାଟଫର୍ମ ଫେସବୁକରେ ଏକ ଲମ୍ବା ପୋଷ୍ଟ ପୋଷ୍ଟ କରିଛି, ଯେଉଁଥିରେ ଆତଙ୍କବାଦୀଙ୍କ ପାଇଁ କ୍ଷତିପୂରଣ ଏବଂ ସେମାନଙ୍କ ଆଡ୍ଡାର ପୁନଃନିର୍ମାଣ ଘୋଷଣା କରାଯାଇଛି । ୬-୭ ମଇ ମଧ୍ୟରାତ୍ରିରେ ଅପରେଶନ ସିନ୍ଦୂର ଆରମ୍ଭ ହୋଇଥିଲା, ଯେଉଁଥିରେ ଭାରତୀୟ ସେନା ପାକିସ୍ତାନରେ ଥିବା ୯ଟି ଆତଙ୍କବାଦୀ ଆଡ୍ଡାକୁ ସଠିକ ଟାର୍ଗେଟ କରି ଧ୍ୱଂସ କରିଥିଲା । ଏଥିରେ ଜୈଶ-ଏ-ମହମ୍ମଦ, ଲସ୍କର-ଏ-ତୋଇବା ଏବଂ ହିଜବୁଲ ମୁଜାହିଦ୍ଦିନର ଆତଙ୍କବାଦୀ ଶିବିର ଅନ୍ତର୍ଭୁକ୍ତ । ଏହି ଆତଙ୍କବାଦୀ ଆଡ୍ଡାଗୁଡ଼ିକରେ ଭାରତ ବିରୁଦ୍ଧରେ ଆତଙ୍କବାଦୀ ଆକ୍ରମଣ ଯୋଜନା କରାଯାଇଥିଲା ।

## ପାକିସ୍ତାନର ପୋଲ୍ ଖୋଲିଲେ ଟମ କୁପର୍ର

ସିଡନୀ : ଅଷ୍ଟ୍ରେଲିୟ ସାମରିକ ବିଶେଷଜ୍ଞ ଟମ କୁପର୍ର ଅପରେଶନ ସିନ୍ଦୂରକୁ ନେଇ ପାକିସ୍ତାନର ଫମ୍ପା ଏବଂ ମିଥ୍ୟା ଦାବି ଉପରେ ଶେହବାଜ ଶରିଫ ସରକାରଙ୍କୁ ଆଇନା ଦେଖାଇଛନ୍ତି । ସେ ୩-୪ ଦିନ ଧରି ଚାଲିଥିବା ଏହି ଅପରେଶନକୁ ଭାରତର ବିଜୟ ଭାବରେ ବର୍ଣ୍ଣନା କରିଛନ୍ତି । ପାକିସ୍ତାନର ଅସ୍ତ୍ରବିରତି ପାଇଁ ଆବେଦନ ଆଶ୍ଚର୍ଯ୍ୟଜନକ ନୁହେଁ କାରଣ ସେ ଏତେ କ୍ଷତି ସହିଛି ଯେ ସେ ବହୁତ ଭୟଭୀତ ହୋଇଯାଇଛି ବୋଲି ସେ କହିଛନ୍ତି । ଟମ କୁପ? ବିଶ୍ୱର ସବୁଠାରୁ ସମ୍ମାନିତ ଯୁଦ୍ଧ ବିଷେଷଜ୍ଞମାନଙ୍କ ମଧ୍ୟରୁ ଜଣେ । ସେ ଜଣେ ବିଶ୍ଳେଷକ, ଲେଖକ ଏବଂ ମଧ୍ୟପ୍ରାଚ୍ୟରୁ ଦକ୍ଷିଣ ଏସିଆ ପର୍ଯ୍ୟନ୍ତ ବାୟୁ ଯୁଦ୍ଧର ବିଶେଷଜ୍ଞ । ମେ ୬ ଏବଂ ୭ ରାତିରେ ପାକିସ୍ତାନରେ ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ଧ୍ୱଂସ କରିବା ପରେ, ପାକିସ୍ତାନ ଅନେକ ଭାରତୀୟ ସହରରେ ସାମରିକ ଘାଟି ଉପରେ ଆକ୍ରମଣ କରିବାକୁ ଏକ ବିଫଳ ପ୍ରୟାସ କରିଥିଲା । ଭାରତ ମଧ୍ୟ ଏହି କାର୍ଯ୍ୟାନୁଷ୍ଠାନର ଉଚିତ ଜବାବ ଦେଇଥିଲା । ଟମ କୁପର ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ଉପରେ ଏକ ବ୍ଲଗ ଲେଖିଛନ୍ତି । ଟମ କୁପର କହିଛନ୍ତି, ପାକିସ୍ତାନୀ ସେନା ଭାରତୀୟ ସେନା ବିରୋଧରେ ଠିଆ ହୋଇପାରିବ ନାହିଁ । ଭାରତ ଯେଉଁଭଳି ଭାବରେ ପାକିସ୍ତାନରେ ପ୍ରବେଶ କରି ତାଣ୍ଡବ ସୃଷ୍ଟି କଲା, ତାହା ପାକିସ୍ତାନର ପରାଜୟକୁ ଦର୍ଶାଉଛି । ଏହି କାରଣରୁ, ସେ ଅସ୍ତ୍ରବିରତି ପାଇଁ ଆମେରିକାକୁ ଅନୁରୋଧ କରିଥିଲା । କୁପର ଭାରତର ଅଭିଯାନକୁ ଏକ ସ୍ପଷ୍ଟ ବିଜୟ ଭାବରେ ବର୍ଣ୍ଣନା କରିଥିଲେ । ଟମ କୁପର ବ୍ଲଗରେ ଲେଖିଛନ୍ତି, ମୁଁ ସବୁବେଳେ ସ୍ପଷ୍ଟ ଭାବରେ କହିଥାଏ ।ସ୍ତ୍? ଯେତେବେଳେ ଗୋଟିଏ ପକ୍ଷ ଅନ୍ୟ ପକ୍ଷର ପରମାଣୁ ଅସ୍ତ୍ର ଡିପୋ ଉପରେ ବୋମା ମାରୁଛି ଏବଂ ଅନ୍ୟ ପକ୍ଷ କିଛି କରିବାର ସ୍ଥିତିରେ ନାହିଁ, ସେତେବେଳେ ମୋ ମତରେ ଏହା ଏକ ସ୍ପଷ୍ଟ ବିଜୟ । ଇସଲାମାବାଦ ଯୁଦ୍ଧବିରତି ପାଇଁ ଅପିଲ କରିବା ଆଶ୍ଚର୍ଯ୍ୟଜନକ ନୁହେଁ । ଟମ କୁପ? ସ୍ପଷ୍ଟ ଭାବରେ ଲେଖିଛନ୍ତି, ଏହି କାର୍ଯ୍ୟରେ ଭାରତ ପାକିସ୍ତାନଠାରୁ ବହୁତ ଉନ୍ନତ ଥିଲା ଏବଂ ଭାରତ ସମ୍ପୂର୍ଣ୍ଣ ଜିତିଥିଲା । ଅପରେଶନ ସିନ୍ଦୂରରେ ଅତି କମରେ ପାଞ୍ଚ ଜଣ ମୁଖ୍ୟ ଆତଙ୍କବାଦୀ ନିହତ ହୋଇଥିଲେ ଏବଂ ଅନ୍ୟ ୧୪୦ ଜଣ ଆତଙ୍କବାଦୀଙ୍କୁ ନିପାତ କରାଯାଇଥିଲା । ପାକିସ୍ତାନ ସରକାର ଚୁପ ରହିଲେ, କିନ୍ତୁ ଓଝଓ ଏହି ଆତଙ୍କବାଦୀମାନଙ୍କୁ ଶହୀଦ ଘୋଷଣା କଲା ଏବଂ ପାକିସ୍ତାନ ସେନାର ଅଧିକାରୀଙ୍କ ସହିତ ସେମାନଙ୍କୁ ରାଷ୍ଟ୍ର ସମ୍ମାନ ଦେଲା, ଯାହା କହିବା ପାଇଁ ଯଥେଷ୍ଟ ଯେ ଆତଙ୍କବାଦୀମାନଙ୍କର ସେନା ସହିତ ସିଧାସଳଖ ସମ୍ପର୍କ ଅଛି । ଟମ କୁପର ଲେଖିଛନ୍ତି, ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଭାରତର କାର୍ଯ୍ୟାନୁଷ୍ଠାନ ସମ୍ପୂର୍ଣ୍ଣ ସଫଳ ହୋଇଥିଲା ଏବଂ ପାକିସ୍ତାନ ବିଫଳ ହୋଇଥିଲା । ଭାରତ କେବଳ ଆତଙ୍କବାଦୀ ଶିବିର ଉପରେ ଆକ୍ରମଣ କରିନାହିଁ ବରଂ ପାକିସ୍ତାନର ଆକ୍ରମଣକୁ ଦକ୍ଷତାର ସହିତ ବନ୍ଦ କରିଛି । ଟମ କୁପରଙ୍କ ରିପୋର୍ଟିଂ ପାକିସ୍ତାନର ଦାବି ଏବଂ ଭୂମିଗତ ବାସ୍ତବତା ମଧ୍ୟରେ ଥିବା ପାର୍ଥକ୍ୟକୁ ସମଗ୍ର ବିଶ୍ୱ ସମ୍ମୁଖରେ ପ୍ରକାଶ କରିଛି ।

# ଯୁଦ୍ଧ ବିରତି ହେବନାହିଁ କହିଲା ପାକିସ୍ତାନ !



ନୂଆଦିଲ୍ଲୀ : ପାକିସ୍ତାନ ପୁଣି ଥରେ ନିଜର ସ୍ୱର ବଦଳାଇଛି । ପାକିସ୍ତାନର ବୈଦେଶିକ ମନ୍ତ୍ରୀ ଇଶାକ ଦାର କହିଛନ୍ତି ଯେ ଭାରତ ସହ ଚାଲିଥିବା ଯୁଦ୍ଧବିରତି ଇନ୍ଦୁସ ଜଳ ଚୁକ୍ତି (ଆଇଡବ୍ଲୁଟି) ସମସ୍ୟା ସମାଧାନ ନହେଲେ ତିଷ୍ଠି ପାରିବ ନାହିଁ । ଏକ ଜାତୀୟ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ ସେ ଏହା କହିଛନ୍ତି । ଏହି ବୟାନ ସେହି ସମୟରେ ଆସିଛି ଯେତେବେଳେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପାକିସ୍ତାନକୁ ଚେତାବନୀ ଦେଇ ସ୍ପଷ୍ଟ କରିଛନ୍ତି ଯେ "ରକ୍ତ ଓ ଜଳ ଏକାଠି ବହିପାରେ ନାହିଁ ।" ଗତ ସପ୍ତାହରେ ଭାରତର ଅପରେସନ ସିନ୍ଦୁର ଅଧୀନରେ ପାକିସ୍ତାନର ବିଭିନ୍ନ ସାମରିକ ଅବସ୍ଥାନ ଉପରେ ଆକ୍ରମଣ ପରେ ପାକିସ୍ତାନ ଯୁଦ୍ଧବିରତି ପାଇଁ ଅନୁରୋଧ କରିଥିଲା । ଭାରତ ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଏହି ଅପରେସନ ଆରମ୍ଭ କରିଥିଲା, ଯେଉଁଥିରେ ୨୬ ଜଣ ନାଗରିକ, ପ୍ରାୟତଃ ପର୍ଯ୍ୟଟକ, ନିହତ ହୋଇଥିଲେ । ଇନ୍ଦୁସ ଜଳ ଚୁକ୍ତି ଅନୁସାରେ, ପାକିସ୍ତାନ ପଶ୍ଚିମ ନଦୀଗୁଡ଼ିକ ଇନ୍ଦୁସ, ଝେଲମ ଓ ଚେନାବ ଉପରେ ନିୟନ୍ତ୍ରଣ ରଖିଥିବା ବେଳେ ଭାରତ ପୂର୍ବ ନଦୀଗୁଡ଼ିକ ରାଭି, ବିୟାସ ଓ ସତଲୁଜରୁ ୨୦% ଜଳ ବ୍ୟବହାର କରିପାରେ । ଗତ ମାସରେ ଭାରତ ଏହି ଚୁକ୍ତିକୁ ସ୍ଥଗିତ ରଖିଥିଲା, ଯାହା ପାକିସ୍ତାନର ଜଳ ସମ୍ପଦ ଓ କୃଷି ଉପରେ ପ୍ରଭାବ ପକାଇଛି । ବିଶ୍ୱ ବ୍ୟାଙ୍କର ସଭାପତି ଅଜୟ ବଙ୍ଗା ଗତ ସପ୍ତାହରେ ଭାରତ ଗସ୍ତ ସମୟରେ କହିଛନ୍ତି ଯେ ବିଶ୍ୱ ବ୍ୟାଙ୍କର ଭୂମିକା କେବଳ ସୁବିଧାକାରୀ ଭାବେ ସୀମିତ, ଏବଂ ଏହା ଏହି ବିବାଦର ସମାଧାନ ପାଇଁ ହସ୍ତକ୍ଷେପ କରିବ ନାହିଁ । ଅନ୍ୟପକ୍ଷରେ, ଭାରତର ବୈଦେଶିକ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ ଯୁଦ୍ଧବିରତି ସତ୍ତ୍ୱେ ଆଇଡବ୍ଲୁଟି ସ୍ଥଗିତ ଅବସ୍ଥାରେ ରହିବ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ବୟାନ ଏହାକୁ ଆହୁରି ଦୃଢ଼ କରିଛି । ଏହି ପରିସ୍ଥିତି ଦୁଇ ଦେଶ ମଧ୍ୟରେ ଚାଲିଥିବା ଆଲୋଚନାରେ ଜଟିଳତା ସୃଷ୍ଟି କରିପାରେ । ଯୁଦ୍ଧବିରତିର ଭବିଷ୍ୟତ ଏବେ ଆଇଡବ୍ଲୁଟି ସମସ୍ୟାର ସମାଧାନ ଉପରେ ନିର୍ଭର କରୁଛି ।

## ବଢ଼ିଲା ବୈଦେଶିକ ମନ୍ତ୍ରୀଙ୍କ ସୁରକ୍ଷା



ନୂଆଦିଲ୍ଲୀ : ଅପରେସନ ସିନ୍ଦୂର ପରେ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କରଙ୍କ ସୁରକ୍ଷା ବଢ଼ାଯାଇଛି । ତାଙ୍କ କାରକେଡରେ ଏକ ବୁଲେଟପ୍ରୁଫ୍ ଗାଡ଼ି ସାମିଲ କରାଯାଇଛି । କାରଣ ବିଦେଶ ମନ୍ତ୍ରୀ ଜୟଶଙ୍କର ଅପରେସନ ସିନ୍ଦୂରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କରଙ୍କୁ ବର୍ତ୍ତମାନ ତ କ୍ୟାଟେଗୋରୀ ସୁରକ୍ଷା ସୁବିଧା ଦିଆଯାଇଛି । ଏହି ସୁରକ୍ଷାରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ(ସିଆରପିଏଫ) ଯବାନ ସାମିଲ ରହିଛନ୍ତି । ଗତବର୍ଷ ତାଙ୍କ ସୁରକ୍ଷା ଣ ରୁ ବଢାଇ ତ କରାଯାଇଥିଲା । ଏହାପରେ ସିଆରପିଏଫ ଏସ ଜୟଶଙ୍କରଙ୍କ ସୁରକ୍ଷା ଦାୟିତ୍ୱ ଦିଲ୍ଲୀ ପୋଲିସ ଠାରୁ ନେଇଥିଲା । ଅପରେସନ ସିନ୍ଦୂର ପରେ, ପାକିସ୍ତାନ ଭାରତର ଅନେକ ସ୍ଥାନରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା । ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ଏସ୍ ଜୟଶଙ୍କରଙ୍କ ସୁରକ୍ଷା ବୃଦ୍ଧି କରାଯାଇଛି । ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ପ୍ରାଣ ହରାଇଥିଲେ । ତା'ପରେ ଭାରତ ଅପରେସନ ସିନ୍ଦୂର ମାଧ୍ୟମରେ ପ୍ରତିଶୋଧ ନେଲା । ଏବେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ବହୁତ ଉତ୍ତେଜନା ରହିଛି, କିନ୍ତୁ ଭଲ କଥା ହେଉଛି ଯେ ଉଭୟଙ୍କ ମଧ୍ୟରେ ଯୁଦ୍ଧବିରତି ପାଇଁ ରାଜିନାମା ହୋଇଛି । ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି, ଏସ ଜୟଶଙ୍କରଙ୍କ ଘର ବାହାରେ ମଧ୍ୟ ସୁରକ୍ଷା ବୃଦ୍ଧି କରାଯାଇଛି ।

## ବାଂଲାଦେଶରେ ପୁଣି ରାଜନୈତିକ ଅସ୍ଥିରତା !

ଢାକା : ବାଂଲାଦେଶରେ ରାଜନୈତିକ ଅସ୍ଥିରତା ଥମିବାର ନାଁ ନେଉନାହିଁ । ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ଅବଦୁଲ ହମିଦ ଭୋର ୩ଟାରେ ଥାଇଲ୍ୟାଣ୍ଡ ଅଭିମୁଖେ ଯାତ୍ରା କରି ଦେଶ ଛାଡିଛନ୍ତି ବୋଲି କୁହାଯାଉଛି । ସେ ଢାକା ଅନ୍ତର୍ଜାତୀୟ ବିମାନବନ୍ଦରରୁ ଥାଇ ଏୟାରୱେଜର ଏକ ବିମାନରେ ଚଢ଼ିଥିଲେ । ତାଙ୍କୁ ଲୁଙ୍ଗି ପିନ୍ଧି ହ୍ୱିଲଚେୟାରରେ ବସିଥିବାର ଦେଖାଯାଇଥିଲା । ଯେତେବେଳେ ମଧ୍ୟବର୍ତ୍ତୀକାଳୀନ ସରକାର ନିଦ ଭାଙ୍ଗିଲା ଏବଂ ଏମିତି କ'ଣ ଘଟିଛି ତାହା ଅନୁଭବ କଲା, ସେ ଅଧିକାରୀମାନଙ୍କୁ ନିଲମ୍ବନ ଏବଂ ବଦଳି କଲା ଏବଂ ଏକ ଉଚ୍ଚସ୍ତରୀୟ ତଦନ୍ତ ବସାଇଲା । ଗତ ବର୍ଷ ଶେଖ ହାସିନା ବିରୋଧୀ ଆନ୍ଦୋଳନ ସମୟରେ ପ୍ରଦର୍ଶନକାରୀଙ୍କ ବିରୋଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ପାଇଁ ତଦନ୍ତ କରାଯାଇଥିବା ଲୋକଙ୍କ ମଧ୍ୟରେ ପୂର୍ବତନ ରାଷ୍ଟ୍ରପତି ହମିଦ ମଧ୍ୟ ଥିଲେ । ଅବଦୁଲ ହମିଦ ୨୦୧୩ ରୁ ୨୦୨୩ ପର୍ଯ୍ୟନ୍ତ ଦୁଇ ଥର ବାଂଲାଦେଶର ରାଷ୍ଟ୍ରପତି ଭାବରେ କାର୍ଯ୍ୟ କରିଥିଲେ । ୨୦୨୪ ଆନ୍ଦୋଳନ ସମୟରେ ଶେଖ ହାସିନା ଏବଂ ତାଙ୍କ ସହଯୋଗୀଙ୍କ ବିରୁଦ୍ଧରେ ପଞ୍ଜିକୃତ ଅତି କମରେ ଗୋଟିଏ ହତ୍ୟା ମାମଲାରେ ସେ ଜଣେ ସହ-ଅଭିଯୁକ୍ତ ମଧ୍ୟ । ଢାକା ଟ୍ରିବ୍ୟୁନ ରିପୋର୍ଟ କରିଛି ଯେ ୮୧ ବର୍ଷୀୟ ପୂର୍ବତନ ରାଷ୍ଟ୍ରପତି ଜାନୁଆରୀ ୧୪ ତାରିଖରେ କିଶୋରଗଞ୍ଜ ସଦର ପୋଲିସ ଷ୍ଟେଶନରେ ରୁଜୁ ହୋଇଥିବା ଏକ ହତ୍ୟା ମାମଲାରେ ଜଣେ ଅଭିଯୁକ୍ତ, ଯେଉଁଥିରେ ହାସିନା ଏବଂ ତାଙ୍କ ପରିବାରର ସଦସ୍ୟ ଶେଖ ରେହାନା, ସଜୀବ ୱାଜେଡ ଜୟ ଏବଂ ସାଇମା ୱାଜେଡ ପୁତୁଲରାଷ୍ଟ୍ରପତିଙ୍କୁ ସହ-ଅଭିଯୁକ୍ତ କରାଯାଇଛି । ପୂର୍ବତନ ମନ୍ତ୍ରୀ ଓବାଇଦୁଲ କଦର ମଧ୍ୟ ଏହି ମାମଲାରେ ଜଣେ ସହ-ଅଭିଯୁକ୍ତ ।

## ଭାରତରେ କୃଷି ଋଣ ୩୧.୫ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିବ: ନାବାର୍ଡ

ନୂଆଦିଲ୍ଲୀ : ଆର୍ଥିକ ବର୍ଷ ୨୦୨୫-୨୬ରେ ଗ୍ରାମୀଣ ଋଣ ବ୍ୟବସ୍ଥାର ବୃଦ୍ଧିପ୍ରାପ୍ତ ଆନୁଷ୍ଠାନିକୀକରଣ ଯୋଗୁଁ ବାଣିଜ୍ୟିକ ବ୍ୟାଙ୍କ ଏବଂ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କଗୁଡ଼ିକ ଦ୍ୱାରା କୃଷି କ୍ଷେତ୍ରକୁ ପ୍ରଦାନ କରାଯାଉଥିବା ଋଣ ୩୧.୫ ଲକ୍ଷ କୋଟି ଟଙ୍କା ଅତିକ୍ରମ କରି ଏକ ନୂଆ ରେକର୍ଡ ସୃଷ୍ଟି କରିବ ବୋଲି ନାବାର୍ଡର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି । ଆର୍ଥିକ ବର୍ଷ ୨୦୨୪-୨୫ରେ ନାବାର୍ଡ ବାଣିଜ୍ୟିକ ବ୍ୟାଙ୍କ, ସହକାରୀ ସଂସ୍ଥା ଏବଂ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କଗୁଡ଼ିକ ମାଧ୍ୟମରେ ୨୮.୯୮ ଲକ୍ଷ କୋଟି ଟଙ୍କାରୁ ଅଧିକ ଋଣ ବଣ୍ଟନ କରିଥିଲା । ଏହାର ପ୍ରାୟ ୬୦% ସ୍ୱଳ୍ପ ମିଆଦୀ ଫସଲ ଋଣ ଏବଂ ବାକି ଅଂଶ କୃଷି ଓ ସମ୍ପୃକ୍ତ କ୍ଷେତ୍ରରେ ବିନିଯୋଗ ଋଣ ପାଇଁ ବ୍ୟବହୃତ ହୋଇଥିଲା । ନାବାର୍ଡର ଉପ-ବ୍ୟବସ୍ଥାପନା ନିର୍ଦ୍ଦେଶକ ଅଜୟ କେ. ସୁଦ ଫାଇନାନସିଆଲ ଏକ୍ସପ୍ରେସ'କୁ କହିଛନ୍ତି, "ଚଳିତ ଆର୍ଥିକ ବର୍ଷରେ ମୋଟ କୃଷି ଋଣ ପ୍ରବାହ ପ୍ରାୟ ୩୧.୫ ଲକ୍ଷ କୋଟି ଟଙ୍କା ହେବ ବୋଲି ଆମେ ଆଶା କରୁଛୁ ।" ସେ ଆହୁରି କହିଛନ୍ତି ଯେ କୃଷି ଓ ସମ୍ପୃକ୍ତ କ୍ଷେତ୍ରକୁ ଋଣ ପ୍ରବାହରେ ତୀବ୍ର ବୃଦ୍ଧି ସତ୍ତ୍ୱେ, ନାବାର୍ଡ ସମ୍ଭାବନା ଆଧାରିତ ଋଣ ଯୋଜନା (ପିଏଲପି) ପ୍ରସ୍ତୁତ କରି ଋଣ ପ୍ରବାହରେ ଆଞ୍ଚଳିକ ଅସନ୍ତୁଳନକୁ ଦୂର କରିବାକୁ ଚେଷ୍ଟା କରୁଛି । ସୁଦ କହିଛନ୍ତି, "ଆମେ ଉତ୍ତର-ପୂର୍ବ ଭାରତରେ ଋଣ ସଂସ୍କୃତି ଉନ୍ନତ କରିବା ଦିଗରେ ବ୍ୟାଙ୍କଗୁଡ଼ିକ ସହ କାର୍ଯ୍ୟ କରୁଛୁ । ଏଥିପାଇଁ ସାମାଜିକ ଗ୍ୟାରେଣ୍ଟି, ବିଶେଷ ପାଣ୍ଠି ଏବଂ ବୀମା ଉତ୍ପାଦ ଆକାରରେ ସହାୟତା ପ୍ରଦାନ କରାଯାଉଛି ।" ବର୍ତ୍ତମାନ ବ୍ୟାଙ୍କଗୁଡ଼ିକ ପ୍ରତି ଜିଲା ପାଇଁ ସମ୍ଭାବନା ଆଧାରିତ ଋଣ ଯୋଜନା ଅନୁସରଣ କରି ଫସଲ ଋଣ ଏବଂ କୃଷି ଓ ସମ୍ପୃକ୍ତ ଉଦ୍ୟୋଗ ପାଇଁ ମିଆଦୀ ଋଣ ଭଳି ଅଗ୍ରାଧିକାର କ୍ଷେତ୍ରରେ ଆନୁଷ୍ଠାନିକ ଋଣ ପ୍ରବାହକୁ ବୃଦ୍ଧି କରୁଛନ୍ତି । ସୁଦ ଆହୁରି କହିଛନ୍ତି ଯେ 'ଆକାଂକ୍ଷୀ ଜିଲା'ଗୁଡ଼ିକ ପାଇଁ ସ୍ୱତନ୍ତ୍ର ପୁନଃଅର୍ଥାୟନ ସୁବିଧା ପ୍ରଦାନ ନେଇ ଆଲୋଚନା ଚାଲିଛି, ଯେଉଁଠାରେ ସୁଧ ହାର କମ ହେବ । ଏହା ସହ ଖୁଚୁରା ଚାଷୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ନେଇ ମଧ୍ୟ ଆଲୋଚନା ଚାଲିଛି । ୨୦୨୫ ଜାନୁଆରୀରେ ନାବାର୍ଡର ଅଧ୍ୟକ୍ଷ ଶାଜି କେଭି କହିଥିଲେ ଯେ କୃଷି ଋଣ ପ୍ରବାହ ବୃଦ୍ଧି ସହ ଅଣଆନୁଷ୍ଠାନିକ କ୍ଷେତ୍ରର ଅଂଶ ହ୍ରାସ ପାଉଛି । ସେ କହିଥିଲେ, "ଗତ ୧୦ ବର୍ଷରେ କୃଷି ଋଣ ପ୍ରବାହର ହାରାହାରି ବାର୍ଷିକ ବୃଦ୍ଧି ୧୩% ରହିଛି, ଯାହା ଦୁଇ ଅଙ୍କରେ ରହିଛି ।" ସାଧାରଣତଃ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ମୋଟ ଋଣ ପ୍ରବାହର ୭୫% ଯୋଗାଣ କରନ୍ତି, ଆଉ ବାକି ଅଂଶ ସହକାରୀ ଏବଂ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କଗୁଡ଼ିକ ମାଧ୍ୟମରେ ବଣ୍ଟନ ହୁଏ । ପରିବର୍ଦ୍ଧିତ ସୁଧ ଛାଡ଼ ଯୋଜନା (ଏମଆଇଏସଏସ) ଅଧୀନରେ କିସାନ କ୍ରେଡ଼ିଟ କାର୍ଡ (କେସିସି) ଧାରୀ ଚାଷୀମାନେ କାର୍ଯ୍ୟକାରୀ ପୁଞ୍ଜି ଆବଶ୍ୟକତା ପୂରଣ ପାଇଁ ବାର୍ଷିକ ୭% ସୁଧ ହାରରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପାଇଥାନ୍ତି । ଏହି ଯୋଜନା ଅନୁସାରେ, ସମୟାନୁବର୍ତ୍ତୀ ପୁନଃପରିଶୋଧ ପାଇଁ ୩% ଅତିରିକ୍ତ ସୁଧ ଛାଡ଼ ମିଳେ, ଯାହା ଫଳସ୍ୱରୂପ ପ୍ରକୃତ ସୁଧ ହାରକୁ ୪%କୁ ହ୍ରାସ କରେ । ତେବେ, ୨୦୨୫-୨୬ ପାଇଁ ସରକାର ଘୋଷଣା କରିଛନ୍ତି ଯେ କୃଷି ଋଣ ସୀମାକୁ ବାର୍ଷିକ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଉଛି । ଏମଆଇଏସଏସ ଅଧୀନରେ କେସିସି ଧାରୀ କ୍ଷୁଦ୍ର ଚାଷୀଙ୍କ ପାଇଁ ନେଗୋସିଏବଲ ଗୋଦାମ ରସିଦ (ଏନଡବ୍ଲୁଆର) ବିରୁଦ୍ଧରେ ଫସଲ ପରବର୍ତ୍ତୀ ଋଣ ମଧ୍ୟ ଅନ୍ତର୍ଭୁକ୍ତ । ବର୍ତ୍ତମାନ ୭୭.୧ ନିୟୁତ କାର୍ଯ୍ୟକ୍ଷମ କେସିସି ଧାରୀ ଅଛନ୍ତି । ଏହା ମଧ୍ୟରେ ମତ୍ସ୍ୟଚାଷ ପାଇଁ ୧.୨୪ ଲକ୍ଷ ଏବଂ ପଶୁପାଳନ କାର୍ଯ୍ୟ ପାଇଁ ୪୪.୪ ଲକ୍ଷ କେସିସି ଜାରି ହୋଇଛି । ଯଦି ଅଳ୍ପ ମିଆଦୀ ଋଣ ଫସଲ ଚାଷ ବ୍ୟତୀତ ଅନ୍ୟ ସମ୍ପୃକ୍ତ କାର୍ଯ୍ୟ ପାଇଁ ନିଆଯାଏ, ତେବେ ଋଣର ପରିମାଣ ୨ ଲକ୍ଷ ଟଙ୍କା ସୀମିତ ରହିଛି । ସମ୍ପ୍ରତି ନୀତି ଆୟୋଗର ସଦସ୍ୟ ରମେଶ ଚାନ୍ଦ କହିଛନ୍ତି ଯେ ରାଜ୍ୟ ସରକାରମାନଙ୍କୁ ସେମାନଙ୍କର କୃଷି ଉତ୍ପାଦନ ଆଧାରରେ କୃଷି ଋଣ ବଣ୍ଟନ ପାଇଁ ଏକ ମାନଦଣ୍ଡ ନିର୍ଦ୍ଧାରଣ କରିବା ଆବଶ୍ୟକ । ଏହା ସୁନିଶ୍ଚିତ କରିବ ଯେ ସ୍ୱଳ୍ପ ମୂଲ୍ୟରେ ପ୍ରଦାନ କରାଯାଉଥିବା ଅଳ୍ପ ମିଆଦୀ ଫସଲ ଋଣ କେବଳ କିଛି ରାଜ୍ୟରେ କେନ୍ଦ୍ରୀଭୂତ ନ ହୁଏ କିମ୍ବା ଅଣ-କୃଷି ଉଦ୍ଦେଶ୍ୟରେ ବ୍ୟବହୃତ ନ ହୁଏ ।

## ଚାଇନା ବିରୋଧରେ ନେଲା ବଡ଼ କାର୍ଯ୍ୟାନୁଷ୍ଠାନ ନେଲା ଭାରତ



ବେଜିଂ : ପାକିସ୍ତାନ ପରେ, ଭାରତ ଏବେ ଚାଇନା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଡ୍ରାଗନର ମୁଖପତ୍ର ଗ୍ଲୋବାଲ ଟାଇମ୍ସକୁ ଭାରତ ବ୍ଲକ କରିଛି । ସରକାର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଗ୍ଲୋବାଲ ଟାଇମ୍ସ ଆକାଉଣ୍ଟକୁ ବ୍ଲକ କରିଦେଇଛନ୍ତି । ଗ୍ଲୋବାଲ ଟାଇମ୍ସ ଭାରତ ବିରୋଧରେ ମିଥ୍ୟା ଖବର ଚଲାଉଥିଲା । ଫଳରେ ଏହା ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଗ୍ଲୋବାଲ ଟାଇମ୍ସ ହେଉଛି ଚାଇନାର ମୁଖପତ୍ର । ଏହା ସି ଜିନପିଙ୍ଗଙ୍କ ଏଜେଣ୍ଡାକୁ ଆଗକୁ ବଢାଇବା ପାଇଁ କାମ କରେ । ଗ୍ଲୋବାଲ ଟାଇମ ଭାରତ ବିରୋଧରେ ମିଥ୍ୟା ଖବର ପ୍ରସାରଣ କରେ । ଗ୍ଲୋବାଲ ଟାଇମ୍ସ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପୂର୍ବରୁ, ଭାରତ ଅରୁଣାଚଳ ପ୍ରଦେଶରେ ଚାଇନା ପ୍ରତି ନିଜର ମନୋଭାବ ଦେଖାଇଥିଲା । ଏହା ଅରୁଣାଚଳ ପ୍ରଦେଶର କିଛି ସ୍ଥାନର ନାମ ପରିବର୍ତ୍ତନ କରିବା ପାଇଁ ଚାଇନାର ପ୍ରୟାସକୁ ସ୍ପଷ୍ଟ ଭାବରେ ପ୍ରତ୍ୟାଖ୍ୟାନ କରିଛି । ଭାରତ କହିଛି ଯେ, ଏପରି ଅବାନ୍ତର ପ୍ରୟାସ ଏହି ଅସ୍ୱୀକାର୍ଯ୍ୟ ସତ୍ୟକୁ ପରିବର୍ତ୍ତନ କରିବ ନାହିଁ । ଏହା ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ ଥିଲା, ଅଛି ଏବଂ ରହିବ । ଅରୁଣାଚଳ ପ୍ରଦେଶର କିଛି ସ୍ଥାନ ପାଇଁ ଚାଇନା ଦ୍ୱାରା ଏହାର ନାମ ଘୋଷଣା କରାଯିବା ପରେ ପ୍ରତିକ୍ରିୟା ଦେଇ ଭାରତ ଏହି ମନ୍ତବ୍ୟ ଦେଇଛି । ଚାଇନା ଦାବି କରେ ଯେ, ଅରୁଣାଚଳ ପ୍ରଦେଶ ତିବ୍ବତର ଦକ୍ଷିଣ ଅଂଶ । ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଆମେ ଦେଖୁଛୁ ଯେ ଚାଇନା ଭାରତୀୟ ରାଜ୍ୟ ଅରୁଣାଚଳ ପ୍ରଦେଶର ସ୍ଥାନଗୁଡ଼ିକର ନାମ ପରିବର୍ତ୍ତନ କରିବା ପାଇଁ ନିରର୍ଥକ ଏବଂ ଅବାନ୍ତର ପ୍ରୟାସ କରୁଛି । ଆମର ନୀତିଗତ ଦୃଷ୍ଟିକୋଣ ଅନୁଯାୟୀ ଆମେ ଏପରି ପ୍ରୟାସକୁ ସ୍ପଷ୍ଟ ଭାବରେ ପ୍ରତ୍ୟାଖ୍ୟାନ କରୁଛୁ । ଚାଇନା ପୂର୍ବରୁ ଭାରତ ପାକିସ୍ତାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଥିଲା । ୨୨ ଏପ୍ରିଲରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପାକିସ୍ତାନ ସହିତ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ କରିଥିଲା । ଏହା ବ୍ୟତୀତ କୂଟନୈତିକ ସମ୍ପର୍କ ମଧ୍ୟ ଛିନ୍ନ କରାଯାଇଥିଲା । ପାକିସ୍ତାନୀମାନଙ୍କ ଭିଜା ବାତିଲ କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟାନୁଷ୍ଠାନ ପରେ, ଭାରତ ପାକିସ୍ତାନ ଏବଂ ଚଙ୍କର ୯ଟି ସ୍ଥାନରେ ଆକ୍ରମଣ କରିଥିଲା । ଏଥିରେ ୧୦୦ରୁ ଅଧିକ ଆତଙ୍କବାଦୀ ନିହତ ହୋଇଥିଲେ ।

# ରାଜନୀତିରେ ଯୋଗ ଦେଇପାରନ୍ତି ରୋହିତ



ମୁମ୍ବାଇ, ୧୪।୫: ହିଟ୍ ମ୍ୟାନ୍ ତଥା ଭାରତୀୟ ଅଧିନାୟକ ରୋହିତ ଶର୍ମା ମେ ୭ତାରିଖରେ ଟେଷ୍ଟ୍ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇଥିଲେ ଇଂଲଣ୍ଡ ଗସ୍ତରେ ତାଙ୍କୁ ଅଧିନାୟକ ପଦରୁ ହଟାଇବାକୁ ଚୟନକର୍ତ୍ତା ନୀତିଗତ ନିଷ୍ପତ୍ତି ନେଇ ସାରିଥିବାର ଖବର ପଦାକୁ ଆସିବାର କିଛି ସମୟ ଭିତରେ ହିଁ ରୋହିତ ନିଜ ଇନ୍‌ଷ୍ଟାଗ୍ରାମ ପୃଷ୍ଠାରେ ଲେଖି ଟେଷ୍ଟ୍‌ରୁ ଅବସର ଘୋଷଣା କରିଥିଲେ। ତେବେ ପୂର୍ବଭଳି ସେ ଦିନିକିଆ କ୍ରିକେଟ୍ ଖେଳିବା ଜାରି ରଖିବେ।

ତେବେ ଟେଷ୍ଟ୍ କ୍ରିକେଟ୍‌ରୁ ସନ୍ନ୍ୟାସ ନେବା ପରେ ରୋହି ରାଜନୀତିରେ ଯୋଗ ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି ।ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ମୁମ୍ବାଇରେ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ବର୍ଷା ବଙ୍ଗଳାରେ ରୋହିତ ଶର୍ମାଙ୍କୁ ଭେଟିଥିଲେ ଏହି ସମୟର ଏକ ଫଟୋ ଭାଇରାଲ ହେବା ପରେ ଏବେ ସେ ରାଜନୀତିରେ ଯୋଗ ଦେଇପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି।ରୋହିତଙ୍କ ସହ ଫଟୋ ସେୟାର କରି ଦେବେନ୍ଦ୍ର ଫଡନାଭିସ୍ ଲେଖିଛନ୍ତି ଯେ, ଭାରତୀୟ କ୍ରିକେଟର ରୋହିତ ଶର୍ମାଙ୍କୁ ମୋର ସରକାରୀ ବାସଭବନ ବର୍ଷାରେ ସ୍ୱାଗତ କରିବା, ତାଙ୍କ ସହ ସାକ୍ଷାତ କରିବା ଏବଂ ତାଙ୍କ ସହିତ ଅନେକ ବିଷୟରେ ଆଲୋଚନା କରି ଭଲ ଲାଗିଲା ଟେଷ୍ଟ କ୍ରିକେଟରୁ ଅବସର ଏବଂ ତାଙ୍କ ଯାତ୍ରାର ପରବର୍ତ୍ତୀ ଅଧ୍ୟାୟରେ ସଫଳତା ପାଇଁ ମୁଁ ତାଙ୍କୁ ଶୁଭେଚ୍ଛା ଜଣାଇଲି। ଫଡନାଭିସ୍‌ଙ୍କ ଏହି ପୋଷ୍ଟ ପରେ ଲୋକେ ରୋହିତଙ୍କୁ ମହାରାଷ୍ଟ୍ରର ଆଗାମୀ ମୁଖ୍ୟମନ୍ତ୍ରୀ ବୋଲି କହିବା ସହ କେହି କେହି ତାଙ୍କୁ ଆଗାମୀ ପ୍ରଧାନମନ୍ତ୍ରୀ ବୋଲି କମେଣ୍ଟରେ ଲେଖିଥିବା ଦେଖାଯାଇଛି ।

# ସନ୍ନ୍ୟାସ ପଛରେ ଅଧିନାୟକ ପଦ !



ନୂଆଦିଲ୍ଲୀ, ୧୪।୫: ଟେଷ୍ଟ୍ କ୍ରିକେଟ୍‌ରେ କୋହଲି ଯୁଗର ଅବସାନ ଘଟିଛି। ଭାରତୀୟ କ୍ରିକେଟ୍‌ର ଅନ୍ୟତମ ଲୋକପ୍ରିୟ, ଚର୍ଚ୍ଚିତ ତଥା କିଂବଦନ୍ତି କ୍ରୀଡ଼ା ପୁରୁଷ ବିରାଟ କୋହଲି ଅଚାନକ ଏହି ଫର୍ମାଟ୍‌ରୁ ଅବସର ଘୋଷଣା କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି। ସୋମବାର ସାମାଜିକ ଗଣମାଧ୍ୟମରେ ସେ ଏହି ବିଷୟ ଜଣାଇବା ପରେ ସମଗ୍ର କ୍ରିକେଟ୍ ଜଗତ ତାଙ୍କ ଜାଜ୍ଜ୍ୱଲ୍ୟମାନ ଟେଷ୍ଟ୍ କ୍ୟାରିୟରକୁ ସାଲ୍ୟୁଟ୍ କରିଥିଲା ସାଥୀ ଖେଳାଳିଙ୍କଠାରୁ ଆରମ୍ଭ କରି ପ୍ରତିପକ୍ଷ, ପ୍ରଶଂସକ ଏବଂ ପୂର୍ବତନ କ୍ରିକେଟ୍‌ରମାନେ କୋହଲିଙ୍କ ଏହି ନିଷ୍ପତ୍ତିରେ ବିସ୍ମୟ ପ୍ରକଟ କରିଥିଲେ ମଧ୍ୟ ପରବର୍ତ୍ତୀ ଜୀବନ ପାଇଁ ଶୁଭକାମନା ଜଣାଇଥିଲେ। ଅନ୍ୟପକ୍ଷରେ ଗୁରୁତ୍ୱପୂର୍ଣ୍ଣ ଇଂଲଣ୍ଡ ଗସ୍ତ ପୂର୍ବରୁ କୋହଲି ଏମିତି ଅବସର ଘୋଷଣା କରିବା ନେଇ ନାନା ତର୍କବିତର୍କ ଆରମ୍ଭ ହୋଇଯାଇଥିଲା। ୩୬ ବର୍ଷୀୟ କୋହଲି ପୂର୍ବରୁ ଟ୍ୱେଣ୍ଟି-୨୦ରୁ ଅବସର ନେଇ ସାରିଛନ୍ତି ଟେଷ୍ଟ୍ ଛାଡ଼ିବା ପରେ ଆଗାମୀ ସମୟରେ ପ୍ରଶଂସକ ତାଙ୍କୁ କେବଳ ଏକଦିବସୀୟ କ୍ରିକେଟ୍ ଖେଳୁଥିବାର ଦେଖିବାକୁ ପାଇବେ।

ତେବେ ହଠାତ କୋହଲି କାହିଁକି ଏଭଳି ନିଷ୍ପତ୍ତି ନେଲେ ସେ ନେଇ ଅନେକ ଚର୍ଚ୍ଚା ଚାଲିଥିବା ବେଳେ ଏବେ ତାହାର କାରଣ ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ, କୋହଲି ଏକ ନୂତନ ଚ୍ୟାଲେଞ୍ଜ ଚାହୁଁଥିଲେ, ଏହି ପରିବର୍ତ୍ତନର ପର୍ଯ୍ୟାୟରେ ଅଧିନାୟକ ଭୂମିକାକୁ ଫେରି ଦଳକୁ ସମ୍ଭାଳିବାର ସୁଯୋଗ ଚାହୁଥିଲେ। କିନ୍ତୁ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ର ଯୋଜନା କିଛି ଅଲଗା ଥିଲା।ବିସିସିଆଇ ବିରାଟଙ୍କ ପରିବର୍ତ୍ତେ ଯୁବ କ୍ରିକେଟରଙ୍କୁ ଅଧିନାୟକତ୍ୱ ଦେବାକୁ ଚାହୁଁଥିବା ଜାଣିବାକୁ ପାଇଥିଲେ। ବିରାଟ ଏହା ପରେ ବର୍ତ୍ତମାନର ପରିଚାଳନା କମିଟି ଅଧୀନରେ, ସେ ଚାହୁଁଥିବା ସ୍ୱାଧୀନତା, ପରିବେଶ ଏବଂ ଉତ୍ସାହ ତାଙ୍କୁ ମିଳୁନଥିବାରୁ ସେ ଅବସର ନେବାକୁ ନିଷ୍ପତ୍ତି ନେଇଥିଲେ ବୋଲି ଚର୍ଚ୍ଚା ହେଉଛି।

# ଗ୍ରୀଷ୍ମକାଳୀନ କରାଟେ, ଟାଇକୋଣ୍ଡୋ ପ୍ରଶିକ୍ଷଣ ଶିବିର



ବଲାଙ୍ଗିର, ୧୪।୫(ମହାଭାରତ): ସ୍ଥାନୀୟ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅସୀମ କରାଟେ ଏକାଡେମୀ ଓ ବଲାଙ୍ଗିର ଜିଲ୍ଲା ଟାଇକଣ୍ଡୋ ସଂଘର ମିଳିତ ଉଦ୍ୟମ ରେ ଗ୍ରୀଷ୍ମକାଳିନ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଜାତୀୟ ସ୍ତରରେ କରାଟେ ଓ ଟାଇକଣ୍ଡୋ କୋଚ ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିର ଆସନ୍ତା ଜୁନ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦିଆଯାଇଛି। ଉଦ୍‌ଘାଟନୀଉତ୍ସବ ରେ ମୁଖ୍ୟ ଅତିଥି ରୂପେ ବଲାଙ୍ଗିର ଉପଜିଲ୍ଲାପାଳ ଅଜିତ ପଟେଲ ଯୋଗଦାନ ଦେଇ ଛାତ୍ର ଛାତ୍ରୀମାନଙ୍କୁ ଟାଇକଣ୍ଡୋ ଓ କରାଟେ ଖେଳରେ ରୁଚି ରଖିବାକୁ ପରାମର୍ଶ ଦେବା ସଙ୍ଗେ ଅସୀମ ଭୋଇଙ୍କୁ ପ୍ରଶଂସା କରିଥିଲେ। ଏହି ଗ୍ରୀଷ୍ମକାଳିନ ଶିବିରରେ କରାଟେ, ଟାଇକଣ୍ଡୋ, ଝିଅମାନଙ୍କ ପାଇଁ ଆତ୍ମରକ୍ଷା କୌଶଳ, ଲାଠି ଚାଳନା, ନାନ୍‌ଚାକୁ, ଓଜନ ହ୍ରାସ ପ୍ରଭୃତି ଟ୍ରେନିଂ ଦିଆଯାଉଥିବା କୋଚ ଶ୍ରୀ ଭୋଇ ପ୍ରକାଶ କରିଛନ୍ତି । ଏହି ଶିବିରରେ ୪ ବର୍ଷରୁ ୪୫ ବର୍ଷ ପର୍ଯ୍ୟନ୍ତ ବାଳକ ଓ ବାଳିକା ପ୍ରଶିକ୍ଷଣ ନେଇ ପାରିବେ ।

# ପାକିସ୍ତାନ ଗସ୍ତକୁ ନେଇ ବାଂଲାଦେଶ ଚିନ୍ତିତ

ଢାକା, ୧୪।୫: ଆସନ୍ତା ୨୫ ତାରିଖରୁ ପାକିସ୍ତାନରେ ଆରମ୍ଭ ହେବାକୁ ଥିବା ବାଂଲାଦେଶ ବିପକ୍ଷ ଟି୨୦ ସିରିଜକୁ ନେଇ ଅନିଶ୍ଚିତତା ଦେଖାଦେଇଛି । ଭାରତ ଓ ପାକିସ୍ତାନ ମଧ୍ୟରେ ବୃଦ୍ଧି ପାଇଥିବା ଉତ୍ତେଜନା ଯୋଗୁ ଏହି ୫ ମ୍ୟାଚ୍ ବିଶିଷ୍ଟ ସିରିଜର ଭବିଷ୍ୟତକୁ ନେଇ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ଚିନ୍ତା ପ୍ରକଟ କରିଛି ଏହି ସିରିଜ ଲାଗି ବିସିବି ଅଧିକାରୀମାନେ ଶେର-ଇ-ବାଂଲା ନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ଏକତ୍ରିତ ହୋଇ ସିରିଜ୍ ସହ ଜଡ଼ିତ ବିପଦ ସମ୍ପର୍କରେ ଆଲୋଚନା କରିଥିଲେ।ଦଳର ଆଗାମୀ ପାକିସ୍ତାନ ଟୁର ଲାଗି ପାକିସ୍ତାନ କ୍ରିକେଟ ବୋର୍ଡ ସହ ଚାଲିଥିବା ଆଲୋଚନା ସକ୍ରିୟ ରହିଛି। ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କ ସୁରକ୍ଷାକୁ ଆମେ ପ୍ରାଥମିକତା ଦେଉଛୁ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

# କୋହଲି ଓ ରୋହିତଙ୍କ ଦରମାରେ ହ୍ରାସ ପାଇବନି



ନୂଆଦିଲ୍ଲୀ, ୧୪।୫: ଭାରତୀୟ କ୍ରିକେଟ ଦଳର ଦୁଇ କିମ୍ବଦନ୍ତୀ ବିରାଟ କୋହଲି ଏବଂ ରୋହିତ ଶର୍ମା ଟେଷ୍ଟ କ୍ରିକେଟରୁ ଅବସର ନେଇସାରିଛନ୍ତି। ପୂର୍ବରୁ ଉଭୟ ଷ୍ଟାର ବ୍ୟାଟସମ୍ୟାନ ଟି-୨୦ ଆନ୍ତର୍ଜାତୀୟ ଦଳ ଛାଡି ସାରିଥିଲେ। ଏବେ ପ୍ରଶ୍ନ ଉଠୁଛି ଯେ ଉଭୟଙ୍କ କେନ୍ଦ୍ରୀୟ ଚୁକ୍ତିନାମାର କାଟାଗୋରି ପରିବର୍ତ୍ତନ ହେବ। କି ? ଆପଣଙ୍କୁ କହି ରଖୁଛୁ ଯେ ନିକଟରେ ବିସିସିଆଇ କେନ୍ଦ୍ରୀୟ ଚୁକ୍ତିନାମାର ତାଲିକା ପ୍ରକାଶ କରିଥିଲା ଏଥିରେ ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କୁ + ବର୍ଗରେ ରଖାଯାଇଥିଲା, କିନ୍ତୁ ଏବେ ଉଭୟ ଟେଷ୍ଟରୁ ଅବସର ନେଇସାରିଛନ୍ତି ଦୁହେଁ କେବଳ ଦିନିକିଆ। ମ୍ୟାଚ ଖେଳିବେ।

ଏପରି ପରିସ୍ଥିତିରେ, ବିସିସିଆଇ ଉଭୟଙ୍କ ଦରମା ହ୍ରାସ କରିବ କି ନାହିଁ ? ବିସିସିଆଇ ସଚିବ ଦେବଜିତ ସାଇକିଆ। ବିରାଟ ଏବଂ ରୋହିତଙ୍କ କେନ୍ଦ୍ରୀୟ ଚୁକ୍ତି ବର୍ଗ ବିଷୟରେ ଏକ ବଡ଼ ସୂଚନା ଦେଇଛନ୍ତି। ବିସିସିଆଇ ସଚିବ କହିଛନ୍ତି ଯେ ବିରାଟ କୋହଲି ଏବଂ ରୋହିତ ଶର୍ମା ବିସିସିଆଇ କେନ୍ଦ୍ରୀୟ ଚୁକ୍ତିନାମାର ଏ ପ୍ଲସ୍ ବର୍ଗରେ ରହିବେ। ଏଥିରୁ ଏବେ ଏହା ସ୍ପଷ୍ଟ ଯେ ଉଭୟଙ୍କ ଦରମାରେ କୌଣସି ହ୍ରାସ ହେବ ନାହିଁ ଦୁହେଁ ବିସିସିଆଇ ଠାରୁ ବାର୍ଷିକ ୭ କୋଟି ଟଙ୍କା ପାଇବେ।ଆପଣଙ୍କ ସୂଚନା ପାଇଁ, ଆମେ ଆପଣଙ୍କୁ କହି ରଖୁଛୁ ଯେ ବିସିସିଆଇ କେବଳ ସେହି ଖେଳାଳିଙ୍କୁ କେନ୍ଦ୍ରୀୟ ଚୁକ୍ତିନାମାରେ ସାମିଲ କରେ ଯେଉଁମାନେ ଗୋଟିଏ ବର୍ଷରେ ଅତି କମରେ ୩ଟି ଟେଷ୍ଟ, ୮ଟି ଦିନିକିଆ। କିମ୍ବା ୧୦ଟି ଟି-୨୦ ଆନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି ଯଦି ଜଣେ ଖେଳାଳି ଟେଷ୍ଟ ନ ଖେଳି ଦିନିକିଆ। ଏବଂ ଟି-୨୦ ଖେଳନ୍ତି ତେବେ ତାଙ୍କୁ ଚୁକ୍ତିରେ ସାମିଲ କରାଯାଏ ଉଲ୍ଲେଖ ଥାଉ କି ଏ ପ୍ଲସ୍ ବର୍ଗରେ ରୋହିତ ଶର୍ମା, ବିରାଟ କୋହଲି, ଜସପ୍ରୀତ ବୁମ୍ରା, ରବିନ୍ଦ୍ର ଜାଡେଜା ପ୍ରମୁଖ ଖେଳାଳି ଅଛନ୍ତି ।

# ଜାଡେଜାଙ୍କ ବିଶ୍ୱ କୀର୍ତ୍ତିମାନ



ନୂଆଦିଲ୍ଲୀ, ୧୪।୫:ଭାରତୀୟ ଟିମର ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଐତିହାସିକ ରେକର୍ଡ କରିଛନ୍ତି। କ୍ରିକେଟ ଇତିହାସରେ ସେ ନୂଆ। କୀର୍ତ୍ତିମାନର ଅଧିକାରୀ ହୋଇଛନ୍ତି।କେହି କେବେ କଳ୍ପନା କରି ନଥିବା ରେକର୍ଡ ଜାଡେଜା ହାସଲ କରିପାରିଛନ୍ତି। ସେ ବିଶ୍ୱର ଏକମାତ୍ର କ୍ରିକେଟର ଯିଏ ଦୀର୍ଘ ସମୟ ଧରି ଆଇସିସି ଟେଷ୍ଟ ଅଲରାଉଣ୍ଡରର ୧ନଂ ସ୍ଥାନରେ ରହିବାକୁ ସକ୍ଷମ ହୋଇଛନ୍ତି।

ଦୀର୍ଘ ୧୧୫୧ ଦିନ ହେଲା ଜାଡେଜାଙ୍କୁ କେହି ବି ଟେଷ୍ଟ ଅଲରାଉଣ୍ଡର ରାଙ୍କିଙ୍ଗର ୧ନଂ ସ୍ଥାନରୁ ହଟାଇବାକୁ ସକ୍ଷମ ହୋଇ ନାହାନ୍ତି। ଏପରି ବିରଳ କୀର୍ତ୍ତିମାନ ପୂର୍ବରୁ ବିଶ୍ୱର କୌଣସି କ୍ରିକେଟର କେବେ ହେଲେ ହାସଲ କରି ନଥିଲେ। ଷ୍ଟାର ସ୍ପିନର ଓ ଭାରତୀୟ ଟିମର ଭରସାଯୋଗ୍ୟ ନିମ୍ନକ୍ରମ ବ୍ୟାଟର ଚଳିତ ସପ୍ତାହରେ ମଧ୍ୟ ଆଇସିସି ପକ୍ଷରୁ ଜାରି ଟେଷ୍ଟ ଅଲରାଉଣ୍ଡର ରାଙ୍କିଙ୍ଗର ୧ନଂ ସ୍ଥାନରେ ଅତୁଟ ରହିଛନ୍ତି।

ଦୀର୍ଘ ୧୧୫୧ ଦିନ ଧରି ୧ନଂ ସ୍ଥାନରେ ରହିବା ଟେଷ୍ଟ କ୍ରିକେଟରେ ଜାଡେଜାଙ୍କ ଦବଦବା ଓ ସ୍ଥିରତାକୁ ପ୍ରଦର୍ଶିତ କରିଛି। ବ୍ୟାଟିଂ ପାଇଁ ଆଦୌ ଉପଯୁକ୍ତ ନଥିବା ପିଚ୍ରେ ଗୁରୁତ୍ୱପୂର୍ଣ୍ଣ ଅର୍ଦ୍ଧ ଶତକ ହାସଲ କରିବା ଠାରୁ ଟର୍ଣ୍ଣିଂ ଟ୍ରାକରେ ୫ ୱିକେଟ ଦଖଲ କରିବା ୩୬ ବର୍ଷୀୟ ଜାଡେଜାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି।ଖାସ ଏହି କାରଣ ପାଇଁ ସେ ଭାରତୀୟ ଟେଷ୍ଟ ଟିମର ମେରୁଦଣ୍ଡ ହୋଇ ରହିଛନ୍ତି।

୨୦୨୪ରେ ଆଇସିସି ଟେଷ୍ଟ ଟିମରେ ନିଜ ସ୍ଥାନ ହାସଲ କରିବାକୁ ସକ୍ଷମ ହୋଇଥିବା ଜାଡେଜା ନିଜର ପ୍ରଦର୍ଶନ ଦ୍ୱାରା ସମସ୍ତଙ୍କ ପ୍ରଭାବିତ କରିପାରିଛନ୍ତି। ଗତବର୍ଷ ଜାଡେଜା ୨୯.୨୭ ହାରରେ ୫୨୭ ରନ କରିବା ସହ ୨୪.୨୯ ବୋଲିଂ ହାରରେ ୪୮ଟି ୱିକେଟ ନେଇଥିଲେ। ଦୀର୍ଘ ସମୟ ଧରି ଆଇସିସି ଟେଷ୍ଟ ଅଲରାଉଣ୍ଡର ତାଲିକାରେ ରହିଥିବା କିମ୍ବଦନ୍ତୀ କ୍ରିକେଟର ଜ୍ୟାକ କାଲିସ, କପିଲ ଦେବ ଓ ଇମ୍ରାନ ଖାନଙ୍କ ଭଳି ଖେଳାଳିଙ୍କୁ ଜାଡେଜା ପଛରେ ପକାଇ ଦେଇଛନ୍ତି।

ଜାଡେଜାଙ୍କ ପୂର୍ବରୁ ୱେଷ୍ଟଇଣ୍ଡିଜର ପୂର୍ବତନ ଅଲରାଉଣ୍ଡର ଜେସନ ହୋଲ୍ଡର ଆଇସିସି ଟେଷ୍ଟ ଅଲରାଉଣ୍ଡର ରାଙ୍କିଙ୍ଗର ୧ନଂ ସ୍ଥାନରେ ରହିଥିଲେୟ କିନ୍ତୁ ୨୦୨୨ ମସିହା ମାର୍ଚ୍ଚ ମାସରେ ଜାଡେଜା ତାଙ୍କୁ ପଛରେ ପକାଇ ୧ନଂ ସ୍ଥାନ ଦଖଲ କରିଥିଲେ। ସେବେଠାରୁ ଲଗାତାର ୧୧୫୧ ଦିନ ହେଲା ଜେଡେଜା ସେହି ୧ନଂ ସ୍ଥାନରେ ରହିଛନ୍ତି। ଏବେ ତାଙ୍କ ପଏଣ୍ଟ ୪୦୦ ରହିଛିୟ ତାଙ୍କ ପଛକୁ ବାଂଲାଦେଶର ମେହିଦୀ ହାସନ ମିରାଜ ରହିଛନ୍ତି। ସେ ଧୀରେଧୀରେ ଜାଡେଜାଙ୍କ ନିକଟବର୍ତ୍ତୀ ହେଉଥିଲେ ହେଁ ତାଙ୍କ ପଏଣ୍ଟ ସଂଖ୍ୟା ୩୨୭ ରହିଛି।

ମିରାଜ ନିକଟରେ ଜିମ୍ବାୱେ ବିପକ୍ଷ ଟେଷ୍ଟ ସିରିଜରେ ୧୧୬ ରନ କରିବା ସହ ୧୫ଟି ୱିକେଟ ନେଇଥିଲେୟ ତେଣୁ ଆଇସିସି ଅଲରାଉଣ୍ଡର ତାଲିକାର ଦ୍ୱିତୀୟ ସ୍ଥାନକୁ ସେ ଉଠିଛନ୍ତିୟ ୩୨୭ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ପଏଣ୍ଟୟ ହେଲେ ଜାଡେଜାଙ୍କ ଠାରୁ ଏହା ୨୭ କମ।

# ନୀରଜ ଚୋପ୍ରାଙ୍କୁ ଭାରତୀୟ ସେନାରେ ମିଳିଲା ବଡ଼ ପଦବୀ




ନୂଆଦିଲ୍ଲୀ, ୧୪।୫: ଭାରତର ଗୌରବ ଏବଂ ଦୁଇଥରର ଅଲିମ୍ପିକ୍ ପଦକ ବିଜେତା ନୀରଜ ଚୋପ୍ରାଙ୍କୁ ଭାରତୀୟ ସେନାର ଟେରିଟୋରିଆଲ ଆର୍ମୀରେ ଲେଫ୍ଟିନେଣ୍ଟ କର୍ଣ୍ଣେଲ ପଦବୀରେ ସମ୍ମାନିତ କରାଯାଇଛି। ଏହି ସମ୍ମାନ ତାଙ୍କୁ ତାଙ୍କର କ୍ରୀଡ଼ା କ୍ଷେତ୍ରରେ ଅସାଧାରଣ ପ୍ରଦର୍ଶନ ଏବଂ ଦେଶ ପାଇଁ ଗୌରବ ଆଣିଥିବା ଯୋଗଦାନ ପାଇଁ ପ୍ରଦାନ କରାଯାଇଛି।ଏହି ପଦବୀ ସହିତ ନୀରଜ ଜାଭେଲିନ୍ ଥ୍ରୋରେ ବିଶ୍ୱକୁ ଜିତିବା ସହ ସେନାରେ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମଧ୍ୟ ଗ୍ରହଣ କରିବେ।

୨୬ ବର୍ଷୀୟ ନୀରଜ ଚୋପ୍ରା, ଯିଏ ହରିୟାଣାର ପାନିପତ ନିକଟସ୍ଥ ଖାଣ୍ଡା ଗାଁରୁ ଆସିଛନ୍ତି, ୨୦୨୧ ମସିହାରେ ଟୋକିଓ ଅଲିମ୍ପିକ୍‌ରେ ୮୭.୫୮ ମିଟର ଜାଭେଲିନ୍ ଥ୍ରୋରେ ଭାରତ ପାଇଁ ପ୍ରଥମ ଆଥଲେଟିକ୍ସ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହାପରେ ୨୦୨୪ ପ୍ୟାରିସ ଅଲିମ୍ପିକ୍‌ରେ ସେ ୮୯.୪୫ ମିଟର ଫିଙ୍ଗି ରୌପ୍ୟ ପଦକ ହାସଲ କରି ଭାରତର ଗୌରବ ବୃଦ୍ଧି କରିଥିଲେ। ସେ ଭାରତର ଏକମାତ୍ର ଆଥଲିଟ ଯିଏ ଦୁଇଟି ଭିନ୍ନ ଅଲିମ୍ପିକ୍ ପଦକ (ସ୍ୱର୍ଣ୍ଣ ଓ ରୌପ୍ୟ) ଜିତିଛନ୍ତି। ନୀରଜ ବର୍ତ୍ତମାନ ଭାରତୀୟ ସେନାରେ ସୁବେଦାର ମେଜର ଭାବେ କାର୍ଯ୍ୟ କରୁଛନ୍ତି ଏହି ନୂଆ। ପଦବୀ ତାଙ୍କୁ ସେନାରେ ଏକ ଉଚ୍ଚ ସ୍ଥାନ ପ୍ରଦାନ କରିଛି, ଯାହା ତାଙ୍କର ଦେଶପ୍ରେମ ଓ ସେବା ପ୍ରତି ନିଷ୍ଠାକୁ ସୂଚାଇଛି।

# କୋହଲିଙ୍କ ସାଙ୍ଗକୁ କୋଚ ଭାବେ ନିଯୁକ୍ତ କଲା ପାକିସ୍ତାନ

ନୂଆଦିଲ୍ଲୀ, ୧୪।୫: ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଏହାର ଦିନିକିଆ। ଏବଂ ଟି୨୦ ଦଳ ପାଇଁ ନୂତନ ପ୍ରଶିକ୍ଷକ ଘୋଷଣା କରିଛି। ଏହି କାମ ପାଇଁ, ପିସିବି ଜଣେ ବ୍ୟକ୍ତିଙ୍କୁ ଚୟନ କରିଛି ଯିଏ ବିରାଟ କୋହଲିଙ୍କ ସହ ଦୀର୍ଘ ସମୟ ଧରି କାମ କରିଛନ୍ତି ବର୍ତ୍ତମାନ, ଏହି ଅଭିଜ୍ଞ ଖେଳାଳି ପାକିସ୍ତାନ ସୁପର ଲିଗ୍ (ପିଏସଏଲ) ଦଳରେ ପ୍ରଶିକ୍ଷକ ଭାବରେ କାର୍ଯ୍ୟ କରୁଛନ୍ତି ଏହି ବ୍ୟକ୍ତିଙ୍କ ନାମ ମାଇକ ହେସନ, ଯିଏ ଦୀର୍ଘ ସମୟ ଧରି ନ୍ୟୁଜିଲ୍ୟାଣ୍ଡ କ୍ରିକେଟ ଦଳର ପ୍ରଶିକ୍ଷକ ମଧ୍ୟ ଥିଲେ । ପିସିବି କହିଛି ଯେ ହେସନ ମେ ୨୬ରେ ପିଏସଏଲ ଶେଷ ହେବା ପରେ ଦଳରେ ଯୋଗଦେବେ ସେ ବର୍ତ୍ତମାନ ଇସଲାମାବାଦ ୟୁନାଇଟେଡର ପ୍ରଶିକ୍ଷକ ଅଛନ୍ତି।

ହେସନଙ୍କର ପ୍ରଶିକ୍ଷକ ଭାବରେ ବହୁତ ଅଭିଜ୍ଞତା ଅଛି ନ୍ୟୁଜିଲାଣ୍ଡ ଦଳର ପ୍ରଶିକ୍ଷକ ହେବା ବ୍ୟତୀତ ସେ ଆଇପିଏଲରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ପ୍ରଶିକ୍ଷକ ମଧ୍ୟ ରହିସାରିଛନ୍ତି। ସେବେଠାରୁ, ତାଙ୍କର ଏବଂ କୋହଲିଙ୍କ ବନ୍ଧୁତାକୁ ବହୁତ ଘନିଷ୍ଠ ବୋଲି ବିବେଚନା କରାଯାଏ ପିସିବି ଅଧକ୍ଷ ମୋହସିନ ନକଭି କହିଛନ୍ତି ଯେ ହେସନ ତାଙ୍କ ସହିତ ଅନ୍ତର୍ଜାତୀୟ ପ୍ରଶିକ୍ଷକ ଅଭିଜ୍ଞତାର ଏକ ଭଣ୍ଡାର ଆଣିଛନ୍ତି ଏବଂ ତାଙ୍କର ଟ୍ରାକ୍ ରେକର୍ଡ ବହୁତ ଭଲ ହେସନଙ୍କ ଅଭିଜ୍ଞତା ଏବଂ ନେତୃ ଆମକୁ ପାକିସ୍ତାନ କ୍ରିକେଟର ଭବିଷ୍ୟତ ଗଢ଼ିବାରେ ସାହାଯ୍ୟ କରିବ, ବୋଲି ନକଭି କହିଛନ୍ତି।

୨୦୨୩ ମସିହାରୁ ହେସନ୍ ପାକିସ୍ତାନର ପଞ୍ଚମ ବିଦେଶୀ ପ୍ରଶିକ୍ଷକ ହେବେ ଏହି ସମୟ ମଧ୍ୟରେ ଗ୍ରାଣ୍ଟ ବ୍ରାଡବର୍ଣ୍ଣ, ମିକି ଆର୍ଥର, ସିମନ ହେଲମେଟ, ଗ୍ୟାରି କର୍ଷ୍ଟନ୍ ଏବଂ ଜାସନ୍ ଗିଲେସ୍ପି ପାକିସ୍ତାନ ଦଳର ପ୍ରଶିକ୍ଷକ ଦାୟିତ୍ୱ ନେଇଥିଲେ କର୍ଷ୍ଟନ୍ ଏବଂ ଜାସନ୍ ଗିଲେସ୍ପିଙ୍କର ପିସିବି ସହିତ ବିବାଦ ହୋଇଥିଲା ଏବଂ ଏହା ପରେ ସେମାନେ ଇସ୍ତଫା ଦେଇଥିଲେ ବାସ୍ତବରେ ପାକିସ୍ତାନ କ୍ରିକେଟ୍ ସାମ୍ପ୍ରତିକ ସମୟରେ ବହୁତ ଅସ୍ଥିରତା ମଧ୍ୟରେ ଗତି କରୁଛି କେତେବେଳେ ଦଳରେ ବିଦେଶୀ ପ୍ରଶିକ୍ଷକ ରହୁଛନ୍ତି ତ କେତେବେଳେ ସ୍ଥାନୀୟ ପ୍ରଶିକ୍ଷକ କାମ ସମ୍ଭାଳୁଛନ୍ତି ପୂର୍ବତନ ପାକିସ୍ତାନ ଅଫ୍ ସ୍ପିନର ସକଲେନ୍ ମୁସ୍ତାକ, ମହମ୍ମଦ ହାଫିଜ୍ ଏବଂ ଆକିବ୍ ଜାଭେଦ୍ ମଧ୍ୟ ଦଳର ପ୍ରଶିକ୍ଷଣ ଦାୟିତ୍ୱ ନେଇଥିଲେ କିନ୍ତୁ ଅଧିକ ସମୟ ପାଇଁ ରହିପାରିଲେ ନାହିଁ ଏପରି ପରିସ୍ଥିତିରେ, ପ୍ରଶ୍ନ ଉଠୁଛି ଯେ ହେସନ ତାଙ୍କର କାର୍ଯ୍ୟକାଳ ପୂରଣ କରିପାରିବେ କି ନାହିଁ ନା ତାଙ୍କ ରାସ୍ତାରେ କିଛି ବିବାଦ ଆସିବ।

# ଦିଲ୍ଲୀ କ୍ୟାପିଟାଲସରୁ ବାଦ ପଡିଲେ ଅଷ୍ଟ୍ରେଲୀୟ ତାରକା




ନୂଆଦିଲ୍ଲୀ, ୧୪।୫: ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାନେଜମେଣ୍ଟ ଦଳରେ ଏକ ବଡ଼ ପରିବର୍ତ୍ତନ କରିଛି ।ଆଇପିଏଲ ୨୦୨୫ ପୁନଃଆରମ୍ଭ ହେବା ପୂର୍ବରୁ ଓପନର ଜେକ୍ ଫ୍ରେଜର-ମ୍ୟାକଗର୍କଙ୍କୁ ଦିଲ୍ଲୀ ଦଳରୁ ବାଦ ଦିଆଯାଇଛି ଦଳ ପ୍ଲେଅଫ୍ ଦୌଡ଼ରେ ପହଞ୍ଚିବା ଠାରୁ ମାତ୍ର କିଛି ପାଦ ଦୂରରେ ଥିବା ସମୟରେ ଏହି ନିଷ୍ପତ୍ତି ନିଆଯାଇଛି ।ଦିଲ୍ଲୀ ପାଇଁ ଆଗାମୀ ସମସ୍ତ ମ୍ୟାଚ୍ ଜିତିବା ବହୁତ ଗୁରୁପୂର୍ଣ୍ଣ ଦିଲ୍ଲୀ କ୍ୟାପିଟାଲ୍ସ ଦଳରୁ ବାଦ ପଡ଼ିବା ପରେ ବାଂଲାଦେଶୀ ଖେଳାଳି ଓପନର ଜେକ୍ ଫ୍ରେଜର-ମ୍ୟାକଗର୍କଙ୍କ ସ୍ଥାନ ନେଇଛନ୍ତି ।ମୁସ୍ତାଫିଜୁର ରହମାନ ୨ ବର୍ଷ ପରେ ଦିଲ୍ଲୀ ଦଳକୁ ଫେରିଛନ୍ତି। ଦିଲ୍ଲୀ କ୍ୟାପିଟାଲ୍ସର ଅଫିସିଆଲ୍ ଆକାଉଣ୍ଟରେ ଏହି ସୂଚନା ସେୟାର କରାଯାଇଛି ବାଂଲାଦେଶର ଏହି ଦ୍ରୁତ ବୋଲରଙ୍କ ସହ ଦିଲ୍ଲୀ ଦଳ ଏବେ ପ୍ଲେଅଫରେ ନିଜର ସ୍ଥାନ ସୁରକ୍ଷିତ କରିବାକୁ ଚାହିଁବ ।ଦିଲ୍ଲୀ କ୍ୟାପିଟାଲ୍ସ ଦଳ ଆଇପିଏଲ ପଏଣ୍ଟ ଟେବୁଲରେ ୫ ନମ୍ବରରେ ଅଛି ଦିଲ୍ଲୀ ଏପର୍ଯ୍ୟନ୍ତ ୧୧ଟି ମ୍ୟାଚ୍ ଖେଳିଛି, ଯେଉଁଥିରେ ଦଳ ୬ଟି ମ୍ୟାଚ୍ ଜିତିଛି ଏବଂ ୪ଟିରେ ପରାସ୍ତ ହୋଇଛି ।ଦିଲ୍ଲୀର ଗୋଟିଏ ମ୍ୟାଚ୍ ମଧ୍ୟ ଡ୍ର ରହିଥିଲା ।ଏହି ୧୧ଟି ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୧୩ ପଏଣ୍ଟ ପାଇଛି ଟୁର୍ଣ୍ଣାମେଣ୍ଟର ଆରମ୍ଭରେ ଦିଲ୍ଲୀ ଦଳ ଭଲ ପ୍ରଦର୍ଶନ କରୁଥିଲା, କିନ୍ତୁ ଗତ ପାଞ୍ଚଟି ମ୍ୟାଚ୍ ରେ ଦଳ କେବଳ ଗୋଟିଏ ମ୍ୟାଚ୍ ଜିତିଛି।

ଦିଲ୍ଲୀ କ୍ୟାପିଟାଲ୍ସ ଏବେ ବି ପ୍ଲେଅଫ୍ ଦୌଡ଼ରେ ରହିଛି। ଅକ୍ଷର ପଟେଲଙ୍କ ଅଧିନାୟକତ୍ୱରେ ଡିସି ଏବେ ବି ତିନୋଟି ମ୍ୟାଚ୍ ଖେଳିବାକୁ ବାକି ଅଛି, ଯେଉଁଥିରୁ ଦୁଇଟି ମ୍ୟାଚ୍ ଜିତିବା ବହୁତ ଗୁରୁତ୍ୱପୂର୍ଣ୍ଣ ଯଦି ଦିଲ୍ଲୀ ଏହି ୩ଟି ମ୍ୟାଚ୍ ରୁ ୨ଟିରେ ହାରିଯାଏ, ତେବେ ଦଳ ପାଇଁ ପ୍ଲେଅଫରେ ପହଞ୍ଚିବା କଷ୍ଟକର ହୋଇଯିବ ଦିଲ୍ଲୀ ୧୮ ମଇରେ ଗୁଜରାଟ ବିପକ୍ଷରେ ତାର ୧୨ତମ ମ୍ୟାଚ୍ ଖେଳିବ ଏହା ପରେ ଡିସିର ମୁମ୍ବାଇ ଏବଂ ପଞ୍ଜାବ ବିପକ୍ଷରେ ମଧ୍ୟ ମ୍ୟାଚ୍ ଖେଳିବାର ଅଛି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ